# ଉତ୍କଳ ପ୍ରସଙ୍ଗ

...cence No. C.R.N.P. 5-Licensed to post without pre-payment ... Regd. No. 0-05/91



କଟକ ଚଣ୍ଡୀରୋଡ୍ ଶେଖ୍‌ବଜାର ପୂଜା କମିଟି ଦ୍ୱାରା ନୂତନ ଭାବେ ନିର୍ମିତ ହୋଇଥିବା ଦ୍ୱିତୀୟ ଚାନ୍ଦି ମେଢ଼ ଏ ବର୍ଷ ପୂଜାର ପ୍ରଧାନ ଆକର୍ଷଣ ଥିଲା । ମେଢ଼ଟିର ଉଚ୍ଚତା ୧୪ ଫୁଟ, ଓସାର ୧୦ ଫୁଟ, ସେଥିରେ ବ୍ୟବହୃତ ହୋଇଥିବା ଚାନ୍ଦିର ଓଜନ ୧୬୫ କିଃ ଗ୍ରାଃ ଏବଂ ମଜୁରି ସହ ମେଢ଼ଟିର ମୂଲ୍ୟ ଥିଲା ୧୯ ଲକ୍ଷ ଟଙ୍କା ।

... GOVERNMENT PRESS, CUTTACK-10

[illegible] ଅବସରରେ ରାଜ୍ୟପାଳ
ଶ୍ରୀ [illegible] କରେ।





କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଶ୍ରୀ ବିଦ୍ୟାଚରଣ ଶୁକ୍ଳ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ [illegible]
ସାକ୍ଷାତ କରୁଛନ୍ତି।

# ଉତ୍କଳ ପ୍ରସଙ୍ଗ

୪୮ ଭାଗ ୪ର୍ଥ ସଂଖ୍ୟା କାର୍ତ୍ତିକ ୧୯୧୩ ଶକାବ୍ଦ
ନଭେମ୍ବର ୧୯୯୧

**ସମ୍ପାଦନା ମଣ୍ଡଳୀ**

ଶ୍ରୀ ତ୍ରୈଲୋକ୍ୟନାଥ ମହାପାତ୍ର, ନିର୍ଦ୍ଦେଶକ
ପ୍ରହରାଜ ସତ୍ୟନାରାୟଣ ନନ୍ଦ, ସହ ସମ୍ପାଦକ
ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ, ସମ୍ପାଦନା ସହଯୋଗୀ

ଶ୍ରୀ ସତୀଶ ପାତ୍ର, ମୁଖ୍ୟ ସମ୍ପାଦକ

ପ୍ରଚ୍ଛଦପଟ୍ଟ—ହସ୍ତତନ୍ତ ନିର୍ଦ୍ଦେଶାଳୟଙ୍କ ସୌଜନ୍ୟରୁ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ଖବର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସମୟରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

**ପ୍ରକାଶନ**
ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଓଡ଼ିଶା ସରକାର, ଭୁବନେଶ୍ୱର

**ମୁଦ୍ରଣ**
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ଫଟୋଟାଇପ୍‌ସେଟିଙ୍ଗ୍ ପଦ୍ଧତିରେ ଅକ୍ଷର ସଂଯୋଜିତ

## ସୂଚୀ

୧ ବନ୍ୟା ପରେ ରବି ଚାଷ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ
● ଶ୍ରୀ ଜଗନ୍ନାଥ ମଲ୍ଲିକ

୨ ଗଞ୍ଜାମ ଜିଲ୍ଲାର ହସ୍ତ ଶିଳ୍ପ
● ଶ୍ରୀ ରବିନାରାୟଣ ପାଣି

୫ ଭ୍ରୁଣ ଶିଶୁ ଓ ତାର ପ୍ରତିକାର
● ଜ୍ୟୋତିର୍ମୟୀ କର

୭ ନାରୀ ମୁକ୍ତି ଆନ୍ଦୋଳନ ଓ ଅଙ୍ଗୀକାର
● ଶ୍ରୀ ଇନ୍ଦୁଭୂଷଣ କର

୯ ଚାଷୀଙ୍କ ସେବାରେ ବିହନ ନିଗମ
● ବିକ୍ରମକେଶରୀ ବର୍ମା

୧୧ ରାଜା ସୁରପ୍ରତାପଙ୍କ ପୁଣ୍ୟକୀର୍ତ୍ତି କୁଞ୍ଜକାନ୍ତ ଜୀଉ ମନ୍ଦିର
● ପ୍ରଦ୍ୟୁମ୍ନ ରଥ

୧୩ ଭାଗବତର କବି
● ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି

୧୫ ବାଲିଯାତ୍ରା
● ଶ୍ରୀ କ୍ଷୀରୋଦ ପ୍ରସାଦ ମହାନ୍ତି

୧୭ ଏକ ମହିଳା ସମିତିର ସଫଳତା
● ଡଃ ନିରୁପମା ରଥ

୧୯ ଗ୍ରାମ ଗଠନରେ ଯୁବ ସମାଜର ଭୂମିକା
● ଶ୍ରୀ ବିଚିତ୍ରାନନ୍ଦ ସାମଲ

୨୧ ଗଜପତି ଓ ମନ୍ଦିର ଆଇନ୍
● ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର

୨୪ ଓଡ଼ିଶା ପୋଲିସ୍‌ରେ ନାରୀର ଭୂମିକା
● ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର

୨୭ ସାର୍ଥକ ସ୍ୱପ୍ନ

୨୯ ସମ୍ବାଦ ପରିକ୍ରମା

୩୫ ଭକ୍ତିର ଭାବ ଜାଣେ ଜଗନ୍ନାଥ
● ଅଧ୍ୟାପକ ରାମନାରାୟଣ ସାହୁ

# ବିଶ୍ୱ ମିତବ୍ୟୟିତା ଦିବସ ଓ ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ ରାଜ୍ୟପାଳଙ୍କ ବାର୍ତ୍ତା



ବିଶ୍ୱ ମିତବ୍ୟୟିତା ଦିବସ ଓ ସଞ୍ଚୟ ପକ୍ଷ ପାଳନ ଅବସରରେ ଏକ ବାର୍ତ୍ତା ଦେଇ ଓଡ଼ିଶାର ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା କହଛନ୍ତି :

"୧୯୯୧ ଅକ୍ଟୋବର ୩୦ ତାରିଖ ଦିନ ବିଶ୍ୱ ମିତବ୍ୟୟିତା ଦିବସ ଓ ତା'ପର ଦିନଠାରୁ ନଭେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟରେ ସଞ୍ଚୟ ପକ୍ଷ ପାଳିତ ହେଉଥିବାର ଜାଣି ମୁଁ ଖୁସି ହେଲି ।

"ସ୍ୱଳ୍ପ ସଞ୍ଚୟ ଅଭିଯାନ ଜନସାଧାରଣଙ୍କ ମଧ୍ୟରେ ମିତବ୍ୟୟିତା ମନୋଭାବ ବୃଦ୍ଧି ଓ ରାଜ୍ୟର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ସମ୍ବଳ ସଂଗ୍ରହ, ଏପରି ଦୁଇଟି ଲକ୍ଷ୍ୟ ସାଧନ କରିଥାଏ । ରାଜ୍ୟର ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହରେ ସ୍ୱଳ୍ପ ସଞ୍ଚୟର ଆବଶ୍ୟକତା ଥିବା ଦୃଷ୍ଟିରୁ ବର୍ତ୍ତମାନ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯେଉଁମାନେ ସଞ୍ଚୟ ଅଭିଯାନ ସହିତ ସମ୍ପୃକ୍ତ, ସେମାନେ ସମସ୍ତେ ସ୍ୱଳ୍ପ ସଞ୍ଚୟର ବିଭିନ୍ନ ଯୋଜନାରେ ଅଧିକରୁ ଅଧିକ ଅର୍ଥ ସଂଗ୍ରହ ପାଇଁ ଯଥାସାଧ୍ୟ ଉଦ୍ୟମ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ।

"ରାଜ୍ୟର ସର୍ବାଙ୍ଗୀନ ବିକାଶ ଲାଗି ସ୍ୱଳ୍ପ ସଞ୍ଚୟ ଅଭିଯାନରେ ସକ୍ରିୟ ଅଂଶ ଗ୍ରହଣ କରି ନିଜ ନିଜର ଶକ୍ତି ମୁତାବକ ଅର୍ଥ ବିନିଯୋଗ କରିବା ପାଇଁ ଓଡ଼ିଶାର ଜନସାଧାରଣଙ୍କୁ ମୁଁ ନିବେଦନ କରୁଛି ।

"ମୁଁ ବିଶ୍ୱ ମିତବ୍ୟୟିତା ଦିବସ ତଥା ସଞ୍ଚୟ ପକ୍ଷ ପାଳନର ସଫଳତା କାମନା କରୁଛି ।"

# ବିଶ୍ୱ ମିତବ୍ୟୟିତା ଦିବସ ଓ ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ବିଶ୍ୱ ମିତବ୍ୟୟିତା ଦିବସ ଓ ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ପ୍ରଦାନ କରିଛନ୍ତି । ତାଙ୍କର ପୂର୍ଣ୍ଣାଙ୍ଗ ବାର୍ତ୍ତା ନିମ୍ନରେ ପ୍ରଦତ୍ତ ହେଲା :

"ରାଜ୍ୟରେ ପୂର୍ବବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ମାସ ୩୦ ତାରିଖ ଦିନ ବିଶ୍ୱ ମିତବ୍ୟୟିତା ଦିବସ ଓ ଏହି ଦିନଠାରୁ ନଭେମ୍ବର ମାସ ୧୪ ତାରିଖ ପର୍ଯ୍ୟନ୍ତ ସଞ୍ଚୟ ପକ୍ଷ ପାଳିତ ହେଉଥିବାର ଜାଣି ମୁଁ ବିଶେଷ ଆନନ୍ଦିତ । ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅର୍ଥ ବିନିଯୋଗକୁ ଉତ୍ସାହିତ କରିବା ନିମନ୍ତେ ଏହା ଉଦ୍ଦିଷ୍ଟ ।

"ବର୍ତ୍ତମାନ ରାଜ୍ୟର ଅର୍ଥନୈତିକ ପରିପ୍ରେକ୍ଷୀରେ ସ୍ୱଳ୍ପ ସଞ୍ଚୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ରାଜ୍ୟର ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହରେ ସ୍ୱଳ୍ପ ସଞ୍ଚୟର ଆବଶ୍ୟକତା ଅପରିହାର୍ଯ୍ୟ । ବ୍ୟକ୍ତିଗତ ଅଭିବୃଦ୍ଧିରେ ମଧ୍ୟ ଏହା ସାହାଯ୍ୟ କରେ । ତେଣୁ, ସ୍ୱଳ୍ପ ସଞ୍ଚୟର ବିଭିନ୍ନ ଯୋଜନାମାନଙ୍କରେ ଅଧିକ ଅର୍ଥ ସଂଗ୍ରହ କରିବା ଏକାନ୍ତ ଆବଶ୍ୟକ । ରାଜ୍ୟବାସୀଙ୍କୁ ମୋର ବିନମ୍ର ନିବେଦନ, ସେମାନେ ପ୍ରତ୍ୟେକେ ନିଜ ନିଜର ଶକ୍ତି ଅନୁସାରେ ଅର୍ଥ ବିନିଯୋଗ କରି ରାଜ୍ୟର ଦ୍ରୁତ ଅର୍ଥନୈତିକ ବିକାଶରେ ସହାୟ ହୁଅନ୍ତୁ ।

"ମୁଁ ବିଶ୍ୱ ମିତବ୍ୟୟିତା ଦିବସ ତଥା ସଞ୍ଚୟ ପକ୍ଷ ପାଳନର ସଫଳତା କାମନା କରୁଛି ।"

## ସମ୍ପାଦକୀୟ

# ନିର୍ମାଣ ଯୁଗର ଅଭ୍ୟୁଦୟ

ତିନି ସପ୍ତାହ ପାଇଁ ବିଦେଶ ଗସ୍ତରେ ଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ସାମ୍ବାଦିକମାନେ ପଚାରିଥିଲେ – "ଆପଣ କ'ଣ ବିଦେଶରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବେ ?" ବିଜୁବାବୁ ସ୍ମିତ ହାସ୍ୟ କରି ଉତ୍ତର ଦେଲେ, "ନିଜ ସ୍ୱାସ୍ଥ୍ୟ ଅପେକ୍ଷା ଓଡ଼ିଶାର ସ୍ୱାସ୍ଥ୍ୟ ପାଇଁ ମୁଁ ବେଶୀ ଚିନ୍ତିତ ଏବଂ ଓଡ଼ିଶାର ଜନସାଧାରଣ କିପରି ଏକ ସୁସ୍ଥ ଓ ସୁନ୍ଦର ଜୀବନ ଯାପନ କରିପାରିବେ, ବିଦେଶ ଗସ୍ତ ସମୟରେ ମୁଁ ସେଥିପାଇଁ ଉଦ୍ୟମ କରିବି ।"

ଓଡ଼ିଶା ଭାରତବର୍ଷର ଅନ୍ୟତମ ଦରିଦ୍ରତମ ରାଜ୍ୟ । ସମସ୍ତ ପ୍ରାଚୁର୍ଯ୍ୟ ଭିତରେ ମଧ୍ୟ ଆମେ ଦରିଦ୍ର କାହିଁକି ? ବିପୁଳ ଖଣିଜ ସମ୍ପଦ, ଜଙ୍ଗଲ ସମ୍ପଦ ଓ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ ଆମ ରାଜ୍ୟରେ ପୂରି ରହିଛି । ଆମ ରାଜ୍ୟର ବିସ୍ତୀର୍ଣ୍ଣ ବେଳାଭୂମି, ଜଳ ସମ୍ପଦ ଓ କର୍ମନିଷ୍ଠମାନଙ୍କ ସଫଳ ଯେ କୌଣସି ଅଞ୍ଚଳକୁ ସମୃଦ୍ଧ କରିବା ପାଇଁ ବିଶେଷ ସହାୟକ ହୋଇପାରିବ । ଆମର ଐତିହ୍ୟ ଓ ସାଂସ୍କୃତିକ ପରମ୍ପରା ଅତି ମହାନ୍ । ଏ ସବୁ ସତ୍ତ୍ୱେ ଆମେ ଦରିଦ୍ର କାହିଁକି ? କାଗଜପତ୍ରରେ ଜାଲିଆତି କରି ଆୟ ବଢ଼ାଇ ଦେଲେ ଲୋକଙ୍କର ଦାରିଦ୍ର୍ୟ ଦୂର ହୁଏ ନାହିଁ ବା ରାଜ୍ୟର ଅର୍ଥନୈତିକ ବିକାଶ ହୁଏ ନାହିଁ ।

ଶିଳ୍ପାୟନ ନାମରେ ଅତୀତର ଭ୍ରାନ୍ତ ପଦକ୍ଷେପ ଯୋଗୁଁ ହିଁ ଆମ ରାଜ୍ୟ ଶିଳ୍ପ ସମୃଦ୍ଧ ହୋଇପାରି ନାହିଁ । ପ୍ରତିଷ୍ଠିତ ଶିଳ୍ପଗୁଡ଼ିକ ଭିତରୁ ଅଧିକାଂଶ ଶିଳ୍ପ ରୁଗ୍ଣ ହୋଇ ବନ୍ଦ ହୋଇଗଲାଣି । ଆମର ଅର୍ଥ ନୀତି ମୁଖ୍ୟତଃ କୃଷି ଭିତ୍ତିକ ହୋଇଥିଲେ ହେଁ ଶିଳ୍ପର ବିକାଶ ବିନା କୌଣସି ଅଞ୍ଚଳର ବିକାଶ ସମ୍ଭବପର ନୁହେଁ । ତେଣୁ ରାଜ୍ୟର ବିପୁଳ ପ୍ରାକୃତିକ ସମ୍ପଦର ସଦୁପଯୋଗ କରି ଶିଳ୍ପ ପ୍ରତିଷ୍ଠା କରିପାରିଲେ ହିଁ ବେକାରୀ ସମସ୍ୟା ଦୂର ହେବ ଏବଂ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବପର ହୋଇପାରିବ ।

ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ହିଁ ଏ ଦିଗରେ ଉଦ୍ୟମ କରି ଆସୁଛନ୍ତି । କିନ୍ତୁ କେନ୍ଦ୍ର ସରକାରଙ୍କର ଶିଳ୍ପ ଓ ଅର୍ଥନୈତିକ ନୀତି ତଥା କେନ୍ଦ୍ରରେ କେନ୍ଦ୍ରୀଭୂତ କ୍ଷମତା ଫଳରେ ତାଙ୍କର କଳ୍ପନା ଆଶାନୁରୂପ ଫଳପ୍ରସୂ ହୋଇପାରି ନଥିଲା । ଆନନ୍ଦର କଥା, ଅର୍ଥନୈତିକ ସ୍ୱାତନ୍ତ୍ର୍ୟ ପାଇଁ ବିଜୁବାବୁଙ୍କର ଆହ୍ୱାନ ସମଗ୍ର ଦେଶରେ ଏକ ନୂତନ ବାତାବରଣ ସୃଷ୍ଟି କରିପାରିଛି । ବିଳମ୍ବରେ ହେଲେ ବି କେନ୍ଦ୍ର ସରକାର ଓଡ଼ିଶାର ନ୍ୟାୟୋଚିତ ଦାବୀ ଗ୍ରହଣ କରିଛନ୍ତି । ଫଳରେ, ବିଜୁବାବୁ ତାଙ୍କର ବିଦେଶ ଗସ୍ତ ସମୟରେ ବିଭିନ୍ନ ବିଦେଶୀ ପ୍ରତିଷ୍ଠାନ ଓ ପ୍ରବାସୀ ଭାରତୀୟ (N. R. I.)ମାନଙ୍କ ସହ ଫଳପ୍ରଦ ଆଲୋଚନା କରି ଓଡ଼ିଶାରେ ଏକ ନିର୍ମାଣ ଯୁଗର ଭିତ୍ତି ସ୍ଥାପନ କରିଛନ୍ତି ।

ଚଳିତ ମାସ ପହିଲା ତାରିଖରେ "କାପାରୋ ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍"ର ଚେୟାରମ୍ୟାନ୍ ଶ୍ରୀ ସ୍ୱରାଜ ପାଲ୍‌ଙ୍କ ସହିତ ରାଜ୍ୟରେ ଦ୍ୱିତୀୟ ଇସ୍ପାତ୍ କାରଖାନା ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଏକ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି । ୩୦ ଲକ୍ଷ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏହି ଇସ୍ପାତ୍ କାରଖାନାର ନିର୍ମାଣ କାର୍ଯ୍ୟ ଅତି ଶୀଘ୍ର ଆରମ୍ଭ ହୋଇଯିବ । "କାପାରୋ ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍"ର ଏଥିରେ ଶତକଡ଼ା ୫୧ ଭାଗ ଅଂଶଧନ ରହିବ ଏବଂ ଆବଶ୍ୟକୀୟ ସମସ୍ତ ବୈଦେଶିକ ମୁଦ୍ରା କାପାରୋ ଗ୍ରୁପ୍ ଆୟୋଜନ କରିବେ । କଳିଙ୍ଗ ଷ୍ଟିଲ୍ କମ୍ପାନୀ ନାମରେ ନାମିତ ଏହି ପ୍ରତିଷ୍ଠାନ ଦୈତାରୀଠାରେ ହିନ୍ଦୁଜା ଏବଂ ଉପସାଗରୀୟ ତୈଳ କର୍ପୋରେସନ୍ (ଗୋଟ୍‌କୋ) ଓ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍‌ର ସମ୍ମିଳିତ ସହଯୋଗରେ ଏକ ତୈଳ ବିଶୋଧନାଗାର ମଧ୍ୟ ସ୍ଥାପନ କରାଯିବ । ୨,୦୦୦ କୋଟି ଖର୍ଚ୍ଚରେ ନିର୍ମିତ ହେଉଥିବା ଏହି ବିଶୋଧନାଗାରରେ ବିଦେଶରୁ ପାରାଦ୍ୱୀପ ବନ୍ଦର ବାଟେ ଅଶୋଧିତ ତୈଳ ଆମଦାନୀ କରି ପାଇପ୍ ସାହାଯ୍ୟରେ ଦୈତାରୀ ନିଆଯିବ ଏବଂ ବିଶୋଧନ ପରେ ପାଇପ୍ ଦ୍ୱାରା ଅହମଦାବାଦ୍ ପଠାଯିବ । ତୈଳ ବିଶୋଧନାଗାର ସମ୍ପର୍କରେ ଲଣ୍ଡନ୍‌ଠାରେ ଅନୁଷ୍ଠିତ ଏହି ଆଲୋଚନା ସମୟରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଶ୍ରୀ ବି: ଶଙ୍କରାନନ୍ଦ ମଧ୍ୟ ଉପସ୍ଥିତ ଥିଲେ । ଏହି ବିଶୋଧନାଗାରର ବାର୍ଷିକ କ୍ଷମତା ୨୦ ଲକ୍ଷ ଟନ୍ ହେବ ।

କୋରାପୁଟ ଜିଲ୍ଲାରେ ଏକ ଆଲୁମିନିୟମ୍ ପ୍ରକଳ୍ପ ସ୍ଥାପନ ସମ୍ପର୍କରେ ଫ୍ରାନ୍‌ସର ଆଲୁମିନିୟମ୍ ପେଚିନେ କମ୍ପାନୀ ଏବଂ ଅନ୍ୟ ଏକ ଆଲୁମିନିୟମ୍ ପ୍ରକଳ୍ପ କାନାଡ଼ାର ଆଲକାନ୍ ସଂସ୍ଥାର ମିଳିତ ସହଯୋଗରେ ସ୍ଥାପନ ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦୀର୍ଘ ଦିନର ସ୍ୱପ୍ନ ଫଳବତୀ ହୋଇ ବର୍ତ୍ତମାନ ରାଜ୍ୟରେ ନିର୍ମାଣ ଯୁଗର ଅଭ୍ୟୁଦୟ ହୋଇଛି । ଆମକୁ ଆହୁରି ଅନେକ ପଥ ଅତିକ୍ରମ କରିବାକୁ ପଡ଼ିବ । ଆଜି ଦଳମତ ନିର୍ବିଶେଷରେ ଓଡ଼ିଶାକୁ ଏକ ଉନ୍ନତ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ସାଧୁ ଉଦ୍ୟମକୁ ସମସ୍ତେ ସମର୍ଥନ କରିବା ଆବଶ୍ୟକ ।

# ବନ୍ୟା ପରେ ରବି ଚାଷ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

● ଶ୍ରୀ ଜଗନ୍ନାଥ ମଲ୍ଲିକ

ଗତ ଜୁଲାଇ ଏବଂ ଅଗଷ୍ଟ ମାସ ବନ୍ୟାରେ ରାଜ୍ୟରେ ସମୁଦାୟ ୩୧୯ ଗୋଟି ବ୍ଲକ୍ ବନ୍ୟା ଦ୍ୱାରା ଆକ୍ରାନ୍ତ ହୋଇଥିଲା । ଏହି ସବୁ ବ୍ଲକ୍‌ରେ ମୋଟ୍ ୩,୧୭,୦୦୦ ହେକ୍ଟର୍ ଜମିର ଧାନ ଫସଲ ପାଣିରେ ବୁଡ଼ିଯାଇଥିଲା । ଏହି ସବୁ ଅଞ୍ଚଳରେ ପ୍ରକୃତରେ କେତେ ପରିମାଣର ଧାନ ଫସଲ ନଷ୍ଟ ହୋଇଛି ତାହା ଅମଳ ପରେ (After Crop Cutting) ଜଣାପଡ଼ିବ । କିନ୍ତୁ ବ୍ୟାପକ ଫସଲ ହାନିର ଆଶଙ୍କା କରି ରାଜ୍ୟ ସରକାର (Normal Rabi Programme) ସହିତ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି । ସମସ୍ତ କ୍ଷତିଗ୍ରସ୍ତ ଅଞ୍ଚଳରେ ଯେପରି ରବି ଫସଲ ଭରଣା ହୋଇପାରିବ ସେଥିପାଇଁ ଏହି ଯୋଜନା ଉଦ୍ଦିଷ୍ଟ । ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ବ୍ଲକ୍‌ମାନଙ୍କର କୃଷୀମାନଙ୍କୁ ଶତକଡ଼ା ୫୦ ଭାଗ ରିହାତି ହାରରେ ବିହନ ଯୋଗାଇ ଦେବା ପାଇଁ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହା ଫଳରେ ୧୭,୩୫୮ କ୍ୱିଣ୍ଟାଲ୍ ଧାନ, ୨୬,୯୬୫ କ୍ୱିଣ୍ଟାଲ୍ ଗହମ, ୮,୦୦୦ କ୍ୱିଣ୍ଟାଲ୍ ମୁଗ, ୧୦,୯୦୦ କ୍ୱିଣ୍ଟାଲ୍ ବିରି, ୫୬,୬୮୦ କ୍ୱିଣ୍ଟାଲ୍ ଚିନାବାଦାମ ସମେତ ହରଡ଼, ଚଣା, ସୋରିଷ, ତିଲ୍ ଇତ୍ୟାଦି ଅନ୍ୟାନ୍ୟ ବିହନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ସାଧାରଣ ରବି ଯୋଜନାରେ ୬୦,୮୮୦ କ୍ୱିଣ୍ଟାଲ୍ ସମସ୍ତ ପ୍ରକାର ବିହନ ଯୋଗାଇ ଦେବା ପାଇଁ ବ୍ୟବସ୍ଥା ଥିଲାବେଳେ, ବନ୍ୟା କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳକୁ ଅଧିକ ୬୨,୯୬୭ କ୍ୱିଣ୍ଟାଲ୍ ବିଭିନ୍ନ ପ୍ରକାରର ବିହନ ଯୋଗାଇ ଦିଆଯିବ । ମୋଟ୍‌ରେ ୧,୨୨,୩୪୭ କ୍ୱିଣ୍ଟାଲ୍ ବିଭିନ୍ନ ପ୍ରକାରର ବିହନ ଚଳିତ ରବି ଋତୁରେ ଯୋଗାଇ ଦେବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି ଏବଂ ପ୍ରକୃତରେ ବର୍ତ୍ତମାନ ଅବସ୍ଥାରେ କୃଷୀମାନଙ୍କର ଯେଉଁ ପ୍ରକାରର ବିହନ ଆବଶ୍ୟକ ଯଥା ବିରି ଏବଂ ମୁଗ, ସେଗୁଡ଼ିକ ସଂଗ୍ରହ କରି ସେହି ଅଞ୍ଚଳକୁ ପଠାଇବା କାର୍ଯ୍ୟ ଶୁରୁ ହୋଇଛି । ଏହା ସ୍ୱାଧୀନତା ପରଠାରୁ ଏ ପର୍ଯ୍ୟନ୍ତ ପ୍ରତିବର୍ଷ ରବି ଫସଲ ପାଇଁ ଯୋଗାଇ ଦିଆଯାଉଥିବା ବିହନ ପରିମାଣର ତିନି ଗୁଣର ଊର୍ଦ୍ଧ୍ୱ ।

ଏହି ସବୁ ବିହନ ସଂଗ୍ରହ କରି ଯୋଗାଇ ଦେବା ଦାୟିତ୍ୱ ରାଜ୍ୟ ବିହନ ନିଗମ ଏବଂ ରାଜ୍ୟ ତୈଳବୀଜ ମହାସଂଘକୁ ଦିଆଯାଇଛି । ଏହି ବିହନ ଯୋଗାଇ ଦେବା କାରବାରରେ ମୋଟ୍ ୧୫.୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି । ରାଜ୍ୟ ସରକାର ଅଗ୍ରୀମ ସାହାଯ୍ୟ ଏବଂ ୫.୦୦ କୋଟି ଟଙ୍କାର ବନ୍ୟା ଜନିତ କ୍ଷତି ଭରଣା ପାଇଁ ସାହାଯ୍ୟ ସମେତ ବ୍ୟବସାୟିକ ବ୍ୟାଙ୍କମାନଙ୍କରୁ ଋଣ ଆକାରରେ ଏହି ଟଙ୍କା ସଂଗ୍ରହ କରାଯାଇଛି । ଆବଶ୍ୟକ ପଡ଼ିଲେ ବନ୍ୟା ଜନିତ କ୍ଷତିର ଭରଣା ପାଇଁ ଅଧିକା ଟଙ୍କା ରାଜ୍ୟ ସରକାର ଯୋଗାଇ ଦେବେ । ତେଣୁ ଆବଶ୍ୟକତା ମୁତାବକ ବିହନ ଯୋଗାଇ ଦେବା ପାଇଁ କୌଣସି ଅସୁବିଧା ହେବ ନାହିଁ ।

ବିହନ ବଣ୍ଟନ ବ୍ୟବସ୍ଥାକୁ ଆହୁରି ସହଜ କରିବା ପାଇଁ ବର୍ତ୍ତମାନ ପ୍ରତି ବ୍ଲକ୍‌ରେ ଥିବା ଦୁଇଟି ବିକ୍ରୟ କେନ୍ଦ୍ର ସମେତ ବନ୍ୟାଞ୍ଚଳର ବ୍ଲକ୍‌ମାନଙ୍କୁ ଅଧିକ ଦୁଇଟି କରି ବିକ୍ରୟ କେନ୍ଦ୍ର ଖୋଲାଯିବାର ନିଷ୍ପତ୍ତି ନିଆଯାଇଛି ଏବଂ ଏଗୁଡ଼ିକ ଖୋଲାଯିବାର କାର୍ଯ୍ୟ ଆରମ୍ଭ ହୋଇଛି ।

ପାଣିର ସୁବିଧା ଥିବା ଅଞ୍ଚଳମାନଙ୍କରେ ଧାନ ଚାଷ କରାଯିବାର ବ୍ୟବସ୍ଥା କରାଯାଉଛି ଏବଂ ଏଥି ନିମିତ୍ତ ମିଡ଼ିୟମ୍, ମାଇନର୍ ଏବଂ ଉଠା ଜଳସେଚନ ପଏଣ୍ଟଗୁଡ଼ିକୁ କାର୍ଯ୍ୟକ୍ଷମ କରି ଯୋଜନା ଅନ୍ତର୍ଭୁକ୍ତ ଅଞ୍ଚଳକୁ ପାଣି ଯୋଗାଇ ଦିଆଯିବ । ଯେଉଁ ସବୁ ଅଞ୍ଚଳରେ ପାଣିର ସୁବିଧା ନାହିଁ ସେଠାରେ ଡାଲି ଜାତୀୟ ଏବଂ ତୈଳ ବୀଜ ଫସଲ ଉତ୍ପାଦନ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଉଛି । ଏହା ବ୍ୟତୀତ ରୋଗ ପୋକଙ୍କ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ଯଥେଷ୍ଟ ପରିମାଣରେ କୀଟନାଶକ ଔଷଧ କିଣାଯାଇ ବିଭିନ୍ନ ଜିଲ୍ଲାମାନଙ୍କରେ ମହଜୁଦ କରି ରଖିବାର ବ୍ୟବସ୍ଥା କରାଯାଇଛି । ଏ ସବୁ ବ୍ୟବସ୍ଥା ଫଳରେ ମୁଁ ଆଶା କରୁଛି କୃଷି କ୍ଷେତ୍ରରେ ଏ ବର୍ଷ ଯେଉଁ ଫସଲ ହାନି ଘଟିଛି ତାହା ଭରଣା ହୋଇ ପାରିବ । ଏତଦ୍ ବ୍ୟତୀତ ରାଜ୍ୟର ତେଲ ଚାହିଦା ମେଣ୍ଟାଇବା ପାଇଁ ସୂର୍ଯ୍ୟମୁଖୀ ଚାଷର ବ୍ୟାପକ ପ୍ରଚଳନ ପାଇଁ ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ପ୍ରଚୁର ପରିମାଣର ପନିପରିବା ଉତ୍ପାଦନ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି ।

ସୁତରାଂ ଓଡ଼ିଶାର କୃଷୀମାନଙ୍କୁ ମୋର ଅନୁରୋଧ କୌଣସି ଜମିକୁ ପଡ଼ିଆ ନରଖି ଯେଉଁଠି ଯେଉଁ ଫସଲ ହୋଇପାରିବ ତାହା କରିବା ପାଇଁ ଆଗେଇ ଆସନ୍ତୁ ।

---

କୃଷି ମନ୍ତ୍ରୀ, ଓଡ଼ିଶା,
ଭୁବନେଶ୍ୱର ।

# ଗଞ୍ଜାମ ଜିଲ୍ଲାର ହସ୍ତ ଶିଳ୍ପ

• ଶ୍ରୀ ରବିନାରାୟଣ ପାଣି

ଗଞ୍ଜାମ ଜିଲ୍ଲା: ଓଡ଼ିଶାର ଦକ୍ଷିଣ ପ୍ରାନ୍ତ ସମୁଦ୍ର ଉପକୂଳରେ ଅବସ୍ଥିତ। ଏହି ଜିଲ୍ଲାକୁ ଅଣତିରିଶଟି ପଞ୍ଚାୟତ ସମିତି ଏବଂ ସୁରୋଟି ଉପମଣ୍ଡଳରେ ବିଭକ୍ତ କରାଯାଇଛି। ଏ ଜିଲ୍ଲାର ପ୍ରାଚୀନ ଇତିହାସ ଅତି ଗୌରବମୟ। ଏହା ଅତୀତରେ ପ୍ରାଚୀନ କଳିଙ୍ଗର ଏକ ସମୃଦ୍ଧ ଅଞ୍ଚଳ ଥିଲା। କାଳକ୍ରମେ ଏ ଅଞ୍ଚଳ ମୋଗଲ, ଫରାସୀ ଏବଂ ଇଂରେଜମାନଙ୍କ ଦ୍ୱାରା ପ୍ରାୟ ଶୁରିଶହ ପଚ୍ଚାଶ ବର୍ଷ ଶାସିତ ହୋଇଅଛି। ତଥାପି ସ୍ୱାଧୀନତା ପୂର୍ବ ପର୍ଯ୍ୟନ୍ତ ସୁପ୍ରସିଦ୍ଧ ରାଜା, ମହାରାଜା ଓ କେତେକ ସାମନ୍ତ ରାଜ୍ୟ ସୁଶାସନ ଦ୍ୱାରା ଏ ଅଞ୍ଚଳର ଗୌରବ ବୃଦ୍ଧି ହୋଇଅଛି।

ସେମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡିର ମହାରାଜା, ଖଲିକୋଟ, ଧରାକୋଟ, ସାନଖେମୁଣ୍ଡି ଓ ଚିକିଟି ଆଦିର ରାଜାମାନଙ୍କର ଅବଦାନ ଅତୁଳନୀୟ। ପଞ୍ଚଦଶ ଶତାବ୍ଦୀ ପୂର୍ବରୁ ଭଞ୍ଜ–ବଂଶୀୟ ରାଜାମାନେ ଏହି ସମଗ୍ର ଅଞ୍ଚଳରେ ରାଜତ୍ୱ କରୁଥିଲେ। ରାଜା ଓ ସାମନ୍ତ ରାଜାମାନଙ୍କର ପୃଷ୍ଠ ପୋଷକତାରେ ଏ ଜିଲ୍ଲାର ହସ୍ତକଳା ଓ ସ୍ଥାପତ୍ୟ ସମୃଦ୍ଧ ହୋଇଥିଲା। ଏତଦ୍ ବ୍ୟତୀତ ଶାକ୍ତ, ଶୈବ, ବୈଷ୍ଣବ ଓ ଜଗନ୍ନାଥ ଧର୍ମ ଦ୍ୱାରା ହସ୍ତ ଶିଳ୍ପଗୁଡ଼ିକରେ ପ୍ରଭାବ ପଡ଼ିଛି। ଦକ୍ଷିଣ ଭାରତୀୟମାନଙ୍କ ପ୍ରଭାବ ମଧ୍ୟ ଅଛି। ଏହି ଜିଲ୍ଲାର ମାଳ ଅଞ୍ଚଳରେ ଥିବା କନ୍ଧ ଓ ସୌରା ଆଦି ଆଦିମ ଅଧିବାସୀମାନଙ୍କର ମଧ୍ୟ କେତେକ ସ୍ୱତନ୍ତ୍ର ହସ୍ତକଳାମାନ ରହିଅଛି।

ଏ ଜିଲ୍ଲାରେ ପ୍ରାଧାନ୍ୟ ଲାଭ କରିଥିବା ହସ୍ତ ଶିଳ୍ପଗୁଡ଼ିକ ହେଲା ଶିଙ୍ଗ କାମ, କଂସା ଓ ପିତଳ ବାସନ, ପିତଳ ମାଛ ଓ ସାପ, କାଠଖୋଦେଇ, ପଥର ଖୋଦେଇ, ପାଟମଠା ଶାଢ଼ୀ ଗୁହ୍ମୁଆ ଚିତ୍ରକଳା, ମାଟି ପିତୁଳା, ପିତଳ ଢ଼ଳେଇ ଜିନିଷ, ସୁନା ଓ ରୁପା ତାରକସି କାମ, ପଶମ ଗାଲିଚ୍ଛ, କତା ଶିଳ୍ପ ଓ କିଆ ଫୁଲର ସୁଗନ୍ଧ ଇତ୍ୟାଦି।

## ଶିଙ୍ଗ କାମ :

ପାରଳାଖେମୁଣ୍ଡି ଉପମଣ୍ଡଳ ଅଞ୍ଚଳରେ ବହୁ ପ୍ରାଚୀନ କାଳରୁ ଶିଙ୍ଗ କାମର ପ୍ରାଧାନ୍ୟ ରହିଛି। ପ୍ରଥମେ ମଇଁଷି ଶିଙ୍ଗରୁ ବିଭିନ୍ନ ବାଦ୍ୟ ଯନ୍ତ୍ର ତିଆରି ହେଉଥିଲା। ତତ୍‌କାଳୀନ ପାରଳାଖେମୁଣ୍ଡି ମହାରାଜାଙ୍କ ପୃଷ୍ଠପୋଷକତାରେ ଶିଙ୍ଗ ଶିଳ୍ପ ପ୍ରଭୂତ ବିସ୍ତାର ଲାଭ କରିଥିଲା। ଫଳରେ ୪୦୦ ବର୍ଷ ପୂର୍ବରୁ ଆମେରିକା ତଥା ୟୁରୋପ ଦେଶଗୁଡ଼ିକୁ ଶିଙ୍ଗ ଶିଳ୍ପ ଜାତ ଦ୍ରବ୍ୟ ରପ୍ତାନୀ ହେଉଥିଲା। ଶିଙ୍ଗ ଶିଳ୍ପ ଜାତ ଦ୍ରବ୍ୟଗୁଡ଼ିକ ହେଲା ଯଥା– ପାନିଆ, ପକ୍ଷୀ, କଙ୍କଡ଼ା, କୁମ୍ଭୀର, ମାଙ୍କଡ଼, ହାତୀ, ... ଥିବା ହାତୀ, ମାଠିଆ ଧରିଥିବା ମହିଳା, ସିଂହ, ମୟୂର, ... ବାଘ, ଜିରାଫ, ବଟୀ ଷ୍ଟାଣ୍ଡ, ସିଗାରେଟ ଦାନୀ, ... ଇତ୍ୟାଦି।

କାରିଗରମାନେ ପ୍ରଥମେ ଶିଙ୍ଗକୁ ପାଣିରେ ବହୁକାଳ ... କରନ୍ତି। ଏହାପରେ କରତ ବାରସି ଓ ନିହଣ ଦ୍ୱାରା ବିଭିନ୍ନ କିସମର କାରୁକାର୍ଯ୍ୟ କରିଥାନ୍ତି। ଅଶଗର ଓ କୋଇଲା ... ଘଷିଲେ ଶିଙ୍ଗର ଚିକଣତା ଆସେ। ପାରଳାଖେମୁଣ୍ଡି ... ୪୭ ଜଣ କାରିଗରଙ୍କୁ ନେଇ ଗୋଟିଏ ଶିଙ୍ଗ ଶିଳ୍ପ ସମବାୟ ସମିତି ଗଠନ କରାଯାଇଛି। ଏହାର ନାମ "ବିଶ୍ୱକର୍ମା ଶିଙ୍ଗ ସମବାୟ ସମିତି" ଅଟେ। ଏହି ଶିଳ୍ପ ସମବାୟ ସମିତି ମାଧ୍ୟମରେ ୩୨ ଜଣ କୁଶଳୀ କାରିଗର କାର୍ଯ୍ୟ କରୁଛନ୍ତି। ଏହାଛଡ଼ା ଶିଳ୍ପ ସମବାୟ ସମିତି ବାହାରେ ମଧ୍ୟ ୨୭ ଜଣ କାରିଗର ତଥା ୩୦ ଜଣ ମହିଳା କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ପ୍ଲାଷ୍ଟିକ ନିର୍ମିତ ଶସ୍ତା ଓ ସୁନ୍ଦର ଜିନିଷ ମିଳୁଥିବାରୁ ଶିଙ୍ଗ ଶିଳ୍ପର ପ୍ରାଧାନ୍ୟ ହ୍ରାସ ପାଉଛି। ଶିଙ୍ଗ ଶିଳ୍ପ ଜାତ ଦ୍ରବ୍ୟଗୁଡ଼ିକର ବ୍ରହ୍ମପୁରରେ ଥିବା ଜିଲ୍ଲା ଗ୍ରାମୋଦ୍ୟୋଗ ସମବାୟ ସମିତି ତଥା ଓଡ଼ିଶା ହସ୍ତ ଶିଳ୍ପ ନିଗମ ମାଧ୍ୟମରେ ଏହି ଶିଳ୍ପ ଜାତ ଦ୍ରବ୍ୟଗୁଡ଼ିକର ବିକ୍ରୟ କିଛି ମାତ୍ରାରେ କରାଯାଇ ପାରୁଛି। ଏହି ଶିଳ୍ପର ଉନ୍ନତି ନିମନ୍ତେ କୁଶଳୀ କାରିଗରମାନଙ୍କୁ ଅତ୍ୟାଧୁନିକ ଜିନିଷ ତିଆରି କରିବା ପାଇଁ ତାଲିମ ଦିଆ ଯାଉଅଛି। ଏହି ଶିଳ୍ପ ସମବାୟ ସମିତିକୁ ୧୯୯୦–୯୧ ମସିହାରେ ଓଡ଼ିଶା ଖଦୀ ଗ୍ରାମୋଦ୍ୟୋଗ ବୋର୍ଡ଼ ତରଫରୁ ୩୫,୦୦୦ ଟଙ୍କା କାର୍ଯ୍ୟକାରୀ ମୂଳଧନ ଯୋଗାଇ ଦିଆ ଯାଇଅଛି। ତାହାଛଡ଼ା ବ୍ୟକ୍ତିଗତ କାରିଗରମାନଙ୍କୁ ମଧ୍ୟ ଆର୍ଥିକ ସହାୟତା ଯୋଗାଇ ଦିଆ ଯାଉଅଛି।

## କଂସା ଓ ପିତଳ ବାସନ :

କଂସା ଓ ପିତଳ ଧାତୁ ଦ୍ୱାରା ହାଣ୍ଡି, ମାଠିଆ, ଥାଳି, ଗିନା, କଂସା ଗ୍ଲାସ ଇତ୍ୟାଦି ହୁଏ। ଏଗୁଡ଼ିକ ଦସ୍ତା+ତମ୍ବା ଓ ଟିଣର ମିଶ୍ରଣ ହୋଇ ତିଆରି କରାଯାଇଥାଏ। ଆବଶ୍ୟକୀୟ ... ପରିମାଣରେ ଏହି ଧାତୁକୁ ଏକତ୍ର କରି ତରଳା ଯାଏ। ... ତରଳା ଧାତୁକୁ ଗୋଟିଏ ମାଟି ପାତ୍ରରେ ରଖାଯାଏ। ଧାତୁଟି କଠିନ ହେଲେ ତାହାକୁ ହାତୁଡ଼ିରେ ପାହାର ଦେଇ ଚେପା ଓ ପତଳା କରାଯାଏ। ଏଥିରୁ କେତେକ ଆବଶ୍ୟକୀୟ ଦ୍ରବ୍ୟ ତିଆରି କରନ୍ତି। ଏହାଛଡ଼ା ତରଳ ଧାତୁକୁ ବିଭିନ୍ନ ପ୍ରକାର ମାଟି ଛାଞ୍ଚରେ

ଘଣ୍ଟା ଯାଏ କେତେକ ଆବଶ୍ୟକୀୟ ଜିନିଷ ପ୍ରସ୍ତୁତ କରାଯାଏ । କଂସା ଏବଂ ପିତ୍ତଳ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ କଂସାରି କହନ୍ତି । ଗଞ୍ଜାମ ଜିଲ୍ଲାର ପାଣ୍ଡପୁରରେ ତିଆରି ହେଉଥିବା କଂସା ଓଡ଼ିଶା ତଥା ଆନ୍ଧ୍ର ପ୍ରଦେଶରେ ସୁପ୍ରସିଦ୍ଧ ଅଟେ । ଗଞ୍ଜାମ ଜିଲ୍ଲାର ପାଣ୍ଡପୁର, ବେଲଗୁଣ୍ଠା, ନିମିନା, କଣ୍ଟୁରୁ, କବିସୂର୍ଯ୍ୟନଗର, ଜଗମୋହନ, ପିତଳ, ବିକ୍ରମପୁର, ପୁରୁଷୋତ୍ତମପୁର, ମଥୁରା ଇତ୍ୟାଦି ସ୍ଥାନମାନଙ୍କରେ କଂସାରିମାନଙ୍କର ବସତି ଦେଖିବାକୁ ମିଳେ । ଏହି କାରିଗରମାନଙ୍କୁ ସାହାଯ୍ୟ କରିବା ପାଇଁ ଜିଲ୍ଲା ଶିଳ୍ପ କେନ୍ଦ୍ର ଗଞ୍ଜାମ ବରିଆରେ ପାଞ୍ଚଗୋଟି ଶିଳ୍ପ ସମବାୟ ସମିତି ଗଢ଼ା ଯାଇଅଛି । ସେଗୁଡ଼ିକ ହେଲା :

(୧) ପାଣ୍ଡପୁର କଂସା ଓ ପିତଳ ସମବାୟ ସମିତି ।

(୨) ନିମିନା ଖରୁଡ଼ା କଂସାରି ଶିଳ୍ପ ସମବାୟ ସମିତି ।

(୩) ନାରାୟଣୀ କଂସା ଓ ପିତଳ ସମବାୟ ସମିତି ।

(୪) ବେଲଗୁଣ୍ଠା ବିଶ୍ୱକର୍ମା ଶିଳ୍ପ ସମବାୟ ସମିତି ।

(୫) ଜଗମୋହନ କଂସା ଓ ପିତଳ ସମବାୟ ସମିତି ।

ସେମାନଙ୍କ ମଧ୍ୟରୁ ପାଣ୍ଡପୁର କଂସା ଓ ପିତଳ ସମବାୟ ସମିତିଟି ପୂର୍ବରୁ ରୁପେ ଚାଲୁ ଅଛି । ଏହି ସମିତିଟି "ଓଡ଼ିଶା କୋଅପରେଟିଭ୍ ୟୁନିୟନ୍" ତରଫରୁ ବହୁବାର ପୁରସ୍କୃତ ହୋଇଅଛି । ଗଞ୍ଜାମ ଜିଲ୍ଲାରେ ପ୍ରାୟ ୫୮୦ ଜଣ କାରିଗର କଂସା ଓ ପିତଳ କାର୍ଯ୍ୟକରି ଜୀବିକା ନିର୍ବାହ କରନ୍ତି ।

## ପିତଳ ମାଛ ଓ ସାପ :

ବେଲଗୁଣ୍ଠାରେ ତିଆରି ହେଉଥିବା ପିତଳ ମାଛ, ସାପ ଓ ସିନ୍ଦୁର ଫରୁଆ ଇତ୍ୟାଦି ଭାରତ ବିଖ୍ୟାତ ଅଟେ । ଏହା ଛଡ଼ା ଲୁଆପଡ଼ାରେ ମଧ୍ୟ ପିତଳ ମାଛ ତିଆରି କରୁଥିବା କାରିଗର ଅଛନ୍ତି । ପିତଳ ଗୁଦରକୁ ବାଡ଼େଇ ଖୁବ୍ ପତଳା କରାଯାଏ । ଏହାକୁ ଗୋଲାଇ କରି ଖଳା ହୁଏ । ଏଥିରୁ ଛୋଟରୁ ବଡ଼ କ୍ରମରେ ଗୋଲାଇ ରିଙ୍ଗ୍ କରି କାଟନ୍ତି । ଏଗୁଡ଼ିକର ଗୋଟିଏ ପାର୍ଶ୍ୱରେ ଛୋଟ ଛୋଟ ଦାନ୍ତି ବାହାର କରି ପରସ୍ପରକୁ ଖାପ ଖୁଆଇ ଯୋଡ଼ନ୍ତି ଓ ଅନ୍ୟ ପାର୍ଶ୍ୱରେ ସରୁ ଧାତୁ ନିର୍ମିତ ତାରରେ ବାନ୍ଧନ୍ତି । ଫଳରେ ମାଛ ଓ ସାପଗୁଡ଼ିକ ବଙ୍କା ଯାଇପାରେ । ଏଗୁଡ଼ିକର ମୁଣ୍ଡ ଓ ଲାଞ୍ଜଗୁଡ଼ିକୁ ସ୍ୱତନ୍ତ୍ର ଭାବେ ତିଆରି କରି ଏଥିରେ ଯୋଡ଼ନ୍ତି । ଆଖିଗୁଡ଼ିକରେ ରଙ୍ଗୀନ୍ ପ୍ଲାଷ୍ଟିକ୍ ଖଣ୍ଡ ବା କାଚ ଖଣ୍ଡ ଦେବାରୁ ଜୀବନ୍ତ ଦେଖାଯାଏ । ଏହି କଳା ପାଇଁ ବେଲଗୁଣ୍ଠା ସୁପ୍ରସିଦ୍ଧ । ୨୯ ଜଣ କାରିଗରଙ୍କୁ ନେଇ ସେଠାରେ ଗୋଟିଏ ଶିଳ୍ପ ସମବାୟ ସମିତି ଗଢ଼ା ଯାଇଛି । ଏହି କଳାକୁ ଜୀବିତ ରଖିବା ପାଇଁ ସବୁ ପ୍ରକାର ସାହାଯ୍ୟ ତଥା ତାଲିମ ଦିଆଯାଉଛି । ଚଳିତ ବର୍ଷ ୧୯୯୦-୯୧ ମସିହାରେ ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼ରୁ ଏହି ସମିତିକୁ ଏକ ଲକ୍ଷ ଦଶ ହଜାର ଟଙ୍କା ଯୋଗାଇ ଦିଆଯାଇଛି । ଏଗୁଡ଼ିକର ବିକ୍ରି ପ୍ରଧାନତଃ ଓଡ଼ିଶା ହସ୍ତ ଶିଳ୍ପ ନିଗମ ମାଧ୍ୟମରେ ହୋଇଥାଏ ।

## ପଶମ ଗାଲିଚ୍ଚ :

ତିବ୍ବତୀୟ ଶରଣାର୍ଥୀମାନେ ଗଞ୍ଜାମ ଜିଲ୍ଲାର ମହେନ୍ଦ୍ରଗଡ଼ ଓ ଚନ୍ଦ୍ରଗିରି ଅଞ୍ଚଳରେ ଅବସ୍ଥାନ କରିବା ପରେ ସେମାନେ କୃତ୍ରିମ ପଶମରେ ଗାଲିଚ୍ଚ ବୁଣିବା ଆରମ୍ଭ କଲେ । ୧୯୮୦ ମସିହାରେ ଲବରସିଙ୍ଗି ଗ୍ରାମରେ ୧୪୯ ଜଣ ବୁଣାଳିଙ୍କୁ ନେଇ ଗୋଟିଏ ତିବ୍ବତୀୟ କାର୍ପେଟ୍ ସମବାୟ ସମିତି ଗଢ଼ା ଯାଇଛି । ଏହି ସମିତି ଜରିଆରେ ପ୍ରାୟ ୩,୦୦,୦୦୦ ଟଙ୍କାର ପଶମ ଗାଲିଚ୍ଚ ବିକ୍ରି ହେଉଅଛି । ଏହି ଗାଲିଚ୍ଚଗୁଡ଼ିକର ମୂଲ୍ୟ ଅତ୍ୟଧିକ ଅଟେ ଏବଂ ଅଧିକାଂଶ ବିଦେଶକୁ ରପ୍ତାନୀ କରାଯାଏ । ଏତଦ୍ ବ୍ୟତିତ ଚନ୍ଦ୍ରଗିରିଠାରେ ସରକାରଙ୍କ ପ୍ରୋତ୍ସାହନରେ ଗୋଟିଏ ପଶମ ଗାଲିଚ୍ଚ ବୁଣା ସମବାୟ ସମିତି ଗଢ଼ା ଯାଇଅଛି । ଉକ୍ତ ସମିତିରେ ୫୯ ଜଣ ମହିଳା କାରିଗରଙ୍କୁ ସଭ୍ୟଭୁକ୍ତ କରାଯାଇଅଛି । ଏହି ସମିତିକୁ ବନାରସ ସ୍ଥିତ (M/ s. Triveni Carpet) ତ୍ରୀବେଣୀ ପଶମ ଶିଳ୍ପ କମ୍ପାନୀ ଏହି ସମିତିକୁ କଞ୍ଚାମାଲ ଓ ମଜୁରି କାରିଗରମାନଙ୍କୁ ଯୋଗାଇ ପକାମାଲଗୁଡ଼ୁକ ନିଜ ଦାୟିତ୍ୱରେ ବିକ୍ରି କରନ୍ତି ।

## ଗୁନ୍ଥୁଆ ଶିଳ୍ପ :

ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର, ଖଲିକୋଟ ବ୍ଲକର କଇଁଣା ଏବଂ ପୁଷ୍ପପୁର, ପାରଳାଖେମୁଣ୍ଡି, ଧରାକୋଟ, ବରପାଲି, ଶୋବରା, ପୁରୁଷୋତ୍ତମପୁର, ଆସ୍କା ଏବଂ ବୁଗୁଡ଼ାର କରଡ଼ାବାଡ଼ି ଇତ୍ୟାଦି ସ୍ଥାନରେ କାରିଗର ଅଛନ୍ତି । ଏହି କାରିଗରମାନଙ୍କୁ ନେଇ ୭ ଗୋଟି ଶିଳ୍ପ ସମବାୟ ସମିତି ଗଢ଼ା ଯାଇଛି । ଏଗୁଡ଼ିକ ନିମ୍ନରେ ଦର୍ଶାଗଲା ।

(୧) ମାଲିକେଶ୍ୱରୀ ଗୁନ୍ଥୁଆ ଶିଳ୍ପ ସମବାୟ ସମିତି, ବ୍ରହ୍ମପୁର ।

(୨) ଶ୍ରୀ ସାଈ ମହିଳା ଗୁନ୍ଥୁଆ ଶିଳ୍ପ ସମବାୟ ସମିତି, ବ୍ରହ୍ମପୁର ।

(୩) କନକ ଦୁର୍ଗା ଗୁନ୍ଥୁଆ ଶିଳ୍ପ ସମବାୟ ସମିତି, କଇଁଣା ।

(୪) ମହାଲକ୍ଷ୍ମୀ ଗୁନ୍ଥୁଆ ଶିଳ୍ପ ସମବାୟ ସମିତି, ପୁଷ୍ପପୁର ।

(୫) ଆଦର୍ଶ ଗ୍ରାମ୍ୟ ମହିଳା ଶିଳ୍ପ ସମବାୟ ସମିତି, ଧରାକୋଟ ।

(୬) ବି: କରଡ଼ାବାଡ଼ି ଗୁନ୍ଥୁଆ ଶିଳ୍ପ ସମବାୟ ସମିତି, ବୁଗୁଡ଼ା ।

(୭) ପାରଳାଖେମୁଣ୍ଡି ମହିଳା ଶିଳ୍ପ ସମବାୟ ସମିତି, ପାରଳାଖେମୁଣ୍ଡି ।

ଗଞ୍ଜାମ ଜିଲ୍ଲାରେ ଗୁନ୍ଥା ଶିଳ୍ପ ଅତି ପ୍ରାଚୀନ ଅଟେ । ଦୋଳଯାତ୍ରା, ଠାକୁରାଣୀ ଯାତ୍ରା, ଘୋଡାନାଚ, ଠିଆନାଚ, ରାମଲୀଳା, ରାସଲୀଳା, ଦଣ୍ଡ ନାଚ, ଚଇତି ଘୋଡ଼ା ନାଚ ଏବଂ ବିବାହ ତଥା ରାଜା ମହାରାଜାମାନଙ୍କର ଶୋଭାଯାତ୍ରା ସମୟରେ ବିଭିନ୍ନ କାରୁକାର୍ଯ୍ୟ ଥିବା ଗୁନ୍ଥା ଶିଳ୍ପଗୁଡ଼ିକ ବ୍ୟବହାର ହୋଇ ଆସୁଅଛି । ଏହି ଶିଳ୍ପ ମାଧ୍ୟମରେ ଗ୍ରେଟ ହାତ ପଙ୍ଖା, କାନ୍ଥ ଟଙ୍ଗା, ଟେବୁଲ ଚଦର, ଦୁଆର ଓ ଝରକା ପରଦା, ତକିଆ ଖୋଳ, ସ୍ତ୍ରୀଲୋକମାନଙ୍କ ଭ୍ୟାନିଟି ବ୍ୟାଗ, ସୋଫା ଖୋଳ ଇତ୍ୟାଦି କରାଯାଏ । ଏଠାକାର ଗୁନ୍ଥା ଶିଳ୍ପ ପିପିଲିର ଶିଳ୍ପଠାରୁ ସ୍ୱତନ୍ତ୍ର ଅଟେ । ଏଠାରେ ଗ୍ଲାସ ଖଣ୍ଡ ଦର୍ପଣ, ଝାଲେରି, ଚୁମୁକି ଇତ୍ୟାଦି ଅତ୍ୟଧିକ ପରିମାଣରେ ଦିଆଯାଏ । ପିପିଲିର ପ୍ରତ୍ୟେକ ଖଣ୍ଡଗୁଡ଼ିକ ସିଲେଇ ମେସିନ ଦ୍ୱାରା ଯୋଡ଼ା ହେଉଥିବା ବେଳେ ଗଞ୍ଜାମରେ ଏହା ହାତ ଦ୍ୱାରା ଯୋଡ଼ା ଯାଏ ।

## ବ୍ରହ୍ମପୁର ପାଟ ଶିଳ୍ପ:

୧୪୦୦ ଶତାବ୍ଦିରେ ବ୍ରହ୍ମପୁରଠାରେ ପାଟ ବସ୍ତ୍ର ବୁଣା ମହୁରି ରାଜାଙ୍କ ପୃଷ୍ଠ ପୋଷକତାରେ ଆରମ୍ଭ ହୋଇଥିଲା । ପ୍ରଥମେ ଆନ୍ଧ୍ର ପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲ୍ଲାରୁ ୧୦ ଜଣ କୁଶଳୀ କାରୀଗରଙ୍କୁ ଆଣି ଏହି ଶିଳ୍ପ ଆରମ୍ଭ କରାଯାଇଥିଲା । ସୁନା ରୁପାର ଜରି କାମ ଏହି ପାଟ ବସ୍ତ୍ରରେ ଖଞ୍ଜାଯାଇ ରାଜା ମହାରାଜା ଓ ସମ୍ଭ୍ରାନ୍ତ ପରିବାର ନିମନ୍ତେ ବୁଣା ଯାଇଥିଲା । କାଳକ୍ରମେ ଏହା ମଧ୍ୟବିତ୍ତ ପରିବାରରେ ଆଦୃତ ହେଲା ୧୯୪୭ ମସିହାରେ ଏଠାରେ ଗୋଟିଏ ଶିଳ୍ପ ସମବାୟ ସମିତି ଗଠନ କରାଗଲା । ବ୍ରହ୍ମପୁର ପାଟ ଓଡ଼ିଶା, ଆନ୍ଧ୍ର ଏବଂ ପଶ୍ଚିମ ବଙ୍ଗରେ ବିଶେଷ ଭାବେ ଆଦୃତ ହୋଇଅଛି । ଶାଢ଼ିର ଉଭୟ ଧାରରେ କୁମ୍ଭ, ହାତୀ ଏବଂ ବିଭିନ୍ନ ପ୍ରକାରର ସୁନ୍ଦର କାରୁକାର୍ଯ୍ୟ କରାଯାଏ । ଏହି ଜିଲ୍ଲାରେ ୯୨୫୪ ପରିବାର ହସ୍ତତନ୍ତ ବୁଣାରେ ଜୀବିକା ନିର୍ବାହ କରନ୍ତି ।

## କତା ଶିଳ୍ପ :

ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ନଡ଼ିଆକତାର ଦଉଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ତିଆରି ହେଉଅଛି । ୧୮୦୦ ଶତାବ୍ଦିଠାରୁ ଗଞ୍ଜାମ ଜିଲ୍ଲା ନଡ଼ିଆକତା ଦଉଡ଼ି ବାହାରକୁ ରପ୍ତାନି କରୁଅଛି । ୧୯୬୭ଠାରୁ ସମୁଦ୍ର ଉପକୂଳବର୍ତ୍ତୀ ଗୋପାଳପୁରଠାରେ ୨୦୦ ଜଣ ସଭ୍ୟଙ୍କୁ ନେଇ ଗୋଟିଏ ନଡ଼ିଆକତା ଶିଳ୍ପ ସମବାୟ ସମିତି ଏବଂ ଗୋଲାବନ୍ଧଠାରେ ୧୯୬୯ରେ ଗୋଟିଏ ପ୍ରଶିକ୍ଷଣ ତାଲିମ ତଥା ଉପକେନ୍ଦ୍ର ସ୍ଥାପିତ ହୋଇଅଛି । ରମ୍ଭାଠାରେ ୬୬୭ ଜଣ ମହିଳାଙ୍କୁ ନଡ଼ିଆ କତାରେ ତାଲିମ ଦେଇ ଗୋଟିଏ ନଡ଼ିଆକତା ଶିଳ୍ପ ସମବାୟ ସମିତି ଗଢ଼ାଯାଇଅଛି । ଏହାଛଡ଼ା ବ୍ରହ୍ମପୁରଠାରେ ୭୬ ଜଣ ମହିଳା ସଭ୍ୟଙ୍କୁ ନେଇ ତାରାତାରିଣୀ ନଡ଼ିଆକତା ଶିଳ୍ପ ସମବାୟ ସମିତି ଗଢ଼ା ଯାଇଅଛି । ଉପରୋକ୍ତ ସମବାୟ ସମିତି ଓ ଉତ୍ପାଦନ କେନ୍ଦ୍ରରେ ନଡ଼ିଆକତାର ଦଉଡ଼ି, ବିଭିନ୍ନ ପାପୋଛ, ଏବଂ ଗାଲିଚ୍ଚ ତିଆରି ହେଉଅଛି । ଏତଦ୍ଭିନ୍ନ ବିନ୍ଧ୍ୟ ଓଡ଼ିଶା କତା ସମବାୟ ନିଗମ ଦ୍ୱାରା ଏଠାରେ କରାଯାଇଛି । ଗୋପାଳପୁରଠାରେ ଘରୋଇ କ୍ଷୁଦ୍ରକତା ଶିଳ୍ପ ପ୍ରତିଷ୍ଠିତ ହୋଇ ୨୦ ଜଣ ମହିଳାଙ୍କୁ ନିଯୁକ୍ତି ପ୍ରଦାନ କରୁଅଛି ।

ଏହାଛଡ଼ା ପୋଲସରା ପଞ୍ଚାୟତ ସମିତିର ମଥୁରାଠାରେ ପଥର ଖୋଦେଇ କାରିଗର ୭୦ ଗୋଟି ପରିବାର ଅଛି । ପ୍ରାଚୀନକାଳରୁ ଏମାନେ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ମନ୍ଦିରମାନଙ୍କରେ ସୁନ୍ଦର କାରୁକାର୍ଯ୍ୟ କରି ଆସୁଅଛନ୍ତି । ଚିକିଟି, ଧରାକୋଟ, ଶେରଗଡ଼, ଦିଗପହଣ୍ଡି, ପାରଳାଖେମୁଣ୍ଡି, ଭଞ୍ଜନଗର, କୋଦଳା ଓ ଖଲିକୋଟରେ ମଧ୍ୟ ପଥର ମୂର୍ତ୍ତି ଓ କାଠ ମୂର୍ତ୍ତି ତିଆରି କରୁଥିବା କାରିଗର ରହିଛନ୍ତି । ପାରଳାଖେମୁଣ୍ଡି ସ୍ଥିତ ଚିତ୍ରକାର ସାହିରେ ୨୦ ଘର ଚିତ୍ରକାର ପରିବାର ରହିଛନ୍ତି । ସେମାନେ ପ୍ରଧାନତଃ ପଟ୍ଟଚିତ୍ର, ଗଞ୍ଜଣା ଚିତ୍ର ବିଭିନ୍ନ ହାଣ୍ଡି ମାଟିପାତ୍ରରେ ଓ କନାରେ ବିଭିନ୍ନ ଚିତ୍ର କରନ୍ତି ।

ଭାରତରେ ମିଳୁଥିବା କିଆଫୁଲ ଅତର ଗଞ୍ଜାମ ଜିଲ୍ଲାରୁ ତିଆରି ହେଉଅଛି । ଛତ୍ରପୁର, ବ୍ରହ୍ମପୁର, କନିସି, ଜଗନ୍ନାଥପୁର ଏବଂ ଗୋପାଳପୁରରୁ ମୁଖ୍ୟତଃ କିଆଫୁଲ ଅତର ତିଆରି ହେଉଅଛି । ପାରଳାଖେମୁଣ୍ଡିରୁ ଚମ୍ପା ଫୁଲ ଅତର ତିଆରି ହେଉଅଛି । ଏହି ଅତରଗୁଡ଼ିକରୁ ମୁଖ୍ୟତଃ ଧୂପକାଠି ତିଆରି ହେଉଅଛି । ଏହାଛଡ଼ା ପୁରୁଷୋତ୍ତମପୁରରେ ସୋଲାପିଠ୍ ପାରଳାଖେମୁଣ୍ଡିରେ ଜାଇଖାଡ଼ି, ବେଲଗୁଣ୍ଠା, ଆସିକା ଓ ବ୍ରହ୍ମପୁରରେ ଶିଙ୍ଗ ନିର୍ମିତ ବିଭିନ୍ନ ମୂର୍ତ୍ତି ତିଆରି ହେଉଅଛି । ଧରାକୋଟ ବ୍ଲକର ନନ୍ଦିଗଡ଼ ପୁରୁଷୋତ୍ତମପୁର ରାମଗିରି ଓ ଉଦୟଗିରିରେ ବେତର ଜିନିଷ ତିଆରି ହେଉଅଛି ।

ବ୍ରହ୍ମପୁର, ଆସିକା, ପାରଳାଖେମୁଣ୍ଡି, ବେଲଗୁଣ୍ଠା, ଭଞ୍ଜନଗର ଓ ଜାରାବନ୍ଧଠାରେ ସୁନା ରୁପାର ତାରକସି କାର୍ଯ୍ୟ କରୁଥିବା କାରିଗରମାନେ ରହିଛନ୍ତି । ଲୋକମାନଙ୍କର ଆବଶ୍ୟକତା ଅନୁଯାୟୀ ଏମାନେ ଆଧୁନିକ ରୁଚି ସମ୍ପନ୍ନ ସୁନା ରୁପାର କାର୍ଯ୍ୟ କରୁଅଛନ୍ତି ।

ଗଞ୍ଜାମ ଜିଲ୍ଲାର ସମସ୍ତ ହସ୍ତ ଶିଳ୍ପର ଉନ୍ନତି ନିମନ୍ତେ ସମସ୍ତ କାରିଗରମାନଙ୍କୁ ଶିଳ୍ପ ସମବାୟ ସମିତିଗୁଡ଼ିକରେ ସଭ୍ୟ ହେବା ଦରକାର । କାରିଗରମାନେ ଆଧୁନିକ ଯନ୍ତ୍ରପାତି ଓ ଡିଜାଇନ୍‌ରେ ତାଲିମ୍ ପାଇବା ଦରକାର । ସୁଖର କଥା, ହସ୍ତ ଶିଳ୍ପ, କୁଟୀର ଶିଳ୍ପ ଇତ୍ୟାଦିର ଉନ୍ନତି କରିବା ପାଇଁ ବର୍ତ୍ତମାନର ରାଜ୍ୟ ସରକାର ବହୁ ପଦକ୍ଷେପ ନେଇଛନ୍ତି । ଅତଏବ ଶିଳ୍ପ ଜାତ ଦ୍ରବ୍ୟଗୁଡ଼ିକର ବିକ୍ରିର ବ୍ୟବସ୍ଥା, କଞ୍ଚାମାଲ ଯୋଗାଣର ବ୍ୟବସ୍ଥା, କାର୍ଯ୍ୟ କରିବା କର୍ମ ଶାଳା ଇତ୍ୟାଦି ବ୍ୟବସ୍ଥାର ଉନ୍ନତି ନିହାତି ଦରକାର ।

---

ଜେନେରାଲ ମ୍ୟାନେଜର,
ଜିଲ୍ଲା ଶିଳ୍ପ କେନ୍ଦ୍ର, ଗଞ୍ଜାମ, ବ୍ରହ୍ମପୁର ।

# ରୁଗ୍ଣ ଶିଳ୍ପ ଓ ତା'ର ପ୍ରତିକାର

● ଜ୍ୟୋତିର୍ମୟୀ କର

ଆଜି ଭାରତୀୟ ଅର୍ଥନୀତି ଚରମ ପରୀକ୍ଷାର ସମ୍ମୁଖୀନ ହୋଇଛି ଠିକ୍ ଏହି ସମୟରେ ରୁଗ୍ଣ ଶିଳ୍ପ ଏକ ମାରାତ୍ମକ ବ୍ୟାଧି ରୂପରେ ବୃଦ୍ଧି ପାଇ ଚାଲିଛି । ଭାରତରେ ଦୈନିକ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଶିଳ୍ପ ସଂସ୍ଥା ରୁଗ୍ଣ ହୋଇ ପଡୁଛନ୍ତି । ପରିସଂଖ୍ୟାନରୁ ଜଣାଯାଏ ଯେ ୧୯୮୩ ମସିହାରେ ଭାରତରେ ରୁଗ୍ଣ ଶିଳ୍ପ ସଂଖ୍ୟା ୮୦,୧୨୦ ଥିବା ବେଳେ ୧୯୮୫ ମସିହାରେ ଏହା ୧,୮୫,୭୭୬ରେ ପହଞ୍ଚିଥିଲା । ସେହିଭଳି ଭାରତୀୟ ରିଜର୍ଭ ବ୍ୟାଙ୍କର ଗଣନାରୁ ଜଣାଯାଏ ଯେ ଓଡ଼ିଶାରେ ୧୯୮୫ ମସିହାରେ ୫୨୯୯ଟି ରୁଗ୍ଣ ଶିଳ୍ପ ସଂସ୍ଥା ଥିଲା । ଏହା ଗତ କେତେ ବର୍ଷରେ ଆହୁରି ଅନେକ ବଢ଼ିଛି ।

"ରୁଗ୍ଣ ଶିଳ୍ପ କ'ଣ" ସେ ସମ୍ପର୍କରେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରାଯାଇପାରେ । ଅନେକ କ୍ଷେତ୍ରରେ ଏକ ଶିଳ୍ପ ସଂସ୍ଥାର ସମସ୍ତ ଉପକରଣ, ଆସ୍ଥିର ଉତ୍ସ ଯାହାକୁ ସମଗ୍ର ସମ୍ପତ୍ତି (Assets), କୁହାଯାଏ ସେଥିର ମୂଲ୍ୟ, ଋଣ ବା Liabilityର ପରିମାଣରୁ ଯଦି ଯଥେଷ୍ଟ କମ୍ ଏକାଦିକ୍ରମେ ୩ ବର୍ଷ ଧରି ହୁଏ, ତେବେ ଉକ୍ତ ଶିଳ୍ପକୁ ରୁଗ୍ଣ ବୋଲି ଧରାଯାଏ । ଭାରତୀୟ ରିଜର୍ଭ ବ୍ୟାଙ୍କ ଅନୁସାରେ ଯେଉଁ ଶିଳ୍ପ ସଂସ୍ଥା ଗୋଟିଏ ବର୍ଷ କ୍ଷତି ସହିଛି ଏବଂ ଚଳନ୍ତି ବର୍ଷ ଓ ଆଗାମୀ କିଛି ବର୍ଷ ପାଇଁ କ୍ଷତିରେ ଚାଲିବାର ଅନୁମାନ କରାଯାଉଛି, ତାହାକୁ ରୁଗ୍ଣ ଶିଳ୍ପ କୁହାଯାଇପାରେ ।

ଭାରତୀୟ ଶିଳ୍ପ ଓ ବଣିକ ସଂଘ ମତରେ ଅନେକ ଶିଳ୍ପ ସଂସ୍ଥାରେ କେତେକ କ୍ଷତିକାରୀ ଲକ୍ଷଣ ପରିଲକ୍ଷିତ ହୋଇଥାଏ ଏବଂ ସେ ସମସ୍ତକୁ ଦୂର ନ କରିବା ଫଳରେ ଶିଳ୍ପ ସଂସ୍ଥାଟି କ୍ରମଶଃ ରୁଗ୍ଣ ହୋଇ ପଡ଼େ । ସେହି ଲକ୍ଷଣ ଗୁଡ଼ିକ ହେଲା, ଶିଳ୍ପ ସଂସ୍ଥାକୁ ସଠିକ ପରିମାଣର ଋଣ ଉପଯୁକ୍ତ ସମୟରେ ନ ମିଳିବା ତାହାକୁ ସଠିକ କାର୍ଯ୍ୟରେ ନ ଲଗାଇବା, ବ୍ୟବସାୟଗତ ପରିଚାଳନାରେ ଅପାରଗତା, ବଜାରରେ ଉତ୍ପାଦିତ ଦ୍ରବ୍ୟର ବିକ୍ରୟ ହୋଇ ନ ପାରିବା, ଶ୍ରମିକ ଆନ୍ଦୋଳନ ବା ଠିକ୍ ସମୟରେ କୁଶଳୀ କାରିଗର ନ ମିଳିବା ପ୍ରଭୃତି ହୋଇପାରେ ।

ରୁଗ୍ଣ ଶିଳ୍ପ ସଂସ୍ଥାଗୁଡ଼ିକ ବିଭିନ୍ନ ଦିଗରୁ ଅର୍ଥନୀତିକୁ ପ୍ରଭାବିତ କରିଥାନ୍ତି । ଏହି ପ୍ରଭାବକୁ ମୁଖ୍ୟତଃ ତିନି ଭାଗରେ ଆଲୋଚନା କରାଯାଇପାରେ ।

ପ୍ରଥମତଃ ସରକାରଙ୍କ ଦୃଷ୍ଟିରେ ଯେତେବେଳେ ଗୋଟିଏ ଶିଳ୍ପ ସଂସ୍ଥା ରୁଗ୍ଣ ହୋଇପଡ଼େ ଏବଂ ତାହାକୁ 'ବନ୍ଦ' କରି ଦେବାକୁ କର୍ତ୍ତୃପକ୍ଷ ବାଧ୍ୟ ହୋଇଥାଆନ୍ତି, ସେତେବେଳେ ସେଥିରେ ନିଯୁକ୍ତ କର୍ମଚାରୀମାନେ ନିଜର ଜୀବିକା ହରାଇ ବେକାର ହୋଇଯାଆନ୍ତି । ସେମାନଙ୍କର ବୈଷୟିକ ଜ୍ଞାନ ତଥା କମ୍ପାନୀର ସମସ୍ତ ସମ୍ପଦର ବିନିଯୋଗ ହୋଇ ନ ପାରିବାରୁ ଏହା ସମାଜ ପ୍ରତି ଏକ ବୋଝ ହୋଇପଡ଼େ ।

ଦ୍ୱିତୀୟରେ ବ୍ୟାଙ୍କ୍ ବା ଅର୍ଥ ପ୍ରଦାନକାରୀ ସଂସ୍ଥାମାନଙ୍କର ଋଣ ପରିଶୋଧ କରାଯାଇପାରେ ନାହିଁ । ଏହା ଦ୍ୱାରା ସଂସ୍ଥାମାନଙ୍କର କ୍ଷତି ହୁଏ ଓ ଅର୍ଥର ସଦୁପଯୋଗ ହୋଇ ନ ଥାଏ ।

ତୃତୀୟରେ ଶିଳ୍ପ ସଂସ୍ଥାର ଅଂଶୀଦାର ବା ସେୟାର ହୋଲଡ଼ରମାନେ ଠିକ୍ ସମୟରେ ଲାଭାଂଶ ପାଇ ନ ଥାନ୍ତି ଏବଂ ସଂସ୍ଥାର ସେୟାର ମୂଲ୍ୟ କ୍ରମଶଃ କମିଯାଇଥାଏ ଓ ଅଂଶୀଦାରମାନେ ହଇରାଣରେ ପଡ଼ନ୍ତି ।

## ରୁଗ୍ଣ ହେବାର କାରଣ :

କେତେକ ଶିଳ୍ପସଂସ୍ଥା ମଝିରେ ମଝିରେ କିଛି ବର୍ଷ ପର୍ଯ୍ୟନ୍ତ ରୁଗ୍ଣ ହୋଇ ପଡ଼ନ୍ତି ଏବଂ ପରେ ଉପଯୁକ୍ତ ପରିଚାଳନାଦ୍ୱାରା ପୁନର୍ବାର ଅର୍ଥନୈତିକ ଦକ୍ଷତା ହାସଲ କରୁଥାନ୍ତି । କିନ୍ତୁ କେତେକ ଶିଳ୍ପ ସଂସ୍ଥା ଏକାଦିକ୍ରମେ କିଛି ବର୍ଷ ପାଇଁ ରୁଗ୍ଣ ହୋଇ ପଡ଼ିଥାଏ ଏବଂ ତାହାର ଯଦି ପୁନର୍ବାର କାର୍ଯ୍ୟକ୍ଷମ ହେବାର କୌଣସି ଆଶା ନ ଥାଏ । ସେମାନଙ୍କୁ ପ୍ରକୃତ ରୁଗ୍ଣ ଶିଳ୍ପ ବୋଲି କୁହାଯାଏ । ଏହାର ମୁଖ୍ୟତଃ ଦୁଇଟି କାରଣ ହେଲା–ଆଭ୍ୟନ୍ତରୀଣ କାରଣ ଓ ବହିରାଗତ କାରଣ ।

ଅନେକ ସମୟରେ ଶିଳ୍ପସଂସ୍ଥା ସ୍ଥାପନାର ବ୍ୟୟ ଅଟକଳ ସଠିକ୍ ଭାବରେ କରାଯାଇ ପାରି ନ ଥାଏ । ଫଳରେ ମୂଳଧନର ପରିମାଣ ସଂସ୍ଥାଟିକୁ କାର୍ଯ୍ୟକ୍ଷମ କରି ପାରେ ନାହିଁ । ପୁନର୍ବାର ଶିଳ୍ପ ସ୍ଥାପନାରେ ଅଯଥା ବିଳମ୍ବ ଯୋଗୁ ବିଭିନ୍ନର କ୍ଷେତ୍ରରେ ଖର୍ଚ୍ଚ ବୃଦ୍ଧି ହୋଇଥାଏ । ଶିଳ୍ପଟିରେ ବିନିଯୋଗ ହେଉଥିବା ବିଭିନ୍ନ ଉପାଦାନର ଦରବୃଦ୍ଧି ଦ୍ୱାରା ସଂସ୍ଥାଟି ନିଜର ଆର୍ଥିକ ପରିସର ମଧ୍ୟରେ ଉତ୍ପାଦନ ଆରମ୍ଭ କରି ପାରେ ନାହିଁ । ଅଯଥା ଓ ଅଦରକାରୀ କାର୍ଯ୍ୟ ଯଥା ଅଧିକ କର୍ମଚାରୀ ନିଯୁକ୍ତି, ଅଧିକ ପରିମାଣର ନାନା ଆନୁଷଙ୍ଗିକ ଉପାଦାନ ଗଚ୍ଛିତ କରି ରଖିବା ଦ୍ୱାରା ଶିଳ୍ପୋଦ୍ୟୋଗୀର ଋଣଭାର ବୃଦ୍ଧି ହୋଇଥାଏ । ଶିଳ୍ପୋଦ୍ୟୋଗୀ, ମ୍ୟାନେଜର ତଥା ଏହାର ବିଭିନ୍ନ ପରିସରରେ ନିଯୁକ୍ତ କର୍ମଚାରୀଙ୍କ ନିଷ୍ଠା, ଦକ୍ଷତା ତଥା ଆନ୍ତରୀକତାର ଅଭାବ, ଉପଯୁକ୍ତ ଗବେଷଣା ତଥା ନୂତନ ଉତ୍ପାଦନ ପ୍ରଣାଳୀର ବିନିଯୋଗ ନ ହେବା, ଉତ୍ପାଦିତ ଦ୍ରବ୍ୟର ଅତ୍ୟଧିକ ଦର ବୃଦ୍ଧି ଯୋଗୁ ବିକ୍ରୀ ହ୍ରାସ ପ୍ରଭୃତି ଆଭ୍ୟନ୍ତରୀଣ କାରଣ ଶିଳ୍ପ ସଂସ୍ଥାଟିକୁ ରୁଗ୍ଣ ଆଡ଼କୁ ଆଗେଇ ନେଇଥାଏ ।

ଉତ୍ପାଦିତ ଦ୍ରବ୍ୟର ବଜାର ଦର ତଥା ଖୁଚିରାରେ ହଠାତ୍ ପରିବର୍ତ୍ତନ, ସରକାରଙ୍କ କରନୀତି, ବାଣିଜ୍ୟନୀତି ଏବଂ ଆମଦାନୀ ରପ୍ତାନୀ ନୀତିରେ ପରିବର୍ତ୍ତନ, ଶ୍ରମିକ ଅଶାନ୍ତି, କଞ୍ଚାମାଲର ଦରବୃଦ୍ଧି ଓ ଅଭାବ, ବିଦ୍ୟୁତ୍ କାଟ ବା କମ୍ ଭୋଲଟେଜର ବିଦ୍ୟୁତ୍ ପ୍ରବାହ, ଉତ୍ପାଦିତ ପଦାର୍ଥର ବିକ୍ରୀପରେ ଅର୍ଥ ମିଳିବାରେ ଅହେତୁକ ବିଳମ୍ବ ପ୍ରଭୃତି ନାନା ବହିରାଗତ କାରଣ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ରୁଗ୍ଣ କରାଇଥାଏ ।

## ରୁଗ୍ଣତାର ଦୂରୀକରଣର ଉପାୟ :

ଭାରତ ସରକାର ରୁଗ୍ଣ ଶିଳ୍ପ ଆଇନ୍‌ରେ **Board of Industrial and Finance Reconstruction** ନାମକ ଏକ ସଂସ୍ଥା ସ୍ଥାପନ କରିଛନ୍ତି । ଯାହାକି ରୁଗ୍ଣ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ରୁଗ୍ଣତା ନିରାକରଣ ତଥା ପୁନଃ କାର୍ଯ୍ୟକ୍ଷମ କରିବାରେ ସାହାଯ୍ୟ କରିଥାଏ । ଏହା ବ୍ୟତିତ କେତେକ ପଦକ୍ଷେପ ନେଲେ ଶିଳ୍ପ ସଂସ୍ଥାର ରୁଗ୍ଣତା ନିରାକରଣରେ ବିଶେଷ ସାହାଯ୍ୟକାରୀ ହୋଇଥାଏ ।

ପ୍ରଥମତଃ ଦ୍ରବ୍ୟର ଗୁଣମାନ ପ୍ରତିଦ୍ୱନ୍ଦୀଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ସମକକ୍ଷ କି ନୁହେଁ ଦେଖାଯିବା ଉଚିତ ଏବଂ ଯଦି ନୁହେଁ, ସେ ଦିଗରେ ସଠିକ୍ ପଦକ୍ଷେପ ନିଆଯାଇ ଦ୍ରବ୍ୟର ଗୁଣମାନର ଉନ୍ନତି କରାଯିବା ଆବଶ୍ୟକ । ପୁଣି ଯଦି ଉତ୍ପାଦିତ ଦ୍ରବ୍ୟର ଦର ପ୍ରତିଦ୍ୱନ୍ଦୀଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟଠାରୁ ଅଧିକ ହୋଇଥାଏ, ତେବେ ତାହାର ଖୁଚିରା ହ୍ରାସ ପାଇ ଲାଭ କମି ଯାଇଥାଏ । ତେଣୁ ଦ୍ରବ୍ୟର ଦର ସର୍ବଦା ବଜାରକୁ ସୁହାଇଲା ଭଳି ହେଲେ ବିକ୍ରୀ ଅଧିକ ହୁଏ ।

ବିକ୍ରୀ ନ ହେଉଥିବା ଦ୍ରବ୍ୟ, କଞ୍ଚାମାଲ ପ୍ରଭୃତିକୁ ଅଯଥା ଗଚ୍ଛିତ ନ ରଖି ଅତିଶୀଘ୍ର ବିକ୍ରୀ କରି ଦେବା ଦରକାର । ଯଦିଓ ଶ୍ରମିକ ଛଟେଇ ଶିଳ୍ପ ସଂସ୍ଥା ପକ୍ଷରେ ଅନେକ ସମୟରେ କ୍ଷତିକାରୀ ତେବେ ଆବଶ୍ୟକଠାରୁ ଅଧିକ ଶ୍ରମ ନିଯୁକ୍ତି ଅନେକ ସମୟରେ ଶିଳ୍ପ ସଂସ୍ଥାର ଆର୍ଥନୈତିକ ଭାରସାମ୍ୟକୁ ବିପର୍ଯ୍ୟସ୍ତ କରିଥାଏ ।

ରୁଗ୍ଣତା ନିରାକରଣ ଦିଗରେ ଅନ୍ୟ ଏକ ବିଶେଷ ଦରକାରୀ ପଦକ୍ଷେପ ହେଉଛି ଦାୟିତ୍ୱ ବା କ୍ଷମତାର ବିକେନ୍ଦ୍ରୀକରଣ । ଏହାଦ୍ୱାରା ସଂସ୍ଥାର ସ୍ଥାପକ, ପରିଚାଳକଠାରୁ ଆରମ୍ଭକରି ନିମ୍ନସ୍ତରର କର୍ମଚାରୀମାନେ ନିଜର ଦାୟିତ୍ୱ ବୁଝିବାପାଇଁ ଏବଂ ତାହାକୁ ସମ୍ପାଦନ କରିବା ପାଇଁ ସକ୍ଷମ ହୋଇଥାନ୍ତି । ପୁନଶ୍ଚ, କର୍ମଚାରୀମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ନିମନ୍ତେ ଅତ୍ୟାବଶ୍ୟକୀୟ ପଦାର୍ଥ ମାଲିକମାନେ ଯୋଗାଇ ଦେବାଦ୍ୱାରା ଏବଂ କର୍ମଚାରୀମାନଙ୍କର କର୍ମକୁଶଳତା ପ୍ରତି ଦାୟିତ୍ୱଜ୍ଞାନ ବୃଦ୍ଧି ହେବାରୁ ଉତ୍ପାଦନ ବୃଦ୍ଧି ହୋଇଥାଏ ଏବଂ ଶିଳ୍ପ ସଂସ୍ଥାଟି ସୁସ୍ଥରୂପେ ପରିଚାଳିତ ହୋଇପାରିଥାଏ ।

ଏବେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଏକ ନୂତନ ବିଭାଗ ସୃଷ୍ଟି କରିଛନ୍ତି ଯାହାକି ସମସ୍ତ ବ୍ୟାଙ୍କ୍, ଋଣଦାୟୀ ଅନୁଷ୍ଠାନ, ରୁଗ୍ଣ ଶିଳ୍ପ ସଂସ୍ଥା ଏବଂ ସରକାରଙ୍କ ସହ ଯୋଗସୂତ୍ର ସ୍ଥାପନ କରୁଛି। ବ୍ୟାଙ୍କଗୁଡ଼ିକ ଅନେକ ରୁଗ୍ଣ ଶିଳ୍ପ ସଂସ୍ଥାମାନଙ୍କୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ଦିଗରେ କି କି ପଦକ୍ଷେପ ନିଆଯାଇ ପାରିବ ସେ ବିଷୟରେ ସୂଚନା ଦେଇଥାଏ । କିନ୍ତୁ ଅନେକ ସମୟରେ ସମୟ ଅଭାବ ହେତୁ କିମ୍ବା ବ୍ୟାଙ୍କ୍ କର୍ମଚାରୀ ଓ ଶିଳ୍ପପତିଙ୍କ ମଧ୍ୟରେ ଉତ୍ତମ ଯୋଗାଯୋଗର ଅଭାବ ହେତୁ ସମସ୍ତ ନିର୍ଦ୍ଦେଶ ସଠିକ୍‌ଭାବେ କାର୍ଯ୍ୟକାରୀ ହୋଇ ନ ଥାଏ ବା ଅନେକ ବିଳମ୍ବ ଘଟିଥାଏ ।

ଅପର ପକ୍ଷରେ ଦରଦାମ ବୃଦ୍ଧି ହେତୁ ବ୍ୟାଙ୍କ ଋଣ ପରିମାଣ ବୃଦ୍ଧି କରିବା ନିମନ୍ତେ କୌଣସି ନିୟମ ନାହିଁ । ଆଜି ଯେଉଁ ଋଣ ନିମନ୍ତେ ବ୍ୟାଙ୍କମାନଙ୍କୁ ଆବେଦନ କରାଯାଇଥାଏ, ତାହା ମିଳିବା ପାଇଁ ବହୁ ସମୟ ଅତିବାହିତ ହୋଇଯାଇଥାଏ । ଏହି ସମୟ ମଧ୍ୟରେ ଉପାଦାନମାନଙ୍କର ଦର ବୃଦ୍ଧି ହୋଇଯାଇଥାଏ । ତା'ଛଡ଼ା ଉପଯୁକ୍ତ ପରିମାଣର ଋଣ ନ ମିଳିଲେ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ଆପେ ଆପେ ରୁଗ୍ଣ ହୋଇଯାଇଥାଏ । ତେଣୁ ବ୍ୟାଙ୍କମାନଙ୍କ ପକ୍ଷରେ ଋଣର ପରିମାଣ ଏବଂ ଏହା ବିତରଣ ହେବାର ସମୟ ସମ୍ପର୍କରେ ଶୀଘ୍ର ସିଦ୍ଧାନ୍ତ ନିଆଯାଇ ପାରିଲେ ଶିଳ୍ପର ରୁଗ୍ଣତା ଅନେକାଂଶରେ ଦୂରୀଭୂତ ହୋଇପାରିବ ।

ରୋଗର ପ୍ରତିରୋଧ ତାର ପ୍ରତିକାରଠାରୁ ଶ୍ରେୟସ୍କର । ତେଣୁ ଶିଳ୍ପ ସଂସ୍ଥାଗୁଡ଼ିକରେ ରୁଗ୍ଣତାର ଏକ ବା ଏକାଧିକ ଲକ୍ଷଣ ଦେଖାଯିବା ମାତ୍ରେ ସେଗୁଡ଼ିକ ଦୂରକରିବା ନିମନ୍ତେ ଯତ୍ନବାନ ହେବା ଉଚିତ । ରୁଗ୍ଣତାର ପ୍ରଥମ ଲକ୍ଷଣ ତାର ପରିଚାଳକଙ୍କୁ ଜଣାଯାଇଥାଏ । ତେଣୁ ପରିଚାଳନାଗତ ସୁବିଧା ଅସୁବିଧାଗୁଡ଼ିକ ଠିକ୍ ସମୟରେ ପରୀକ୍ଷା କରାଯାଇ ସ୍ଥଳ ବିଶେଷରେ ପରିବର୍ତ୍ତନ ଅଣାଯିବା ଉଚିତ । ତେଣୁ ଲାଭାଂଶରେ ହ୍ରାସ, ଦରକାର ମୁତାବକ ଋଣ ନ ମିଳିବା ଏବଂ ଠିକ୍ ସମୟରେ ଏହାର ପରିଶୋଧ ନ ହେବା, ଶ୍ରମିକମାନଙ୍କୁ ମଜୁରି ଦିଆଯାଇ ନ ପାରିବା, ଶ୍ରମିକ ଅଶାନ୍ତି ପ୍ରଭୃତି ଲକ୍ଷଣ ଯାହାକି ଶିଳ୍ପ ସଂସ୍ଥାଗୁଡ଼ିକୁ ରୁଗ୍ଣ କରିବାରେ ବହୁଭାବରେ ସାହାଯ୍ୟ କରିଥାନ୍ତି, ସେସବୁ ଦୂରୀଭୂତ ହେବା ଉଚିତ । କାରଣ ଏହି ସମସ୍ତ ଲକ୍ଷଣ କ୍ରମଶଃ ଅଣାୟତ୍ତ ହେଲେ ଶିଳ୍ପୋଦ୍ୟୋଗୀଙ୍କୁ ତାଲାବନ୍ଦ ଘୋଷଣା କରିବାକୁ ବାଧ୍ୟ କରିଥାଏ ।

ସ୍କୁଲ ଫର୍ ଏଣ୍ଟ୍ରେପ୍ରେନିଓରସିପ୍ ଡେଭେଲପମେଣ୍ଟ ଆଣ୍ଡ୍
ମ୍ୟାନେଜ୍‌ମେଣ୍ଟ ସାଇନ୍‌ସେସ୍,
ରିଜିଓନାଲ୍ ଇଞ୍ଜିନିଅରିଂ କଲେଜ, ରାଉରକେଲା-୭୬୯୦୦୮ ।

# ନାରୀ ମୁକ୍ତି ଆନ୍ଦୋଳନ ଓ ଅଙ୍ଗୀକାର

• ଶ୍ରୀ ଇନ୍ଦ୍ରଭୂଷଣ କର

'ନାରୀ ମୁକ୍ତି ଆନ୍ଦୋଳନ କଳ୍ପନା–ବିଳାସ ନୁହେଁ କି, ସାହିତ୍ୟ ମନୋରଞ୍ଜନ ନୁହେଁ'। ନାରୀର ସ୍ୱାତନ୍ତ୍ର ଓ ସ୍ୱାଧିକାର ସୁରକ୍ଷା ସାହିତ୍ୟିକ ଆନ୍ଦୋଳନର ଏକ ମୁଖ୍ୟ ଅଙ୍ଗୀକାର ହେବା ଉଚିତ। ଏହି ବିଂଶଶତାବ୍ଦୀର ଏହି ଶେଷ ଦଶକରେ ଆମେ ଦେଖିପାରୁଛୁ ପୃଥିବୀର ଉନ୍ନତ ଓ ଅନୁନ୍ନତ ସବୁ ଦେଶରେ, ନାରୀର ସାମାଜିକ ସ୍ଥିତି, ଦୁର୍ବଳ ଓ ଦୟନୀୟ ଅବସ୍ଥାରେ ପହଞ୍ଚିଛି। ସଭ୍ୟତାର ପ୍ରଗତି ଓ ସମାଜର ପରିବର୍ତ୍ତନ ସଙ୍ଗେ ସଙ୍ଗେ ନାରୀ ସାମାଜିକ ସ୍ଥିତିର ପରିବର୍ତ୍ତନ ହେଉଛି ସତ, କିନ୍ତୁ ନାରୀର ପ୍ରଗତିର ଧାରା ଅତି କ୍ଷୀଣ। ସମସ୍ତ ପ୍ରକାର ଆଇନର ପ୍ରଚଳନ ସତ୍ତ୍ୱେ ଅନେକ କ୍ଷେତ୍ରରେ ନାରୀ ଏବେବି ପୁରୁଷର ଅହଂକାର ଦ୍ୱାରା ଅସହାୟା ଓ ଅତ୍ୟାଚାରିତା। ଏହା ପ୍ରତ୍ୟେକ ସମାଜ–ତତ୍ତ୍ୱବିତ୍‌ମାନେ ଅନୁଭବ କରୁଛନ୍ତି। ବିଖ୍ୟାତ ସାହିତ୍ୟିକ ଜାଁଲ ସାର୍ତ୍ତେଙ୍କ ବାନ୍ଧବୀ ସେଞ୍ଚ ଦ୍ୟୁବୋଅଙ୍କ ତାଙ୍କର ଚାଞ୍ଚଲ୍ୟକର ପୁସ୍ତକ "ସେକେଣ୍ଡ ସେକ୍ସ" ରେ ଦର୍ଶାଇଛନ୍ତି ଯେ ପୁରୁଷ ହିଁ ନାରୀର ସ୍ୱାଧୀନତା ଓ ସମ୍ମାନକୁ ଅବହେଳିତ କରି, ତାଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରିକ ରୂପେ ପରିଗଣିତ କରିଛି। ଏ ବିଷୟ, "ଏମ୍ନେଷ୍ଟି ଇଣ୍ଟରନ୍ୟାସନାଲ୍" ନାମକ ବିଶ୍ୱମାନବାଧିକାର ସଂସ୍ଥା ନାରୀ ଅତ୍ୟାଚାରର ଚାଞ୍ଚଲ୍ୟକର ରିପୋର୍ଟମାନ ପ୍ରକାଶ କରିଛନ୍ତି।

ଭାରତରେ ନାରୀର ସମ୍ମାନ ଓ ସ୍ୱାଧିକାର ରକ୍ଷା ଦିଗରେ– ବହୁ ମନୀଷୀ ଆନ୍ଦୋଳନ ଆରମ୍ଭ କରି ଭାରତୀୟମାନଙ୍କ ଚିନ୍ତାଧାରାରେ– ନବଜାଗରଣ ଆଣିଛନ୍ତି, ସେମାନଙ୍କ ମଧ୍ୟରେ ରାଜା ରାମମୋହନ ରାୟଙ୍କ ସତୀଦାହ ବିରୁଦ୍ଧରେ ଆନ୍ଦୋଳନ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ବିଧବା ବିବାହ ପ୍ରଚଳନର ଯୁକ୍ତିଧାରା, ମହାତ୍ମା ଗାନ୍ଧୀଙ୍କ ନାରୀ ଶିକ୍ଷା ଓ ସ୍ୱାଧିକାର ପାଇଁ ଜାତୀୟ ଉଚେତନତା ସୃଷ୍ଟି କରିବାର ଉଦ୍‌ବୋଧନ; ସରୋଜିନୀ ନାଇଡୁଙ୍କ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ନାରୀମୁକ୍ତିର ପରାକାଷ୍ଠା ପ୍ରଭୃତି ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି। କିନ୍ତୁ ଦୁଃଖର କଥା, ଆମର ଭାରତୀୟ ସଭ୍ୟତା ଓ ଶିକ୍ଷା– ସୀତା, ସାବିତ୍ରୀ, ଗାର୍ଗୀ, ମୈତ୍ରୀ ପ୍ରଭୃତି ନାରୀଙ୍କୁ ଉଚ୍ଚ ଆସନ ଦିଆଯାଇଥିଲେ ମଧ୍ୟ ଏବେ ବି ଭାରତୀୟ ସମାଜରୁ, ସତୀଦାହ, ବଧୂ ନିର୍ଯ୍ୟାତନା, ଅସଂଖ୍ୟ ସହରର ଘୃଣ୍ୟ ଗଣିକା– ବୃତ୍ତି ପ୍ରଭୃତି ସହିତ ସମାଜିକ ବ୍ୟାଧି କ୍ରମେ କ୍ରମେ ଦୁରାରୋଗ୍ୟ କ୍ୟାନ୍‌ସର ରୋଗ ଭଳି ଭାରତୀୟ ସମାଜକୁ ଗ୍ରାସି ଗଲାଣି। ୧୯୫୬ ମସିହାରୁ ଭାରତରେ ନାରୀଙ୍କୁ ପୈତୃକ ସମ୍ପତ୍ତିରେ ସମାନ ଅଧିକାର ଦିଆଯାଇଛି କିନ୍ତୁ ଆଇନଟି ଆଇନ ପୁସ୍ତକରେ ରହିଯାଇଛି। ଏହି ପୁରୁଷ ପ୍ରଧାନ ସମାଜରେ ଝିଅ ଅପେକ୍ଷା ପୁଅକୁ ଅଧିକ ସୁରକ୍ଷା ଓ ନିରାପତ୍ତା ଦିଆଯାଉଛି। ଝିଅ ଜନ୍ମହେବା ପୂର୍ବରୁ, ବୈଜ୍ଞାନିକ ପଦ୍ଧତିରେ ଭ୍ରୁଣହତ୍ୟା କରାଯାଉଛି। ଭାରତୀୟ ନାରୀ, ପୁରୁଷ ଭଳି ସମାନ ଅଧିକାର ପାଇ ପାରୁନି। ଶିକ୍ଷା କ୍ଷେତ୍ରରେ ସାକ୍ଷର ପୁରୁଷର ସଂଖ୍ୟା ୫୬ ଶତାଂଶ ହେଲେ ସାକ୍ଷର ନାରୀର ସଂଖ୍ୟା ୨୪ ଶତାଂଶ ହେବ। ସମାନ ମଜୁରି କ୍ଷେତ୍ରରେ ମଧ୍ୟ ଅନେକ ପ୍ରଦେଶରେ ନାରୀ ପୁରୁଷଠାରୁ କମ୍ ମଜୁରି ପାଉଛି। ଅନେକ ପରିବାରରେ ଜନ୍ମହେଲା ମାତ୍ରେ ଝିଅଟିକୁ ଅବହେଳା କରାଯାଉଛି–ପୁଅକୁ ଅଧିକ ସୁଯୋଗ ଓ ସୁବିଧା ମିଳୁଛି– ଆମର ସାମାଜିକ ଧାରଣା– "ଝିଅ ଜନ୍ମ ପର ଘରକୁ"। ତାକୁ ଅଧିକ ପାଠ ପଢ଼ାଇ ଲାଭ ନାହିଁ। ପରୋକ୍ଷରେ କୌଣସି ଝିଅକୁ, ବୋହୂ କରି ଆଣିବା ପୂର୍ବରୁ ଆସେ ଶ୍ୱଶୁରଙ୍କୁ ଶିକ୍ଷିତା ଝିଅଟି ଆସୁ, ତା' ସହିତ ସେ ବୋହି ଆଣୁ ଆଡମ୍ବରପୂର୍ଣ୍ଣ ଯୌତୁକ ଓ ଉପଢ଼ୌକନ। ତେଣୁ ଆମ ସମାଜରେ ଯୌତୁକ ଜନିତ ବଧୂହତ୍ୟା ବଢ଼ି ବଢ଼ି ଚାଲିଛି। ଭାରତରେ ନାରୀ ନିର୍ଯ୍ୟାତନାର ଏହା ଏକ ସାମାଜିକ ବ୍ୟାଧିର ଜ୍ୱଳନ୍ତ ଉଦାହରଣ।

ତେଣୁ ଆଜି ବିଶ୍ୱରେ ନାରୀ–ମୁକ୍ତି ଆନ୍ଦୋଳନର ଅଗ୍ନି ଶିଖା, ଭୌଗଳିକ ସୀମାରେଖା ଡେଇଁ ପ୍ରବଳ ବେଗରେ ବହି ଚାଲିଛି ପଶ୍ଚିମରୁ ପୂର୍ବକୁ ଉତ୍ତରରୁ ଦକ୍ଷିଣକୁ। ନାରୀ ଚାହେଁ ପୁରୁଷ ଭଳି ସମାନ ସାମାଜିକ ସମ୍ମାନ ଓ ସୁରକ୍ଷା। କେବଳ କଥାରେ ଅର୍ଦ୍ଧାଙ୍ଗିନୀ କହି ନାରୀକୁ ପୁରୁଷ ପ୍ରଧାନ ସମାଜର, କାମ, କ୍ରୋଧ ଓ ଲୋଭର ଶିକାର କରି ଅତ୍ୟାଚାରିତା ଓ ସେମାନଙ୍କ ଅସହନୀୟ ଦୁଃଖ ଓ ନିର୍ଯ୍ୟାତନାର କୋଠରୀକୁ ଠେଲିଦେବା ଉନ୍ନତ, ସାମାଜିକ, ଶାନ୍ତି ଓ ସଦ୍‌ଭାବର ପରିପନ୍ଥୀ। ନାରୀ ଯଦି ବାରମ୍ବାର ଅତ୍ୟାଚାରିତା ହେଉଛି ତା' ଜୀବଦ୍ଦଶାରେ ସେ କେତେବେଳେ ଆଶ୍ରୟ ନେଉଛି ଦେବାଳୟରେ ଅନାଥୁନୀ ବିଧବା ରୂପରେ, କେତେବେଳେ ପତିତାଳୟରେ, ଅତ୍ୟାଚାରିତା ହେଉଛି– ଯୌନବ୍ୟାଧିରେ, କେତେବେଳେ ହତାଶ ହୋଇ ଆତ୍ମହତ୍ୟା କରୁଛି ଦୁଃଖ ଓ ଶୋକରେ। ଭାରତୀୟ ପରିବାର ଓ ସମାଜ ବ୍ୟତୀତ ଭାରତୀୟ ଚଳଚ୍ଚିତ୍ରରେ ନାରୀକୁ ଯୌନକାମନା ଓ ହିଂସାର ଶରବ୍ୟ କରି ଶସ୍ତା କାମ ଆନନ୍ଦ ଦେବାର ଚେଷ୍ଟା ଚାଲିଛି। ଯେଉଁ ପ୍ରକାର ନଗ୍ନଦୃଶ୍ୟ ଆଧୁନିକ ଚଳଚ୍ଚିତ୍ରରେ ଦେଖିବାକୁ ପାଉଛୁ ସେଥିରୁ ସ୍ପଷ୍ଟ ଅନୁମିତ ହେଉଛି ଯେ ନାରୀର ନଗ୍ନ ଦେହ, ଚୁମ୍ବନ ଓ ଅଭିସାରର ସ୍ୱପ୍ନିଳ ପରିବେଶ ସୃଷ୍ଟିକରି, ଜନମତର ଚେତନାକୁ ନିମ୍ନଗାମୀ କରାଯାଉଛି। ଶିଳ୍ପଜଗତରେ ନାରୀର ରୂପ ବୈଭବ ଦ୍ୱାରା ହିଁ ବିଜ୍ଞାପନକୁ ଆକର୍ଷଣୀୟ କରାଯାଉଛି। ପାମେଲା ଭଳି ମଡ଼େଲ ଗାର୍ଲରୁ ବିଶ୍ୱ ବିଖ୍ୟାତ କଲଗାର୍ଲ ସୃଷ୍ଟି ହେଉଛି। ଏହି ସବୁ ଦୁର୍ନୀତିପୂର୍ଣ୍ଣ ନାରୀ ବିପନ୍ନ ସ୍ୱାଧୀନତା ଓ ନିରାପତ୍ତା ବିହୀନତା ଦୃଷ୍ଟିରୁ

ଭାରତରେ ବର୍ତ୍ତମାନ ନାରୀର ମୁକ୍ତି- ଆନ୍ଦୋଳନ ଏକ ସାମାଜିକ ଓ ନୈତିକ ଆବଶ୍ୟକତା ହୋଇପଡ଼ିଛି । ଓଡ଼ିଶା ଭଳି ଦରିଦ୍ର ଅନୁନ୍ନତ ପ୍ରଦେଶରେ ଏ ସମସ୍ୟାର ଆଲୋଚନାର ପ୍ରାସଙ୍ଗିକତା ସବୁଠୁ ଅଧିକ । ଏ କଥା କବି, ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ବୁଝାଇବା ଉଚିତ୍ । ଏ ଦିଗରେ ସାହିତ୍ୟିକମାନଙ୍କର ଏକ ବିଶିଷ୍ଟ ଭୂମିକା ରହିଛି । ସମାଜରେ ଯେତେ ଉନ୍ନତ ଆଇନ ବଳବତ୍ତର ହେଲେ ମଧ୍ୟ ସେ ସବୁ ଆଇନ ପ୍ରଚଳନ ଦ୍ୱାରା ନାରୀର ଆଶାଜନକ ଉନ୍ନତି ହେଉନି- କାରଣ ଆମର ନାରୀ ପ୍ରତି ଦିଷ୍ଟିଭଙ୍ଗୀର ପରିବର୍ତ୍ତନ ହେଉନି । ଏହି ସାମାଜିକ ଓ ନୈତିକ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ପାଇଁ ଗଣଚେତନାର ଆଲୋଡ଼ନ ସୃଷ୍ଟି କରିବା ଦରକାର । ସାହିତ୍ୟ ମାଧ୍ୟମରେ ଏହି ଗଣ ଆନ୍ଦୋଳନକୁ ଅଧିକ ପ୍ରଖର କରି ଚିନ୍ତା ଓ ଚେତନାରେ ନବଜାଗରଣ ଆଣାଯାଇପାରିବ । ସାହିତ୍ୟରେ ନାରୀର ସାମାଜିକ ସ୍ଥିତିର ବାସ୍ତବ ମୂଲ୍ୟାୟନ ହେବା ଉଚିତ୍ । ଏହି ଆଶା ଓ ଆକାଂକ୍ଷା ନେଇ ଭାରତର ସାହିତ୍ୟିକମାନେ ନାରୀର ସାମାଜିକ ସୁସ୍ଥ ସ୍ଥିତି ପାଇଁ ସଙ୍ଘବଦ୍ଧ ଭାବରେ ଉଦ୍ୟମ କରିବା ଉଚିତ । ଏହାହିଁ ଏକବିଂଶତି ଯୁଗର ଆହ୍ୱାନ । ସେହି ଆହ୍ୱାନକୁ ନ ଶୁଣିବା ଅର୍ଥ ଭାରତୀୟ ସମାଜର ସୁଖ ଓ ଶାନ୍ତିକୁ ବିପନ୍ନ କରିବାରେ ଆମେ ସମସ୍ତେ ସହାୟ ହେବା । ସମାଜରେ ନାରୀର ସମ୍ମାନ ଓ ସୁରକ୍ଷା ବିଷୟରେ ସର୍ବୋପରି ନାରୀର ମୁକ୍ତି ଆନ୍ଦୋଳନ ଶିଖାକୁ ଅଧିକ ପ୍ରଜ୍ଜ୍ୱଳିତ କରି, ଶତ ଶତ "ରୂପ କନୱାର" ଭଳି ନିରୀହ କନ୍ୟାକୁ ସତୀଦାହ ଅଗ୍ନିଶିଖା ମଧ୍ୟରୁ ରକ୍ଷା ନକଲେ, ଶତ ଶତ ଅସହାୟା ଅସହାୟଙ୍କୁ ପତିତାଳୟରୁ ଉଦ୍ଧାର ନକଲେ ଓ ଶତ ଶତ ନବବିବାହିତା ବଧୂଙ୍କୁ ବଧୂ - ହତ୍ୟାର ଦାବାନଳରୁ ଉଦ୍ଧାର ନକଲେ, ଇତିହାସ ଆମକୁ କ୍ଷମା ଦେବନି । ଏ ଦିଗରେ ଆମେ ନିଷ୍କ୍ରିୟ ଓ ଉଦାସୀନ ହେଲେ ଆମ ସମାଜ ପଛେଇ ଯିବ । ଆମକୁ ଆମରି ସନ୍ତାନ ମୃତାତ୍ମା ଧିକ୍କାର କରି କହିବ- "ତୁମେ ସବୁ ନାରୀ ଅତ୍ୟାଚାର ଜନିତ ହିଂସା ଓ ଅଶାନ୍ତିର ପୃଷ୍ଠପୋଷକ । "ଉଇ ଆର୍ ଦି ହଲୋମ୍ୟାନ ।"

ସମ୍ପାଦକ,
ଓଡ଼ିଶା ସାହିତ୍ୟ ଏକାଡେମୀ,
ଭୁବନେଶ୍ୱର-୭୫୧୦୧୪ ।



ସର୍ବ ଭାରତୀୟ କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫୦୦୧ ଟଙ୍କାର ଏକ ବ୍ୟାଙ୍କ ଡ୍ରାଫ୍ଟ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଉଛି ।

# ଚାଷୀଙ୍କ ସେବାରେ ବିହନ ନିଗମ

● ବିକ୍ରମକେଶରୀ ବର୍ମା

ଉନ୍ନତ ଚାଷ ପାଇଁ ୫ ଗୋଟି ଉପାଦାନ ଅପରିହାର୍ଯ୍ୟ ଯଥା-(୧) ଉନ୍ନତ ବିହନ, (୨) ଜଳସେଚନର ସୁବ୍ୟବସ୍ଥା, (୩) ସାର, (୪) ଚାଷୋପଯୋଗୀ ଯନ୍ତ୍ରପାତି, (୫) ରୋଗ ପ୍ରତିଷେଧକ ଔଷଧ। ଏହି ୫ ଗୋଟି ଉପାଦାନ ପରସ୍ପର ଏତେ ନିର୍ଭରଶୀଳ ଯେ ଗୋଟିକର ଖିଲାପ ହେଲେ ଉତ୍ପାଦନରେ ବାଧା ପଡିବ।

ସର୍ବପ୍ରଥମ ଉପାଦାନ ହେଉଛି ବିହନ। କାରଣ ଉନ୍ନତ ବିହନ ନ ହେଲେ ଅନ୍ୟ ଚିନିଗୋଟି ଉପାଦାନ ଥିଲେ ମଧ୍ୟ ଉତ୍ପାଦନ ସନ୍ତୋଷଜନକ ହୋଇପାରିବ ନାହିଁ। ଧରାଯାଉ : ଜଳସେଚନର ସୁବ୍ୟବସ୍ଥା ଅଛି, ରାସାୟନିକ ସାର ପ୍ରୟୋଗ ହୋଯାଉଛି, କିନ୍ତୁ ନିମ୍ନମାନର ବିହନ ଜମିରେ ବୁଣାଯାଉଛି। ତେବେ ଉତ୍ପାଦନ ଅଧିକ ହେବ ନାହିଁ।

ଆମ ରାଜ୍ୟର ଚାଷୀମାନେ ଯେଉଁସବୁ ପ୍ରକାର ଧାନ ବିହନ ଜମିରେ ବୁଣୁଛନ୍ତି ସେଗୁଡିକ ଅଧିକ ଉତ୍ପାଦନ ଦେବାକୁ ଅକ୍ଷମ। ଯେତେ ଚେଷ୍ଟା କଲେ ମଧ୍ୟ ଚାଷ ଦଶ୍ ବାର ଗୌଣୀରୁ ଅଧିକ ଧାନ ଅମଳ ହୋଇପାରୁ ନାହିଁ। ଫଳରେ ସେ ଯେତିକି ଚାଷରେ ଖର୍ଚ୍ଚ କରୁଛି, ତାହା ଉତ୍ପାଦନରୁ ପାଉନାହିଁ। ସାର, ପୋକମରା ଔଷଧ ଆଦିର ଦରବୃଦ୍ଧି ସାଙ୍ଗକୁ ମଜୁରି ବୃଦ୍ଧିର ହିସାବ କଲେ ଚାଷୀ ଯେତିକି ଖର୍ଚ୍ଚ କରିବ ପାରମ୍ପରିକ ବିହନ ବୁଣିଲେ ତାହାଠାରୁ ଉତ୍ପାଦନ କମ ହେବ, ଏଥିରେ ସନ୍ଦେହ ନାହିଁ। ତାହାହେଲେ ଚାଷୀ ଚାଷ କରିବ କାହିଁକି ? ଦିନକୁ ଦିନ ଯଦି ତାହାର ଆର୍ଥିକ ମାନଦଣ୍ଡ ଭୁଷୁଡି ପଡେ, ତେବେ ସେ ଚାଷ କାର୍ଯ୍ୟ ଛାଡି ଅନ୍ୟ ଧନ୍ଦା ଧରିବାକୁ ଚେଷ୍ଟା କରିବ। ଏବେ ଗ୍ରାମାଞ୍ଚଳରୁ ବହୁ ସଂଖ୍ୟକ ଲୋକ ସହରକୁ ପଳାଇ ଆସି କଳକାରଖାନାରେ କାମ କରିବା ଓ ବ୍ୟବସାୟ କରିବାର ମୂଳରେ ଏହି କାରଣ ନିହିତ। ଯେପରି ଭାବରେ ଗ୍ରାମାଞ୍ଚଳର ଲୋକମାନଙ୍କ ମନରେ ଚାଷ ପ୍ରତି ବିରାଗ ସୃଷ୍ଟି ହେଲାଣି ତାହା ଦୂର କରା ନ ଗଲେ ଦେଶରେ ପ୍ରବଳ ଖାଦ୍ୟଭାବ ଦେଖାଦେବ ଏଥିରେ ସନ୍ଦେହ ନାହିଁ।

ଏ ସମସ୍ୟାର ସମାଧାନ ଅଧିକ ଅମଳକ୍ଷମ ଉନ୍ନତ ବିହନ ପ୍ରୟୋଗ ଦ୍ୱାରାହିଁ ହୋଇପାରିବ ଏହା ନିଃସନ୍ଦେହ। ଅଧିକ ଉତ୍ପାଦନକ୍ଷମ ବିହନ ବୁଣିଲେ ପାରମ୍ପରିକ ବିହନଠାରୁ ଦି' ତିନିଗୁଣା ଅଧିକ ଉତ୍ପାଦନ ହୋଇପାରିବ, ଫଳରେ ଚାଷୀ ଅଧିକ ଲାଭ ପାଇ ପାରିବ। ଏଣୁ କେନ୍ଦ୍ରସରକାରଙ୍କ ପକ୍ଷରୁ ବିଦ୍ୟାଧରପୁରଠାରେ ଧାନ ଗବେଷଣା କେନ୍ଦ୍ର ଖୋଲାଯାଇ ନୂତନ ନୂତନ ଅଧିକ ଅମଳକ୍ଷମ ଧାନ ବିହନ ସୃଷ୍ଟି କରାଯାଉଛି। ସେହିସବୁ ଉନ୍ନତ କିସମର ବିହନରୁ ଭିତ୍ତି ବିହନ (Foundation seeds) କୃଷକମାନଙ୍କୁ ଯୋଗାଇ ପ୍ରମାଣିତ ବିହନ ଉତ୍ପାଦନ କରିବା ବିହନ ନିଗମର ମୁଖ୍ୟ କାର୍ଯ୍ୟ।

ଓଡିଶା ରାଜ୍ୟ ବିହନ ନିଗମ ୧୯୭୮ ମସିହାରେ ସ୍ଥାପିତ ହୋଇଥିଲା। ଏହା ସ୍ଥାପିତ ହୋବାର ୨୦ ବର୍ଷ ହୋଇଗଲାଣି। ପ୍ରଥମେ ଶ୍ରୀ ସୋମନାଥ ସୋମ ନିଗମର ଅଧ୍ୟକ୍ଷ ଓ ଡଃ ବିକ୍ରମ ମଲ୍ଲିକ ପରିଚାଳନା ନିର୍ଦ୍ଦେଶକ ଥିଲେ। ଏ ପର୍ଯ୍ୟନ୍ତ ୧୫ ଜଣ ଆଇ:ଏ:ଏସ: ଅଫିସର ବିହନ ନିଗମର ଅଧ୍ୟକ୍ଷ ଦାୟିତ୍ୱରେ ରହି ଆସିଛନ୍ତି ଏବଂ ବିକ୍ରମକେଶରୀ ବର୍ମା ଏକମାତ୍ର ଅଣ ଆଇ:ଏ:ଏସ: ହିସାବରେ ଗତ ତା ୨୦/୬/୯୦ରିଖରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡଃ ଦେବୀପ୍ରସାଦ ମିଶ୍ର ଏବେ ନିଗମର ପରିଚାଳନା ନିର୍ଦ୍ଦେଶକ ଅଛନ୍ତି।

ବିହନ ନିଗମ ପକ୍ଷରୁ ଯେଉଁସବୁ ଉନ୍ନତ ଧାନ ଭିତ୍ତି ବିହନ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି ସେ ସବୁ ହେଲା, କଳିଙ୍ଗ ୩, ସାବିତ୍ରି, ତୁଳସୀ, ପଦ୍ମିନୀ, ଧରିତ୍ରୀ, ଗାୟତ୍ରୀ, ବନପ୍ରଭା, ସ୍ୱର୍ଣ୍ଣ, ଜ୍ୟୋତି, ଜଗନ୍ନାଥ ଇତ୍ୟାଦିମ ସେହିପରି ଚିନାବାଦାମର ନୂତନ କିସମ ବିହନ ଯଥା–ଉତ୍ଥାନ, କିଷାନ, କାଦ୍ରୀ–୩, ଆଇ:ସି:ଜି:ଏସ–୧୧ ଓ ଟି:ଜି–୩ର ପ୍ରମାଣିତ ବିହନ ଉତ୍ପାଦନ ଯୋଜନା କାର୍ଯ୍ୟକାରୀ ହୋଇଛି। ଏହା ବ୍ୟତୀତ ଗହମ, ଚିଲ, ଆଳୁ, କପା,ମୁଗ, ବିରି ଆଦିର ଉନ୍ନତ ପ୍ରମାଣିତ ବିହନ ମଧ୍ୟ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି।

ରାଜ୍ୟରେ ଚାଷର ଉନ୍ନତି ପାଇ ବିହନ ନିଗମର ଦାୟିତ୍ୱ ଅଧିକ ଏଥିରେ ସନ୍ଦେହ ନାହିଁ। ବିହନ ଯଦି କୌଣସି କାରଣରୁ ନକଲି ହୋଇଥାଏ ତେବେ ଚାଷୀ ସର୍ବସ୍ୱାନ୍ତ ହୋଇଯିବ। ତେଣୁ ପ୍ରମାଣିତ ବିହନର ଗୁଣାତ୍ମକ ମାନ ପ୍ରତି ନିଗମ ସର୍ବ ପ୍ରଥମେ ଦୃଷ୍ଟି ଦେଇଥାଏ, ଏହି ଉନ୍ନତ ପ୍ରମାଣିତ ବିହନ ଚାଷୀମାନଙ୍କ ନିକଟରେ ଚାଷକାର୍ଯ୍ୟ ଆରମ୍ଭ ପୂର୍ବରୁ ପହଞ୍ଚିବା ଆବଶ୍ୟକ। ବିଳମ୍ବରେ ପହଞ୍ଚିଲେ ଚାଷୀର କାମରେ ଏହା ଆସିପାରେ ନାହିଁ। ଏ ପର୍ଯ୍ୟନ୍ତ ନିଗମ ପ୍ରାୟ କୃଷି ବିଭାଗକୁ ବିହନ ବିକ୍ରୟ କରି ଆସିଅଛି। କୃଷି ବିଭାଗ ରାଜ୍ୟ ବିହନ ନିଗମଠାରୁ ବିଭିନ୍ନ କିସମର ବିହନ ଖରିଦକରି ବିଭିନ୍ନ ବ୍ଲକରେ ଥିବା କୃଷି ସମ୍ପ୍ରସାରଣ ଅଧିକାରୀଙ୍କ ମାଧ୍ୟମରେ ଚାଷୀମାନଙ୍କୁ ବିକ୍ରୟ କରିଥାନ୍ତି। ତେଣୁ ଏପରି ତିନି ଶ୍ରେଣୀରେ ପାଣୀ ଉଠିବାରୁ ଚାଷୀ ଠିକ୍ ସମୟରେ ବିହନ ପାଇ ପାରେ ନାହିଁ।

ଏବେ ଚାଷୀମାନଙ୍କୁ ସିଧାସଳଖ ବିହନ ନିଗମ ପକ୍ଷରୁ ଉନ୍ନତ ବିହନ ଯୋଗାଇ ଦେବାର ଚିନ୍ତା କରାଯାଉଛି। ସଫଳପୁର,

କଟକ ଓ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକରେ ୨୭୦ ଜଣ ଡିଲର ନିଯୁକ୍ତି କରାଯାଇ କୃଷୀମାନଙ୍କୁ ସୁବିଧାରେ ସିଧାସଳଖ ବିହନ ଯୋଗାଇ ଦିଆଯିବା ଆରମ୍ଭ ହୋଇଛି। ଏଥିପାଇଁ ଜନ ସହଯୋଗ ଆବଶ୍ୟକ। ସେହିପରି ବିହନ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। କୃଷୀଙ୍କ ଜମିରେ ବିହନ ଉତ୍ପାଦନ ଯୋଜନା କାର୍ଯ୍ୟକାରୀ କରାଯିବା ସଙ୍ଗେ ସଙ୍ଗେ ଏ ବର୍ଷ ସରକାରଙ୍କଠାରୁ ବିହନ ନିଗମ ପାଇଥିବା ୪ଗୋଟି ଫାର୍ମରେ ମଧ୍ୟ ବିହନ (ଫାଉଣ୍ଡେସନ ବିହନ) ଉତ୍ପାଦନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ଏ ବର୍ଷ ଓଡ଼ିଶାରେ ତୈଳଜାତୀୟ ଓ ଡାଲିଜାତୀୟ କୃଷିର ବିକାଶ ପାଇଁ ରାଜ୍ୟ ବିହନ ନିଗମ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ଚିନାବାଦାମ, ସୋରିଷ, ରାଶି ଓ ନୂତନ ଭାବରେ ସୂର୍ଯ୍ୟମୁଖୀ ବିହନ ଓ ହରଡ଼, ମୁଗ, ବିରି ବିହନ ଚାଷ ପୂର୍ବରୁ କୃଷୀମାନଙ୍କୁ ଯୋଗାଇ ଦେବାର ଯୋଜନା କରାଯାଇଛି। ଖରିଫରେ ଅମଳ ହେଉଥିବା ଚିନାବାଦାମ ବିହନକୁ ରବିଋତୁ ପର୍ଯ୍ୟନ୍ତ ନିଖୁଣ ରଖିବା ପାଇଁ ଶୀତତାପ ଓ ଜଳକଣା ନିୟନ୍ତ୍ରିତ ଷ୍ଟୋର କେନ୍ଦ୍ରସରକାରଙ୍କ ଅନୁଦାନ ସାହାଯ୍ୟରେ ଭୁବନେଶ୍ୱର ନିକଟସ୍ଥ ଚନ୍ଦ୍ରଶେଖରପୁରଠାରେ ନିର୍ମାଣ ଚାଲିଛି। ଏ ବର୍ଷ ଖରିଫ ଋତୁରେ ପ୍ରଥମ ଥର ପାଇଁ ଅକ୍ଷୟ ତୃତୀୟାର ଦଶଦିନ ପୂର୍ବରୁ ବିଭିନ୍ନ କିସମର ଉନ୍ନତ ଧାନ ବିହନ ଓଡ଼ିଶାର ସମସ୍ତ ବ୍ଲକକୁ ଯୋଗାଇ ଦିଆଯାଇଛି। ଗତ ବର୍ଷ ତୁଳନାରେ ଏ ବର୍ଷ ତିନିଗୁଣାରୁ ଅଧିକ ଧାନ ବିହନ କୃଷୀଙ୍କୁ ଯୋଗାଇ ଦିଆଯାଇ ନୂତନ ରେକର୍ଡ ସୃଷ୍ଟି କରାଯାଇ ପାରିଛି।

କୃଷୀ ଦେଶର ଆତ୍ମା, କିନ୍ତୁ ଦେଶର ଶ୍ରୀ ଗହଳରେ ରହି ଖରା ଶୀତ-ବାକରକୁ ଖାତିର ନକରି ବିଲ ବାଡ଼ିରେ ଗଧ ପରି ଖଟୁଥିବା ଏହି ଆତ୍ମାର କରୁଣ ଚିତ୍କାର ଯଦି ଦେଶ ନ ଶୁଣେ, ତେବେ ଦେଶର ଅଧୋଗତି ହେବ ଏଥିରେ ସନ୍ଦେହ ନାହିଁ। ଭାରତର ଏକମାତ୍ର ସଂସ୍କୃତି (Culture) ହେଉଛି କୃଷି (Agriculture)। ଓଡ଼ିଶା କୃଷି ସଂସ୍କୃତି ଅାହୁରି ପୁରାତନ, କିନ୍ତୁ ଓଡ଼ିଶା କୃଷୀର ଦୁର୍ଦ୍ଦଶା ସବୁଠାରୁ କରୁଣ। ସେହି ନିର୍ଯ୍ୟାତିତ ଅସହାୟ ସେବାରେ ରାଜ୍ୟ ବିହନ ନିଗମ ନିଜକୁ ଉତ୍ସର୍ଗ କରି ପାରିଲେ ଲକ୍ଷ୍ୟ ହାସଲ ହେବ। ଆମର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କୃଷିର ବିକାଶ ଲାଗି ବିହନ ନିଗମକୁ ଅଧିକ ସକ୍ରିୟ କରିବା ପାଇଁ ଦେଇଥିବା ପରାମର୍ଶ ଆଗାମୀ ଦିନମାନଙ୍କରେ କାର୍ଯ୍ୟକାରୀ କରାଯାଇ କୃଷୀମାନଙ୍କର ପ୍ରକୃତ ସେବା କରିବାରେ ନିଗମ ସମର୍ଥ ହେବ ବୋଲି ବିଶ୍ୱାସ।

ଅଧ୍ୟକ୍ଷ ରାଜ୍ୟ ବିହନ ନିଗମ,
ଭୁବନେଶ୍ୱର।




କେନ୍ଦୁଝର ସଦର ମହକୁମାଠାରେ ଆୟୋଜିତ ଗାନ୍ଧୀ ଜୟନ୍ତୀ ଉତ୍ସବରେ ଜିଲ୍ଲା ପୋଲିସ୍ ଅଧକ୍ଷ ଶ୍ରୀ ସାରଙ୍ଗଧର ରାଜଗୁରୁ, ବିଶିଷ୍ଟ ସାହିତ୍ୟିକ ଶ୍ରୀ ମଦନ ମୋହନ ମିଶ୍ର, କେନ୍ଦୁଝର ଲୋକସଭା ସଦସ୍ୟ ଶ୍ରୀ ଗୋବିନ୍ଦଚନ୍ଦ୍ର ମୁଣ୍ଡା (୨୯/୧୦)।

# ରାଜା ସୁରପ୍ରତାପଙ୍କ ପୂଣ୍ୟକୀର୍ତ୍ତି କୁଞ୍ଜକାନ୍ତ ଜୀଉ ମନ୍ଦିର

• ପ୍ରଦ୍ୟୁମ୍ନ ରଥ

କସ୍ତୁରୀ ତିଳକଂ ଲଲାଟ ପଟଳେ କୌସ୍ତୁଭଂ,
ନାସାଗ୍ରେ ବରମୌକ୍ତିକଂ କରତଳେ ବେଣୁଂକରେ କଙ୍କଣଂ ।
ସର୍ବାଙ୍ଗେ ହରିଚନ୍ଦନଂ ସୁଲଳିତଂ କଣ୍ଠେଚ ମୁକ୍ତାବଳୀ,
ଗୋପ ସ୍ତ୍ରୀ ପରିବେଷ୍ଟିତ ବିଜୟତେ ଶ୍ରୀଗୋପାଳ
ଚୂଡ଼ାମଣିଃ ।

ବ୍ୟାସଦେବଙ୍କ ରଚିତ ଶ୍ରୀମଦ୍ ଭାଗବତ ବର୍ଣ୍ଣିତ କୃଷ୍ଣଙ୍କର ଏହି ନୟନାଭିରାମ ଦୃଶ୍ୟର ଜୀବନ୍ତ ପ୍ରତିଛବି ଢେଙ୍କାନାଳ ସହରସ୍ଥ ଶ୍ରୀ କୁଞ୍ଜକାନ୍ତ ଜୀଉଙ୍କ ମନ୍ଦିରରେ ଦେଖାଯାଇଥାଏ । ଶତାବ୍ଦୀ ବର୍ଷ ତଳର ଏହି ମନ୍ଦିର ରାଜା ସୁରପ୍ରତାପ ମହୀନ୍ଦ୍ର ବାହାଦୁର ସିଂହଦେଓଙ୍କର ଏକ ଅନନ୍ୟ ପୂଣ୍ୟକୀର୍ତ୍ତି ।

ରାଜା ସୁରପ୍ରତାପ ୧୮୮୫ ମସିହା ଫେବ୍ରୁୟାରୀ ୨୦ ତାରିଖ ଦିନ ମାତା ଅନ୍ନପୂର୍ଣ୍ଣା ଦେବୀଙ୍କ ଗର୍ଭରୁ ଭୂମିଷ୍ଠ ହୋଇଥିଲେ । ମାତ୍ର ଚାରିମାସର ଶିଶୁ ଥିବାବେଳେ ପିତା ଦୀନବନ୍ଧୁ ମହୀନ୍ଦ୍ର ବାହାଦୁର ୧୮୮୫ ମସିହା ଜୁନ୍ ୨୯ ତାରିଖରେ ପରଲୋକ ଗମନ କରିଥିଲେ । ନାବାଳକ ହେତୁ ଉକ୍ତ ସମୟରେ ରାଜ୍ୟରେ ବ୍ରିଟିଶ୍ ସରକାରଙ୍କ ପକ୍ଷରୁ କୋର୍ଟ ଅଫ୍ ୱାର୍ଡ଼ସ୍ ଜାରି ହୋଇଥିଲା । ୧୮୯୬ ମସିହାରେ ୧୧ ବର୍ଷ ବୟସରେ ସୁରପ୍ରତାପଙ୍କ ଉପବୀତ ଉପନୟନ ଅନୁଷ୍ଠିତ ହୋଇଥିଲା । ୧୭ ବର୍ଷ ବୟସରେ ସେରାଇକଳାର ରାଜା ନୃପେନ୍ଦ୍ର ନାରାୟଣ ସିଂହଦେଓଙ୍କ ଜ୍ୟେଷ୍ଠା କନ୍ୟା କୃଷ୍ଣଚନ୍ଦ୍ରପ୍ରିୟାଙ୍କ ପାଣି ଗ୍ରହଣ କରିଥିଲେ । ସାବାଳକ ହେବା ପରେ ଏକୋଇଶ ବର୍ଷ ବୟସରେ ୧୯୦୬ ମସିହା ଲର୍ଡ଼ ଏଲ୍‌ଗିନ୍‌ଙ୍କ ବଡ଼ଲାଟତ୍ୱ ସମୟରେ ସୁରପ୍ରତାପ ଢେଙ୍କାନାଳର ପ୍ରତ୍ୟକ୍ଷ ଶାସନ ଭାର ଗ୍ରହଣ କରିଥିଲେ । ସୁରପ୍ରତାପ ରାଜ୍ୟରେ ନୂତନ ଭାବେ ମଠ ମନ୍ଦିରଗୁଡ଼ିକର ସୁପରିଚାଳନା ପାଇଁ ଦେବୋତ୍ତର ବିଭାଗ ସୃଷ୍ଟି କରିଥିଲେ । ବର୍ତ୍ତମାନ ସହରର ପୂର୍ବାଞ୍ଚଳରେ ଏକ ବିରାଟ ଆମ୍ର କାନନ ପ୍ରତିଷ୍ଠାର ଶୁଭାରମ୍ଭ ୧୯୧୬ ମସିହା ମେ ମାସ ୨୨ ତାରିଖ ଦିନ କରିଥିଲେ । ଏହି ସମୟରେ ଆମ୍ରୋଦ୍ୟାନ ମଧ୍ୟରେ ଏକ ବୃହତ୍ ପୁଷ୍କରିଣୀ ଖୋଳାଇଥିଲେ । ସୁମଧୁର ଆମ୍ର କାନନ ମଧ୍ୟରେ କୁଞ୍ଜକାନ୍ତ ଜୀଉ ମନ୍ଦିରର ଶୁଭ ପ୍ରତିଷ୍ଠା ୧୯୧୭ ମସିହା ଜୁନ୍ ୨୯ ତାରିଖ ଆଷାଢ଼ ଶୁକ୍ଳ ଦଶମୀ ଦିନ ଅନୁଷ୍ଠିତ ହୋଇଥିଲା । ଦୂରଦର୍ଶୀ ସୁରପ୍ରତାପ କୁଞ୍ଜକାନ୍ତ ଜୀଉ ମନ୍ଦିର ନାମର ସାର୍ଥକତା ପାଇଁ ଏକ ଯଥାର୍ଥ ପରିବେଶର କଳ୍ପନା କରି ମନ୍ଦିରର ଅନତି ଦୂରରେ କୁଞ୍ଜକାନ୍ତ ପୁଷ୍କରିଣୀ ଓ ଚତୁଷ୍ପାର୍ଶ୍ୱରେ ଏକ ବିରାଟ ଆମ୍ରୋଦ୍ୟାନ ପ୍ରତିଷ୍ଠା କରିଥିଲେ । ମଧୁବନ ନାମରେ ଖ୍ୟାତ ଏହି ଆମ୍ରୋଦ୍ୟାନ ପଚାଶ ବର୍ଷ ଧରି ଅତୁଟ ରହିବା ପରେ ତେଣିକି ରାଜ ପରିବାର ଉକ୍ତ ସ୍ଥାନକୁ ଗୃହ ନିର୍ମାଣ ସକାଶେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ବିକ୍ରୟ କରିବା ଆରମ୍ଭ କରିଥିଲେ । ଆମ୍ର କାନନ ସ୍ଥାନରେ କ୍ରମଶଃ ବାସଗୃହମାନ ନିର୍ମିତ ହେବାକୁ ଲାଗିଲା । ଆଜି ଏହା ସମ୍ପୂର୍ଣ୍ଣ ଲୁପ୍ତ ।

କୁଞ୍ଜକାନ୍ତଜୀଉଙ୍କ ରାଧାକୃଷ୍ଣ ବିଜୟ ପ୍ରତିମା ଏବଂ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ବୃନ୍ଦାବନର ବିଶିଷ୍ଟ ପଣ୍ଡିତ ଶ୍ରୀ ମଧୁସୂଦନ ଦାସ ଗୋସ୍ୱାମୀଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ଅପରୂପ ଭଙ୍ଗୀରେ ବିରାଜିତ କୃଷ୍ଣ ମୂର୍ତ୍ତି ନୃତ୍ୟ ଗୋପାଳ ଠାଣୀରେ ଦଣ୍ଡାୟମାନ । ବିଗ୍ରହର ଉଚ୍ଚତା ୫ ଫୁଟ ହେବ । ଛଣା ପିତ୍ତଳ ନିର୍ମିତ ଶ୍ରୀରାଧାଙ୍କ ବିଗ୍ରହର ଉଚ୍ଚତା ଅନ୍ୟୂନ ସାଢ଼େ ତିନି ଫୁଟ ହେବ । ଉଭୟ ବିଗ୍ରହ ୩୬୪, ଅପର୍ ଚିତପୁର ରୋଡ୍, କଲିକତାର ବଙ୍ଗୀୟ ଶିଳ୍ପୀ ଭାସ୍କରଙ୍କ ଦ୍ୱାରା ନିର୍ମିତ ହୋଇଥିବା ବିଷୟ ବିଗ୍ରହର ପାଦ ଦେଶରେ ଥିବା ଇଂରାଜୀ ଲେଖାରୁ ଜଣାଯାଏ । ହସ୍ତରେ ବେଣୁ, ଶିରରେ ଶିଖିପୁଚ୍ଛ, ଲଲାଟରେ କସ୍ତୁରୀ ତିଳକ, ବକ୍ଷରେ କୌସ୍ତୁଭ ହାର ଧାରଣ ପୂର୍ବକ ନୃତ୍ୟରତ ଗୋପାଳ ବିଗ୍ରହଙ୍କ ବାମ ପାର୍ଶ୍ୱରେ ଶ୍ରୀରାଧା ବିରାଜମାନ କରିଛନ୍ତି । ଶ୍ରୀରାଧାଙ୍କ ପାର୍ଶ୍ୱରେ ତାଙ୍କର ଏକାନ୍ତ ଅନ୍ତରଙ୍ଗ ସଖୀ ଲଳିତା ଚାମର, ବିଶାଖା ତାମ୍ବୁଳ ପାତ୍ର, ଚିତ୍ରା ଫୁଲ ସୁଗନ୍ଧା ଏବଂ ଇନ୍ଦୁରେଖା ଶଙ୍ଖ ହସ୍ତରେ ଦଣ୍ଡାୟମାନ ରହିଛନ୍ତି । ଅପର ପକ୍ଷରେ କୃଷ୍ଣଙ୍କ ପାର୍ଶ୍ୱରେ ସୁଦେବୀ ବ୍ୟଞ୍ଜନ, ତୁଙ୍ଗବିଦ୍ୟା ଝାଞ୍ଜ, ରଙ୍ଗଦେବୀ ମୃଦଙ୍ଗ ଏବଂ ଚମ୍ପକଲତା ସୀତାର ଆଦି ବାଦ୍ୟ ସହ ଉପସ୍ଥିତ ଅଛନ୍ତି ।

୪୨ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ସାରିଦେଳା ପର୍ବତର ପାଦ ଦେଶରେ ଜାତୀୟ ରାଜପଥଠାରୁ ୫୦ ଫୁଟ ଉଚ୍ଚରେ ଏକ ନୈସର୍ଗିକ ପରିବେଶରେ ଏହି ମନ୍ଦିର ଅବସ୍ଥିତ । ରାଜପଥଠାରୁ ମନ୍ଦିର ଉଦ୍ଦେଶ୍ୟରେ ନିର୍ମିତ ୨୦୦ ଫୁଟ ଲମ୍ବର ରାସ୍ତା ଦେଇ ଯିବାପରେ ୫୦ଟି ପାବଚ୍ଛ ଅତିକ୍ରମ କରି ମନ୍ଦିର ପାଦ ଦେଶରେ ପହଞ୍ଚିବାକୁ ହୋଇଥାଏ । ପର୍ବତର ପାଦ ଦେଶରେ ଭୂମି ପତ୍ତନଠାରୁ ମନ୍ଦିରର ଉଚ୍ଚତା ଅନ୍ୟୂନ ୨୦ ଫୁଟ ହେବ । ମନ୍ଦିର ଚତୁଃପାର୍ଶ୍ୱରେ ଦକ୍ଷ ଇଟା ଦ୍ୱାରା ନିର୍ମିତ ପ୍ରାଚୀର ରହିଚି । ମନ୍ଦିରର ସମ୍ମୁଖ ଭାଗ ଉତ୍ତର ଦିଗାଭିମୁଖୀ ଅଟେ । ମନ୍ଦିରର ପ୍ରବେଶ ଦ୍ୱାରରେ ୩୦ ଫୁଟ ଉଚ୍ଚର ଏକ ତୋରଣ ରହିଛି । ମନ୍ଦିର ଫାଟକ ସେ ସମୟର ଢଳେଇ ଲୁହା ଦ୍ୱାରା ନିର୍ମିତ । ବେଢ଼ା ପରିସର ମଧ୍ୟସ୍ଥ ଚଟାଣ ଆୟତାକାର କ୍ଷୁଦ୍ର କ୍ଷୁଦ୍ର ଚିକ୍କଣ ଧଳା ମାର୍ବଲ ପ୍ରସ୍ତର ଖଣ୍ଡ ଦ୍ୱାରା ଆଚ୍ଛାଦିତ । ବେଢ଼ା ମଧ୍ୟରେ ଶ୍ରୀଜୀଉଙ୍କ ଭୋଗଘର ଏବଂ ରାସ ମଣ୍ଡପ ରହିଛି । ଭୋଗଘର କଡ଼ି ବରଗା ଛାତ ବିଶିଷ୍ଟ ଏବଂ ରାସ ମଣ୍ଡପର ଛାତ ଟାଇଲ ଛପର ହୋଇ କାହାଳୀ ଆକୃତି ବିଶିଷ୍ଟ ହୋଇଛି । ବେଢ଼ା ପରିସରରେ ବେଲ

ଏବଂ କନିଅର ଆଦି ବୃକ୍ଷ ଦେଖାଯାଏ । ପରିସର ବାହାରେ ମନ୍ଦିରର ସମ୍ମୁଖ ଭାଗ ବାମ ପାର୍ଶ୍ୱରେ ଏକ ବିରାଟ ବଟବୃକ୍ଷ ଏବଂ ଅପର ପାର୍ଶ୍ୱରେ ୧୯୬୭ରେ ନିର୍ମିତ ସୁରପ୍ରତାପ ସ୍ମୃତିପୀଠର ପ୍ରାସାଦ ରହିଛି । ଉଭୟ ପାର୍ଶ୍ୱରେ ବସିବା ପାଇଁ ବାଲି, ଚୂନ, ଇଟା ଦ୍ୱାରା ନିର୍ମିତ ବେଞ୍ଚ ମଧ୍ୟ ରହିଛି । ଶ୍ରୀଜୀଉଙ୍କ ମୁଖ୍ୟ ମନ୍ଦିରଟି ଏକ ଦ୍ୱାଦଶକୋଣାକୃତି ଚଟାଣ ଉପରେ ଅବସ୍ଥିତ । ଚତୁର୍ଦ୍ଦିଗରେ ୪ ପାବଚ୍ଛ ବିଶିଷ୍ଟ ୪ଟି ଦ୍ୱାର ରହିଛି । ସମଗ୍ର ଚଟାଣ ଓ ପାବଚ୍ଛ ମାର୍ବଲ ପ୍ରସ୍ତର ଦ୍ୱାରା ଆଚ୍ଛାଦିତ । ଚଟାଣ ମଧ୍ୟ ସ୍ଥଳରେ ୨୦ ଫୁଟ ଲମ୍ବ ପ୍ରସ୍ଥ ଓ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ଗର୍ଭଗୃହରେ ଶ୍ରୀଜୀଉ ଓ ଶ୍ରୀରାଧାଙ୍କ ଯୁଗଳ ମୂର୍ତ୍ତି ଅଷ୍ଟ ସଖୀ ପରିବେଷ୍ଟିତ ହୋଇ ବିରାଜମାନ କରିଛନ୍ତି । ଚଟାଣଠାରୁ ଗର୍ଭଗୃହର ବହିଃସ୍ଥ କାନ୍ଥ ର. ୩ ଫୁଟ ଉଚ୍ଚ ଯାଏଁ ଉତ୍କୃଷ୍ଟ ମାନର ମୋଜାଇକ୍ କରାଯାଇଛି । ମନ୍ଦିରର ଚତୁଃପାର୍ଶ୍ୱରେ ୧୦ ଫୁଟ ଉଚ୍ଚତା ବିଶିଷ୍ଟ ଓଲେଇ ଲୁହାର ୨୨ଟି ଲୌହ ଖମ୍ବ ଉପରେ ଛାତ ନିର୍ମିତ ହୋଇଛି । ରାସ୍ତା ପତନଠାରୁ ମନ୍ଦିରର ଶୀର୍ଷ ଭାଗ ପ୍ରାୟ ୨୦ ଫୁଟ ଉଚ୍ଚ ହେବ ।

ଶ୍ରୀ ଚୈତନ୍ୟ ଭଞ୍ଜ ମନ୍ଦିରର ପ୍ରଥମ ପୂଜକ ଭାବେ ନିଯୁକ୍ତି ଲାଭ କରିଥିଲେ । ତାଙ୍କ ଅନ୍ତେ ତାଙ୍କ ଜ୍ୱାଇଁ ଶ୍ରୀ ଗୋପୀନାଥ ପଣ୍ଡା ଗତ ୧୯୩୩ ମସିହାଠାରୁ ଅଦ୍ୟାବଧି ୭୬ ବର୍ଷ ବୟସରେ ମଧ୍ୟ ଶ୍ରୀଜୀଉଙ୍କ ସେବା ପୂଜାରେ ନିଯୁକ୍ତ ଅଛନ୍ତି । ଶ୍ରୀଜୀଉଙ୍କ ଭୋଗରାଗ ଏବଂ ଉତ୍ସବାଦି କାଳକ୍ରମେ ହ୍ରାସ ପାଇ 'ବସ୍ତାଭାବେ ତୃଣଂ ଦାନ୍ୟାତ୍'ନୀତିରେ ବର୍ତ୍ତମାନ ନାମମାତ୍ର ପୂଜା ବିଧାନ ଚାଲିଛି । ଠାକୁର ପ୍ରତ୍ୟହ ଚାରି ଧୂପ ଲାଗି ହୁଅନ୍ତି । ପ୍ରାତଃ ଧୂପରେ ଉଖୁଡ଼ା ଓ କଦଳୀ ଆଦି ବାଲଭୋଗ, ମଧ୍ୟାହ୍ନ ଧୂପରେ ଅନ୍ନ, ଡାଲମା ଓ କନିକା, ସନ୍ଧ୍ୟା ଧୂପରେ ପୁରୀ ଓ ଖିରୀ ଏବଂ ରାତ୍ରିର ବଡ଼ସିଂହାର ଧୂପରେ ଅନ୍ନ ଓ ଡାଲମା ଭୋଗ ହୋଇଥାଏ । ଠାକୁରଙ୍କ ପର୍ବପର୍ବାଣୀ ମଧ୍ୟରେ ଶ୍ରାବଣ ଶୁକ୍ଳ ଦଶମୀଠାରୁ ପୂର୍ଣ୍ଣମୀ ଯାଏଁ ଝୁଲଣ, ଭାଦ୍ରମାସ କୃଷ୍ଣପକ୍ଷରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ, ଭାଦ୍ରମାସ ଶୁକ୍ଳ ପକ୍ଷରେ ରାଧାଷ୍ଟମୀ, କାର୍ତ୍ତିକ ମାସ ଶୁକ୍ଳ ପକ୍ଷରେ ଗୋଷ୍ଠାଷ୍ଟମୀ ଏବଂ କାର୍ତ୍ତିକ ଶୁକ୍ଳ ଦଶମୀଠାରୁ ପୂର୍ଣ୍ଣମୀ ଯାଏଁ ଶରଦ ରାସ, ଫାଲ୍ଗୁନ ପୂର୍ଣ୍ଣମୀଠାରୁ ପାଞ୍ଚଦିନ ଯାଏଁ ପଞ୍ଚୁଦୋଳ ପ୍ରଧାନ । ପଞ୍ଚୁଦୋଳରେ ଶ୍ରୀଜୀଉଙ୍କ ବିଜୟ ପ୍ରତିମା ଓ ଅଷ୍ଟସଖୀ ଶୋଭାଯାତ୍ରାରେ ବାହାରନ୍ତି । ରାସ ଏବଂ ଝୁଲଣରେ ଶ୍ରୀଜୀଉଙ୍କ ବିଜୟ ପ୍ରତିମା ସହ କାଷ୍ଠ ନିର୍ମିତ ଅଷ୍ଟସଖୀ ମଧ୍ୟ ବିଜେ ହୋଇଥାନ୍ତି । ଏହି ପର୍ବପର୍ବାଣୀଗୁଡ଼ିକରେ ଶ୍ରୀଜୀଉ ଦୈନନ୍ଦିନ ଭୋଗ ବ୍ୟତୀତ 'ସ୍ୱତନ୍ତ୍ର ଭୋଗ ଲାଗି ହୋଇଥାନ୍ତି । ରାସ ଏବଂ ଝୁଲଣ ମଣ୍ଡପରେ ମିଷ୍ଟାନ୍ନ, ଜନ୍ମାଷ୍ଟମୀ ଓ ରାଧାଷ୍ଟମୀରେ ମଧ୍ୟ ମିଷ୍ଟାନ୍ନ ଭୋଗ ହୋଇଥାନ୍ତି, ପଞ୍ଚୁଦୋଳରେ ପ୍ରତ୍ୟହ ଖଜାଚଣା ଭୋଗ ହୋଇଥାନ୍ତି । ଏହା ବାଦ୍ ଦୋଳ ପୂର୍ଣ୍ଣମୀରେ ଅନ୍ନ, ଖେଚୁଡ଼ି, ଖିରୀ ଓ ତରକାରୀ ଭୋଗ ହୋଇଥାନ୍ତି । ଶରଦ ରାସ ସମୟରେ ମନ୍ଦିରରେ ପ୍ରତ୍ୟହ ଖେଚୁଡ଼ି, ଖିରୀ, ତରକାରୀ ଓ ଅନ୍ନ ଭୋଗ ହୋଇଥାଏ । ପୂର୍ବେ ଗୋଷ୍ଠାଷ୍ଟମୀ ଓ ନନ୍ଦୋତ୍ସବ ଖୁବ୍ ଆଡ଼ମ୍ବର ସହକାରେ ପାଳିତ ହେଉଥିଲା । ଶ୍ରୀଜୀଉ ଖେଚୁଡ଼ି, ଖିରୀ, ଡାଲି, ଖଟା, ତରକାରୀ ଓ ଝୋଳ ଆଦି ଭୋଗ ଲାଗି ହୋଇଥାନ୍ତି । ଗୋଷ୍ଠାଷ୍ଟମୀ ଦିନ ଶ୍ରୀଜୀଉ ଗୋପାଳ ବେଶ ଏବଂ ଶ୍ରୀରାଧା ଗୋପାଳୁଣୀ ବେଶ ଧାରଣ କରିଥାନ୍ତି ।

ଏହି ମନ୍ଦିର ଅଦ୍ୟାବଧି ରାଜ ପରିବାରର ଅଧୀନରେ ରହିଛି । ଏହା ଦେବୋତ୍ତର ବିଭାଗକୁ ହସ୍ତାନ୍ତରିତ ହୋଇନାହିଁ । ମନ୍ଦିର ପ୍ରତ୍ୟହ ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ଏବଂ ଅପରାହ୍ନ ୪ଟାରୁ ରାତ୍ରି ୮ଟା ଯାଏ ଦର୍ଶନାର୍ଥୀ ଭକ୍ତମାନଙ୍କ ପାଇଁ ଉନ୍ମୁକ୍ତ ରହିଥାଏ । ଶ୍ରୀଜୀଉଙ୍କ ପୁଳି ଭୋଗ ସର୍ବୋତ୍ତମ ଅଟେ । ମନ୍ଦିର ପ୍ରତିଷ୍ଠାର ପ୍ରାୟ ଏକବର୍ଷ ପରେ ରାଜା ସୁରପ୍ରତାପ ୧୯୧୮ ମସିହା ଅକ୍ଟୋବର ୧୬ ତାରିଖ ଆଶ୍ୱିନ ଶୁକ୍ଳ ଦ୍ୱାଦଶୀ ତିଥିରେ ପରଲୋକ ଗମନ କରିଥିଲେ । କିନ୍ତୁ ତାଙ୍କ ଧର୍ମପତ୍ନୀ ୧୯୨୬ ମସିହାଠାରୁ ଏହି ମନ୍ଦିର ନିକଟରେ ସନ୍ନ୍ୟାସିନୀ ଭାବେ ଅବସ୍ଥାନ କରୁଥିଲେ । ତାଙ୍କ ଜୀବନର ଦୀର୍ଘ ୫୦ ବର୍ଷ କାଳ ରାଜ ନବର ଛାଡ଼ି ସେ ଏହିଠାରେ ହିଁ କଟାଇ ୧୯୭୬ ମସିହା ସେପ୍ଟେମ୍ବର ୨୩ ତାରିଖ ଦିନ ୯୦ ବର୍ଷ ବୟସରେ ଇହଧାମ ତ୍ୟାଗ କରିଥିଲେ । ଏଠାରେ ଅବସ୍ଥାନ କାଳରେ କୃତ୍ତିକାନ୍ତ ଜୀଉଙ୍କ ଉପରେ ସଂସ୍କୃତ କାବ୍ୟ 'ପ୍ରେମ ସଂପୁଟ'ର ପଦ୍ୟାନୁବାଦ ଓ ପଞ୍ଚଛଡ଼ା କବିତା ପୁସ୍ତକାଦି ରଚନା କରିଥିଲେ । ପ୍ରତ୍ୟହ ସନ୍ଧ୍ୟା କାଳରେ ମନ୍ଦିର ପ୍ରାଙ୍ଗଣରେ ବାଦ୍ୟଯନ୍ତ୍ରର ତାଳେ ତାଳେ ଭକ୍ତି ସଙ୍ଗୀତର ସୁମଧୁର ଗାନ ଭକ୍ତର ତନୁମନକୁ ସ୍ୱତଃ ପୁଲକିତ କରିଥାଏ ।

ଏହି ପ୍ରସିଦ୍ଧ ମନ୍ଦିରର ପରିବେଶ କ୍ରମେ କ୍ରମେ ଅବନତି ଆଡ଼କୁ ଗତି କରୁଛି । ଉପଯୁକ୍ତ ତତ୍ତ୍ୱାବଧାନର ଅଭାବ ହିଁ ଏହାର ମୁଖ୍ୟ କାରଣ । ମନ୍ଦିରକୁ ଯିବା ପାଇଁ ଥିବା ପାବଚ୍ଛର ଉଭୟ ପାର୍ଶ୍ୱରେ ମଲ୍ଲୀ ଏବଂ ସୁଗନ୍ଧି ପୁଷ୍ପ ବୃକ୍ଷ ରୋପଣ କରାଗଲେ ମନ୍ଦିରର ପରିବେଶ ସୁରଭିତ ହେବା ସଙ୍ଗେ ସଙ୍ଗେ ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୁଅନ୍ତା । ମନ୍ଦିରର ଉନ୍ନତି ବିଧାନ ପାଇଁ ଏକ ସ୍ଥାୟୀ ଟ୍ରଷ୍ଟ ବୋର୍ଡର ଆବଶ୍ୟକତା ରହିଛି ।

# ଭାଗବତର କବି

● ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି

ଏକମାତ୍ର ତୁମେ ହିଁ ବୁଡ଼ିଥିଲ ଭାବ-ସମୁଦ୍ରରେ
ପାଇଥିଲ ରତ୍ନ ଅସୁମାରି
ସଞ୍ଚିନାହିଁ କିଛି ଯାହା
ବାଣ୍ଟିଅଛ ଦିଗେ ଦିଗେ
ଅକୃପଣ ଭାବେ

ସେହି ଧନ ବିଚ୍ଛୁରିତ ଘରେ ଘରେ
ଭାଗବତ ଟୁଙ୍ଗିରେ ଟୁଙ୍ଗିରେ
ଭବ ସମୁଦ୍ରର କବି ତୁମେ ଏକା ଅ-ଭବ ଭୂମିରେ ।

ଏକମାତ୍ର ତୁମେ କବି ବେଢ଼ାରେ ବୁଲିଛ
ଅନେକଙ୍କୁ ଦେଖୁ ପୁଣି ଚିହ୍ନାଇଛ
ଗୋଟି ଗୋଟି କରି

ସମସ୍ତେ ସମାନ ଯହିଁ
ନାହିଁ ହିଂସା ଦ୍ୱେଷ
ମୈତ୍ରୀ ଓ ପ୍ରୀତିର ଭୂମି
ଯହିଁ ଖାଲି କରୁଣା ବରଷେ
ନାହିଁ ଭିନ୍ନା ଭିନ୍ନ
ରାଜା-ପ୍ରଜା, ନାରୀ ଓ ପୁରୁଷେ ।

ତୁମେ ଏଠି ବିତରିଛି ଦୟଣା ଓ ତୁଳସୀ ମଞ୍ଜରୀ
ତୁମେ ପୁଣି ବୈତାଳିକ ସେଇ ଦିବ୍ୟ ଗାଢ ବଚନର
ତୁମ ପାଇଁ ବନ୍ଦୀଶାଳା ଏଣୁ ମୁକତିର ଦ୍ୱାର
ଦିବ୍ୟ ଦର୍ଶନର ।
ଏ ଜାତିର ତୁମେ ଦିବ୍ୟ ସୁବାସ ଚନ୍ଦନ
ହେବ କ'ଣ ସୀମାୟିତ ସାତ ଲହଡ଼ିରେ
ସଂକୁଚିତ କୋଳାହଳ ତଳେ
କାରବାର, ଯନ୍ତ୍ରର ଘର୍ଘରେ !

ଆମେ ବା ବୁଝିବୁ କାହୁଁ

ଭାଗବତ ଦିବ୍ୟ ଅନୁଭବ

ଥାଉଁ ଯେଣୁ ଧନ ଓ କ୍ଷମତା ପଛେ

ରାଜତୋଷଣରେ

ବନିତା ବିଳାସେ ଅବା ପରସ୍ପର ପ୍ରତିଯୋଗିତାରେ ।

ତଥାପି ସ୍ମରଣ କରୁ

ତୁମେ ଦେଲ ପ୍ରଖେ ଆମ ଭାଷା

ଆମକୁ କରିଛ ବଡ଼ ଚିହ୍ନେଇଛ ଏଇ ଜଗତରେ

ହେ ସନ୍ନ୍ୟାସୀ ସର୍ବତ୍ୟାଗୀ

ଅମ ପାଇଁ ଭିନ୍ନ ଏକ ଭୂମିଟିଏ ଗଢି

ଦେଇଗଲ

ନିଜେ ବୁଡ଼ି ଭାବ ସମୁଦ୍ରରେ ।





ଭୁବନେଶ୍ୱର ଦୁର୍ଗା ମଣ୍ଡପଠାରେ ବିସର୍ଜନ ପାଇଁ ଦେବୀମାନଙ୍କ ସମାବେଶ ।

# ବାଲିଯାତ୍ରା

● ଶ୍ରୀ କ୍ଷୀରୋଦ ପ୍ରସାଦ ମହାନ୍ତି

କଳିଙ୍ଗର ପ୍ରାଚୀନ ଭୌଗୋଳିକ ଅବସ୍ଥିତି ନିରୂପଣ କଲେ ଜଣାଯାଏ ଯେ ପ୍ରାଚୀନ କଳିଙ୍ଗ ରାଜ୍ୟ ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ମୁହାଣ ଯାଏ ସମୁଦ୍ର ଉପକୂଳ ଅଞ୍ଚଳରେ ବିସ୍ତୃତ ଥିଲା ଓ ତାହାର ପୃଷ୍ଠ ଦେଶରେ ଥିଲା ପର୍ବତ ଘେରା ମାଳଭୂମି । ସୁଦୀର୍ଘ ସମୁଦ୍ର ଉପକୂଳରେ ଏ ରାଜ୍ୟର ଅବସ୍ଥିତି ହେତୁରୁ କଳିଙ୍ଗର ଅଧିବାସୀମାନେ ନୌବାଣିଜ୍ୟରେ ପ୍ରସିଦ୍ଧିଲାଭ କରିଥିଲେ । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଗ୍ରୀକ୍ ପର୍ଯ୍ୟଟକ ଟୋଲେମି (Ptolemy)ଙ୍କ ବର୍ଣ୍ଣିତ ପଲୁରା– ଗଞ୍ଜାମ ନିକଟସ୍ଥ ଏକ ନଗର, ନନିଗେନ–ପୁରୀ, କକର୍ଣ୍ଣମ–କଟକ, କୋଣଗର–କୋଣାର୍କ, କୋଶପ–ବାଲେଶ୍ୱର, ପଲାରୁ–ଜଳେଶ୍ୱର, ଡୋସରନ୍–ବୈତରଣୀ, ଅଦମସ୍–ସୁବର୍ଣ୍ଣରେଖା ପ୍ରଭୃତି ବିଭିନ୍ନ ପ୍ରଧାନ ନଦୀ ଓ ନଗରମାନ ପ୍ରଥମ ଶତାବ୍ଦୀର ବହୁ ପୂର୍ବରୁ ସେମାନଙ୍କର ବାଣିଜ୍ୟ କେନ୍ଦ୍ରଥିଲା । ଉପକୂଳରେ ଥିବା ଚିଲିକା, ପୁରୀ, କୋଣାର୍କ, ତାମ୍ରଲିପ୍ତ, ସୁବର୍ଣ୍ଣରେଖା, ନରେଖା, ସାରଗୋ, ଜଳେସ୍ୱ, ବାଲେଶ୍ୱର, ଲୋଚନପୁର, ବୃତାମନ ଓ ଧାମରା ପ୍ରଭୃତି ସ୍ଥାନମାନ ନୌବାଣିଜ୍ୟ ପାଇଁ ପ୍ରସିଦ୍ଧିଲାଭ କରିଥିଲା । ଓଡ଼ିଆ ପୁଅର ଅର୍ଣ୍ଣବପୋତ ବା ବୋଇତ ଗଢ଼ିବାର ପ୍ରଣାଳୀ, ବୋଇତ ନିର୍ମାଣ ପାଇଁ ଦରକାରୀ ସାମଗ୍ରୀ ବିଷୟରେ ମଧ୍ୟ ସ୍ପଷ୍ଟ ଧାରଣା ଥିଲା । ଖ୍ରୀଷ୍ଟପୂର୍ବ ତୃତୀୟ ଓ ଚତୁର୍ଥ ଶତାବ୍ଦୀମାନଙ୍କର କେତେକ ଅନୁଶାସନରୁ ଜଣାଯାଏ ଯେ ସମୁଦ୍ରଯାତ୍ରା ଓ ସମୁଦ୍ର ବାଣିଜ୍ୟ ସେତେବେଳେ କଳିଙ୍ଗ ରାଜକୁମାରମାନଙ୍କର ଶିକ୍ଷା ବିଧାନର ଅନ୍ତର୍ଗତ ହୋଇଥିଲା ।(୧) ନିଜ ଦେଶରେ ତିଆ ହାତୀଦାନ୍ତର ସୂକ୍ଷ୍ମକାମ ସୂକ୍ଷ୍ମବସ୍ତ୍ର, ପାଟଲୁଗା ପ୍ରଭୃତି ନେଇ ଚୀନ, ଶ୍ୟାମ, ବ୍ରହ୍ମଦେଶ, ଗଙ୍ଗାସାଗର, ସୁବର୍ଣ୍ଣଦ୍ୱୀପ (ବୋର୍ଣ୍ଣିଓ), ଜାଭା, ସୁମାତ୍ରା, ବାଲି ଓ ସିଂହଳ ଦେଶମାନଙ୍କରେ ବାଣିଜ୍ୟ କରୁଥିଲା ଓ ନିଜ ଦେଶକୁ ଅଜସ୍ର ଧନ ସମ୍ପଦ ବୋହି ଆଣୁଥିଲା । ନିଜର ପରାକ୍ରମ ଓ କଳେବର ବିସ୍ତାର କରି ସମୁଦ୍ର ସେ ପାରିରେ ସାମ୍ରାଜ୍ୟ ସ୍ଥାପନ କରିଥିଲା । ସେଥିପାଇଁ ବୋଧହୁଏ କାଳିଦାସ ତାଙ୍କ ବିରଚିତ ରଘୁବଂଶରେ କଳିଙ୍ଗର ରାଜାଙ୍କୁ ସମୁଦ୍ର ରାଜା ବା "the lord of the sea" ବୋଲି ଆଖ୍ୟା ଦେଇଥିଲେ ।(୨)

ଓଡ଼ିଆ ପୁଅର ସେହି ପୂର୍ବ ବୀରତ୍ୱ ଓ ତେଜ ଆଜି ହଜିଯାଇଥିଲେ ମଧ୍ୟ ସେ ଅତୀତ ଗୌରବକୁ ଭୁଲି ପାରିନି । ପ୍ରତିବର୍ଷ କାର୍ତ୍ତିକ ମାସରେ ଓ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ କଟକର ମହାନଦୀତଟସ୍ଥ ଗଡ଼ଗଡ଼ିଆ ଘାଟଠାରେ 'ବାଲିଯାତ୍ରା' ଉତ୍ସବ ମହା ସମାରୋହରେ ପାଳନ ହୋଇ ଆସୁଛି । ଏହା ଓଡ଼ିଶାର ବିଭିନ୍ନ ସ୍ଥାନରେ ପାଳିତ ହେଉଥିଲେ ହେଁ କଟକଠାରେ ଅନୁଷ୍ଠିତ 'ବାଲିଯାତ୍ରା' ଉତ୍ସବ ବିଶେଷ ଉପଭୋଗ୍ୟ । ପୁଣ୍ୟତୋୟା ମହାନଦୀରେ ସ୍ନାନ କରିବା କାର୍ତ୍ତିକ ପୂର୍ଣ୍ଣିମାଦିନ ଜଳଯାତ୍ରାରେ ଯାଉଥିବା ନିଜର ଆତ୍ମୀୟସ୍ୱଜନଙ୍କୁ ବିଦାୟ ଦେବା ଓ ବିଶେଷ କରି ରାଇ–ଦାମୋଦରଙ୍କ ପୂଜା କରିବା ଏହି ପର୍ବର ଲକ୍ଷ୍ୟ । ପବିତ୍ର ନଦୀମାନଙ୍କରେ ସ୍ନାନ କରିବାର ବିଧି ବହୁ ପୂର୍ବରୁ ଓଡ଼ିଶାରେ ପ୍ରଚଳିତ ହୋଇଆସୁଛି । ସାରଳାଦାସ ତାଙ୍କ ରଚିତ ମହାଭାରତର ଆଦିପର୍ବରେ ଲେଖନ୍ତି:–

> "ବଇଶାଖ ମାସ ଶେଷ ପୂର୍ଣ୍ଣିମୀ ଯେ ତିଥି
> ଅନୁରାଧା ନକ୍ଷତ୍ର ଯେ ବାର ବୃହସ୍ପତି
> ଅକାମାବଇ ସ୍ନାହାନ କରିବା ନିମନ୍ତେ
> ପୁଣ୍ୟତୋୟା ନଦୀକୂଳେ ଯାନ୍ତି ପଞ୍ଚ ଭ୍ରାତେ" ।

ପୁଣ୍ୟତିଥିରେ ପବିତ୍ର ନଦୀମାନଙ୍କରେ ସ୍ନାନ କରିବା ପାଇଁ କାର୍ତ୍ତିକ ପୂର୍ଣ୍ଣିମାଦିନ କଟକର ଗଡଗଡିଆ ଘାଟଠାରେ ଓଡ଼ିଆ ଘରର ଲୋକେ ବହୁ ସଂଖ୍ୟାରେ ରୁଣ୍ଡ ହୁଅନ୍ତି । ପ୍ରତ୍ୟୁଷରେ ମହାନଦୀରେ ସ୍ନାନ ସାରି କଦଳୀ ବାସୁଙ୍ଗା କିମ୍ବା ସୋଲରେ ନିର୍ମିତ ଛୋଟ ଛୋଟ ବୋଇତରେ ଲୁଣ, ସୋରିଷ, ଯବ, ପାନ ଓ ବିଦେଶରୁ ଆମଦାନୀ କରିଥିବା ଗୁଆ ରଖି ମହାନଦୀର ଜଳରାଶିରେ ଭସାଇଦିଅନ୍ତି । ଛୋଟ ଛୋଟ ବୋଇତରେ ସୁସଜ୍ଜିତ ହୋଇଥିବା ଦୀପାବଳୀ ଗୁଡ଼ିକ ଜଳରାଶିର ଶୋଭାମଣ୍ଡନ କରନ୍ତି । ଆକାମାବୈଇ – ଏହି ନିର୍ଘୋଷସୂଚକ ବାଣୀରେ ଚାରିଆଡ଼ ପ୍ରକମ୍ପିତ ହୋଇଯାଏ । ରାଇ–ଦାମୋଦରଙ୍କ ପୂଜା ଉଦ୍‌ଯାପିତକରି କୁଳବଧୂମାନେ ନିଜ ନିଜର ପତି ଓ ପୁତ୍ରଙ୍କ ପାଇଁ ମଙ୍ଗଳ କାମନା କରନ୍ତି । ସମଗ୍ର ବାଲିଯାତ୍ରା ପଡ଼ିଆଟି ଆନନ୍ଦ ଉଲ୍ଲାସରେ ମୁଖରିତ ହୋଇଉଠେ ।

ଶ୍ରୀଯୁକ୍ତ ପାର୍ବତୀଚରଣ ଦାସ ତାଙ୍କର 'ବାଲିଯାତ୍ରା' ଶୀର୍ଷକ ଏକ ପ୍ରବନ୍ଧରେ ମତ ପ୍ରକାଶ କରନ୍ତି ଯେ କଟକରୁ ବୃନ୍ଦାବନ ଯାତ୍ରା ଉପଲକ୍ଷେ ଶ୍ରୀ ଚୈତନ୍ୟଙ୍କ ବିଦାୟ କାଳରେ ଗଜପତି ପ୍ରତାପରୁଦ୍ର ଦେବ ମହାନଦୀ କୂଳରେ ଗୋଟିଏ ଜୟସ୍ତମ୍ଭ ନିର୍ମାଣ କରିଥିଲେ ଏବଂ 'ବାଲିଯାତ୍ରା' ପ୍ରବର୍ତ୍ତନ କରିଥିଲେ ।(୩) ଶ୍ରୀ ଚୈତନ୍ୟ (୧୪୮୬–୧୫୩୪)ଙ୍କର ମହା ପ୍ରୟାଣ ପରେ ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ରଚିତ କୃଷ୍ଣଦାସ କବିରାଜଙ୍କ 'ଚୈତନ୍ୟ ଚରିତାମୃତ' ଗ୍ରନ୍ଥର ମଧ୍ୟଲୀଳା ଷୋଡ଼ଶ ପରିଚ୍ଛେଦରେ ବର୍ଣ୍ଣିତ ଘଟଣାରୁ ଏହି କଥାର ସୂଚନା ମିଳିଥାଏ । ବୃନ୍ଦାବନ ଯାତ୍ରାପଥରେ ଶ୍ରୀଚୈତନ୍ୟ ଦେବ ଏକ ଜ୍ୟୋତ୍ସ୍ନା ବିଧୌତ

ରଜନୀରେ କଟକରୁ ନୌକା ଯୋଗେ ନଦୀ ପାର ହୋଇ ଚନ୍ଦ୍ରାବରେ ପହଞ୍ଚିଥିଲେ । ଏହା ପୂର୍ବରୁ ଗଜପତି ପ୍ରତାପରୁଦ୍ରଦେବ ଯେଉଁ ବ୍ୟବସ୍ଥା କରିଥିଲେ ତାହା ନିମ୍ନୋକ୍ତ ପଂକ୍ତିମାନଙ୍କରୁ ଜଣାପଡ଼େ ।

ଶୁଣ ମହାପାତ୍ର ହରିଚନ୍ଦନ ମହାରାଜ
ତାରେ ଆଜ୍ଞା ଦିଲି ରାଜା କର ସବ କାଜ ॥
ଏକ ନବ ନୌକା ଆନି ରାଖ ନଦୀତୀରେ
ଯାହାଁ ସ୍ନାନ କରି ପ୍ରଭୁ ଯାନ ନଦୀପାରେ ॥
ତାହା ସ୍ତମ୍ଭ ରୋପଣ କର ମହାତୀର୍ଥ କରି
ନିତ୍ୟ ସ୍ନାନ କରିବ ତାହା, ତାହା ଯେନ ମରି ॥

ଏହାର ଆଉ ଏକ ସୂଚନା ରାୟ ସାହେବ ଦୀନେଶ ଚନ୍ଦ୍ର ସେନଙ୍କ 'Chaitanya and His Companion' ବହିରେ ଦେଖିବାକୁ ମିଳେ । ସେ ଲେଖୁଛନ୍ତି– "Not this only. Raja Pratap Rudra ordered that a pillar should be raised where Chitanya halted everyday to commemorate the journey. Each ghat where he would bathe, should be made a shrine. Thousands of people accompanied him" (4)

କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଶ୍ରୀ ଚୈତନ୍ୟ ମହାନଦୀ ବାଲିରେ ଯାତ୍ରା କରିବା କଥା ଗ୍ରହଣ କରାଯାଇପାରେ କାରଣ ସେ ହୁଏତ ଉକ୍ତ ତିଥିରେ ମହାନଦୀ ପାର ହୋଇ ବୃନ୍ଦାବନ ଯାତ୍ରା କରିଥିବେ କିନ୍ତୁ ଏହାବୋଲି ଯେ ବାଲିଯାତ୍ରା ସହିତ 'ଉତ୍କଳ ନୌବାଣିଜ୍ୟର' କିଛି ସମ୍ପର୍କ ନାହିଁ– ଏହା ସର୍ବଜନରେ ଗ୍ରହଣ ହୋଇ ନ ପାରେ। ବାରବାଟୀର ଏହି କିଲ୍ଲା ପଡ଼ିଆ ଓଡ଼ିଶା ଅତୀତ ଇତିହାସର ମୂକ ସାକ୍ଷୀ । ଏହି ମହାନପୀଠରୁ ଓଡ଼ିଆ ସାଧବ ପୁଅମାନେ ସମୁଦ୍ର ପାରି ବାଣିଜ୍ୟ ପାଇଁ ଯାତ୍ରା କରିଥିବେ ସର୍ବାଦୌ ଗ୍ରହଣୀୟ।

ଶ୍ରୀ କ୍ଷୀରୋଦ ପ୍ରସାଦ ମହାନ୍ତି,
ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର,
ଭୁବନେଶ୍ୱର ।

(୧) କୃପାସିନ୍ଧୁ ମିଶ୍ର– ଉତ୍କଳ ଇତିହାସ ପୃ: ୪୯

Mookherjee, R. History of Indian Shipping-page-144

(୨) Dr K. S. Behera, Orissa's Sea Lords published in Orissa Industry (April 15 to May 14 1981)-P.1

(୩) ପାର୍ବତୀଚରଣ ଦାସ : ବାଲିଯାତ୍ରା– ସୁରୁଚି ୧୯୯୧ ମସିହା ୫ମ ଭାଗ ୭/୮ ସଂଖ୍ୟା

(୪) Rai Sahib Dinesh Chandra Sen; Chaitanya and His Componion, P. 156.



ରାଜ୍ୟ ଯୁବ କଲ୍ୟାଣ ବୋର୍ଡ଼ ବୈଠକରେ ସଂସ୍କୃତି, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଉଦ୍‌ବୋଧନ ଦେଉଛନ୍ତି (୨୫/୧୦)।





[illegible]ରେ ଆୟୋଜିତ କବିତା ଭଜନ ସମାରୋହରେ ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବୃନ୍ଦ (୨୬/୮।)



[illegible] ତରଫରୁ ଶ୍ରୀ ଏ. ଚୌଧୁରୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଏକ ଲକ୍ଷ ଟଙ୍କାର ଏକ ଚେକ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ପ୍ରଦାନ କରୁଛନ୍ତି ।



ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଆଇ: ଜି: ଶ୍ରୀ ରାଜେନ୍ଦ୍ର ମୋହନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୩୪,୭୬୩ ଟଙ୍କାର ଏକ ବ୍ୟାଙ୍କ୍ ଡ୍ରାଫ୍ଟ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ପ୍ରଦାନ କରୁଛନ୍ତି ।



ପାରାଦ୍ୱୀପଠାରେ ନୂତନ ଭାବେ ନିର୍ମିତ ହୋଇଥିବା ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ୍ ଭବନର ଉଦ୍ଘାଟନ ଉତ୍ସବରେ ସମବାୟ ମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ ଓ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ଦାମୋଦର ରାଉତ (୧୨/୧୦) ।



ଶିଶୁ କନ୍ୟା ଦିବସ ଉପଲକ୍ଷେ ଆୟୋଜିତ ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ବୁଲି ଦେଖୁଛନ୍ତି (୨୦/୧୦)।



[illegible] ଉତ୍କଳକବି [illegible] [illegible] ଜୟନ୍ତୀ ଉତ୍ସବରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଉଦ୍‌ବୋଧନ ଦେଉଛନ୍ତି। ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କର ମଞ୍ଚାସୀନ (୨୬/୧୦)।



ରବୀନ୍ଦ୍ର ମଣ୍ଡପଠାରେ ଗୋପବନ୍ଧୁ ଜୟନ୍ତୀ ଉତ୍ସବ ଅବସରରେ [illegible] ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି (୯/୧୦)।




ଭୁବନେଶ୍ୱରଠାରେ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ଆୟୋଜିତ 'ବୃକ୍ଷ ରୋପଣ ପଦ୍ଧତି' ଶୀର୍ଷକ ଏକ କର୍ମଶାଳାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ଉଦ୍‌ବୋଧନ ଦେଉଛନ୍ତି।

# ଏକ ମହିଳା ସମିତିର ସଫଳତା

● ଡଃ ନିରୁପମା ରଥ

ଅନେକ ଭାବେ ବିଚାର କଲେ ଦେଖାଯିବ ଯେ ମହିଳା ଉନ୍ନୟନ କାର୍ଯ୍ୟକ୍ରମ କ୍ଷେତ୍ରରେ ଓଡ଼ିଶାର ପ୍ରଗତି ସେତେ ଉତ୍ସାହ ଜନକ ନୁହେଁ । ଏହି ମନ୍ଥରତା ପାଇଁ ଅନେକଗୁଡ଼ିଏ କାରଣ ଦାୟୀ । ସେଥି ମଧ୍ୟରେ ସରକାରୀ ଉଦାସୀନତା, ଜନ ସଚେତନତାର ଅଭାବ, ଶିକ୍ଷା, ସୂଚନା, ଯୋଗାଯୋଗ, ସାମାଜିକ ଆଭିମୁଖ୍ୟ ତଥା ଅର୍ଥନୈତିକ ସ୍ୱାବଲମ୍ବନଶୀଳତା କ୍ଷେତ୍ରରେ ଥିବା ଅଭାବ ଅସୁବିଧା ଅନେକ ପ୍ରକାର ପ୍ରତିବନ୍ଧକ ସୃଷ୍ଟି କରିଛି । ଜାତୀୟ ପରିପ୍ରେକ୍ଷୀରେ ଓଡ଼ିଶା କଥା ବିଚାର କଲେ ଅବଶ୍ୟ ନିରାଶ ହେବାର କିଛି ନାହିଁ । କାରଣ ସ୍ୱାଧୀନତାର ୪୩ ବର୍ଷ ପରେ ଭାରତ ସରକାର ମହିଳାମାନଙ୍କ ଉନ୍ନୟନ ଓ ବିକାଶ ପାଇଁ ଯଥେଷ୍ଟ କିଛି କରିବାକୁ ସକ୍ଷମ ହୋଇଥିବା ବେଳେ ଓଡ଼ିଶା ଭଳି ଏକ ଅନ୍ୟ ପଛୁଆ ଅନଗ୍ରସର ରାଜ୍ୟ ଏ କ୍ଷେତ୍ରରେ ଅନେକ କିଛି ହାସଲ କରିବା ଏତେ ସହଜ କଥା ନୁହେଁ । ତେବେ ଏତିକି କୁହାଯାଇ ପାରେ ଯେ ରାଜ୍ୟରେ ମହିଳାମାନଙ୍କ ଉନ୍ନତି ଓ ବିକାଶ ପାଇଁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଏବେ ସଚେତନତା ସୃଷ୍ଟି ହୋଇଛି ଏବଂ ପୁରୁଷ ପ୍ରଧାନ ଓଡ଼ିଆ ସମାଜର ଆଭିମୁଖ୍ୟ ନାରୀମାନଙ୍କ ପ୍ରତି ଯଥେଷ୍ଟ ବଦଳି ଥିବାର ଲକ୍ଷ୍ୟ କରାଯାଉଛି । ଆଭିମୁଖ୍ୟରେ ଏହି ପରିବର୍ତ୍ତନ, ସାମାଜିକ ବ୍ୟବସ୍ଥା ବା ସୋସାଲ ଇଞ୍ଜିନିୟରିଂରେ ଏକ ଉଲ୍ଲେଖନୀୟ ଘଟଣା । ମହିଳାମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଓଡ଼ିଶା ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ନାରୀମାନଙ୍କ ପ୍ରତି ହେଉଥିବା ବିଭିନ୍ନ ଅତ୍ୟାଚାରର ମୁକାବିଲା କରିବା ପାଇଁ ମଧ୍ୟ କେତେକ ଆଇନ ପ୍ରଣିତ ହୋଇ ତାହାକୁ କାର୍ଯ୍ୟକାରୀ କରାଯାଉଛି । ଗତବର୍ଷ ଓଡ଼ିଶା ସରକାର ଏକ ମହିଳା ବିକାଶ ନିଗମ ଗଠନ କରିଛନ୍ତି । ମହିଳାମାନଙ୍କ ଶିକ୍ଷା, ନିଯୁକ୍ତି, କର୍ମସଂସ୍ଥାନ, ସ୍ୱାବଲମ୍ବନ ତଥା ଥଇଥାନ ପାଇଁ ଏହି ନିଗମ କାମ କରିବା ସୁଖର କଥା । ମୋଟାମୋଟି ଭାବେ କହିବାକୁ ଗଲେ ଏ କ୍ଷେତ୍ରରେ ଏକ ନୂଆ ଜାଗରଣ ସୃଷ୍ଟି ହୋଇଛି ଏବଂ ମହିଳା ଉନ୍ନୟନ କାର୍ଯ୍ୟକ୍ରମ ବର୍ତ୍ତମାନ ବିକାଶୋନ୍ମୁଖୀ ସ୍ତରରେ ରହିଛି ।

ବେସରକାରୀ କ୍ଷେତ୍ରରେ ଓଡ଼ିଶାରେ ମହିଳାମାନଙ୍କ ବିକାଶ ପାଇଁ କ'ଣ କ'ଣ ହେଉଛି ଏବଂ ଏହା କିଭଳି ଅବସ୍ଥାରେ ଅଛି ସେ ସମ୍ପର୍କରେ ସମ୍ୟକ ଆଲୋଚନା କରିବା ଏହି ପ୍ରବନ୍ଧର ଲକ୍ଷ୍ୟ । କଟକ ସହରର କେତେକ ମହିଳାଙ୍କୁ ଏକଜୁଟ କରି ବିଭିନ୍ନ ମହିଳା ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଉତ୍କଳ ମହିଳା ସମିତି ନାମରେ ଏକ ଅନୁଷ୍ଠାନ ୧୯୭୦ରେ ପ୍ରଥମେ ଗଠନ କରାଗଲା । ଅନୁଷ୍ଠାନରେ ପ୍ରଥମ ଲକ୍ଷ୍ୟ ଥିଲା — ମହିଳାମାନଙ୍କ ମଧ୍ୟରେ ସାକ୍ଷରତା କାର୍ଯ୍ୟକ୍ରମ, ଲକ୍ଷ୍ୟ ଥିଲା ସାମାଜିକ କୁସଂସ୍କାର ବିରୋଧରେ ସଂଗ୍ରାମ କରି ମହିଳାମାନଙ୍କୁ ଶିକ୍ଷିତ, ସ୍ୱାବଲମ୍ବନଶୀଳ ଓ ନିଜ ସ୍ଥିତି ପ୍ରତି ସ୍ୱାବଲମ୍ବନଶୀଳ କରିବା । ମୋଟାମୋଟି — ନାରୀ ପ୍ରଗତି, ସମତା, ସମାନତା । ସମୟକ୍ରମେ ଏହି ମହିଳା ସମିତିର ସଭାନେତ୍ରୀ ଦାୟିତ୍ୱ ଏହି ଲେଖିକା ଉପରେ ପଡ଼ିଲା ।

ଆମେ କଟକ ସହରର ମହିଳାମାନଙ୍କୁ ପ୍ରଥମେ ଆମର ଲକ୍ଷ୍ୟର ପରିସରଭୁକ୍ତ କରିଥିଲୁ । ଅନ୍ୟ ଭାଷାରେ ସହରର ବିଭିନ୍ନ ଶ୍ରେଣୀର ମହିଳା ଆମର 'ଟାର୍ଗେଟ୍ ଗ୍ରୁପ୍' ଥିଲା । ପ୍ରଥମେ ଆମେ କର୍ମଜୀବୀ ମହିଳାଙ୍କ ଅବସ୍ଥା ଅନୁଧ୍ୟାନ କଲୁ । ସହରରେ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଉଥିବା ମହିଳାମାନଙ୍କ ପାଇଁ ଆବଶ୍ୟକ ନିରାପଦ ଆଶ୍ରୟ ସ୍ଥଳର ଅଭାବ ରହିଥିବାରୁ ବହୁ ଯୁବତୀ ଓ ମହିଳା ବିପଜ୍ଜନକ ଅବସ୍ଥାରେ ଅତ୍ୟନ୍ତ ଅସୁବିଧା ମଧ୍ୟରେ କାଳାତିପାତ କରୁଥିଲେ । ତେଣୁ ଆମ ଅନୁଷ୍ଠାନ ଏକ ଭଡ଼ା ଘରେ ପ୍ରଥମ କର୍ମଜୀବୀ ମହିଳା ନିକେତନ ଆରମ୍ଭ କରି ୨୦ ଜଣ ଚାକିରିଆ ଝିଅଙ୍କୁ ଆଶ୍ରୟ ପ୍ରଦାନ କଲା । ତା'ପରେ ଉଭୟ ବେସରକାରୀ ଓ ସରକାରୀ ସହାୟତା ତଥା ନିଜସ୍ୱ ଶ୍ରମ ଦ୍ୱାରା କଟକରେ ଏକ ତ୍ରିମହଲା ବିଶିଷ୍ଟ ୧୦୦ ଶଯ୍ୟା ବିଶିଷ୍ଟ କର୍ମଜୀବୀ ମହିଳା ନିକେତନ ପ୍ରତିଷ୍ଠା କରାଗଲା । ଏହି ଅନୁଷ୍ଠାନରେ କଟକ ବାହାରର କର୍ମଜୀବୀ ମହିଳାମାନଙ୍କୁ ରଖିବାର ସୁଯୋଗ ଦିଆଯାଉଛି । ଆବଶ୍ୟକ ନିରାପତ୍ତା ମଧ୍ୟରେ ଅନ୍ତେବାସୀମାନଙ୍କୁ ଖାଦ୍ୟ, ଆମୋଦ ପ୍ରମୋଦ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ବ୍ୟବସାୟିକ ମନୋଭାବର ଊର୍ଦ୍ଧ୍ୱରେ ରହି ଅନୁଷ୍ଠାନ ଏକ ପରିଚାଳନା ମଣ୍ଡଳୀ ସହାୟତାରେ ଅନ୍ତେବାସୀଙ୍କଠାରୁ ସେ ବାବଦ ଅର୍ଥ ସର୍ବ ନିମ୍ନ ହାରରେ ଆଦାୟ କରି ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉଛି ।

କର୍ମଜୀବୀ ମହିଳା ନିକେତନ କେବଳ ନାରୀ ନିକେତନର ଭୂମିକାରେ ନିଜକୁ ସୀମିତ ରଖିନାହିଁ । ଏହା ଉତ୍କଳ ମହିଳା ସମିତିର ସଦର କାର୍ଯ୍ୟାଳୟ ଭାବେ ମଧ୍ୟ କାର୍ଯ୍ୟ କରୁଛି । ଉତ୍କଳ ମହିଳା ସମିତି ପ୍ରତିବର୍ଷ ସହରର ବିଭିନ୍ନ ସାହିବସ୍ତି ଓ ଗଳିକନ୍ଦିକୁ ଯାଇ ମହିଳା ଓ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ସାକ୍ଷରତା କାର୍ଯ୍ୟକ୍ରମ, ଟୀକାଦାନ, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସେବା, ଆଇନ ସହାୟତା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍ ଯୋଗାଣ ଆଦି କାର୍ଯ୍ୟକ୍ରମ ହାତକୁ ନେଉଛି । ଏଥିପାଇଁ ଉତ୍କଳ ମହିଳା ସମିତି, ରାଜ୍ୟ ସରକାରଙ୍କର ବିଭିନ୍ନ ସଂସ୍ଥା, ପୌର ପରିଷଦ, ଏକାଧିକ ଜାତୀୟ

ଓ ଆନ୍ତର୍ଜାତିକ ସଙ୍ଗଠନ, ଓଡ଼ିଶା ଓ ଭାରତୀୟ ମେଡିକାଲ ଆସୋସିଏସନ୍ ଆଦି ଅନୁଷ୍ଠାନ ସହ ମିଶି କାମ କରି ଯଥେଷ୍ଟ ସଫଳତା ହାସଲ କରିଛି ।

ଅନୁଷ୍ଠାନ ପକ୍ଷରୁ ମହିଳାମାନଙ୍କୁ ସିଲେଇ ଶିକ୍ଷା, ଗୀତ ଓ ସଙ୍ଗୀତ, ଶିକ୍ଷା ଦାନ ଓ ବିଭିନ୍ନ ଉପକରଣ ନିର୍ମାଣ ଆଦି ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି । ମହିଳାମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ଆବଶ୍ୟକ ତାଲିମ ଓ ସୁବିଧା ସୁଯୋଗ ମଧ୍ୟ ଯୋଗାଇ ଦିଆଯାଉଛି । ଅନେକ ସମୟରେ ଉତ୍କଳ ମହିଳା ସମିତି ପକ୍ଷରୁ ମହିଳାମାନଙ୍କୁ ଆଇନଗତ ସହାୟତା ଯୋଗାଇବା ପାଇଁ ଏକାଧିକ ଶିବିର ଆୟୋଜିତ ହୋଇଛି । ମହିଳାମାନଙ୍କର ସ୍ଥିତି, ସାମାଜିକ ଓ ଅର୍ଥନୈତିକ ପ୍ରତିବନ୍ଧକ, ଆଇନଗତ ବ୍ୟବସ୍ଥା ଆଦି ସମ୍ପର୍କରେ ମଧ୍ୟ ବହୁ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । ମହିଳାମାନଙ୍କ ବିରୋଧରେ ହେଉଥିବା ଅତ୍ୟାଚାର, ଯୌତୁକ ନିର୍ଯ୍ୟାତନା, ଶୋଷଣ ତଥା ଅନ୍ୟାନ୍ୟ କାର୍ଯ୍ୟ ବିରୋଧରେ ଅନୁଷ୍ଠାନ ପକ୍ଷରୁ ଅନେକ ବାର ସମାବେଶ ଓ ବିକ୍ଷୋଭମାନ ଆୟୋଜନ କରାଯାଇ ନାରୀ ଏକତା ଓ ଜାଗରଣ ସୃଷ୍ଟି କରିବାରେ ସଫଳତା ମିଳିଛି । ମହିଳାଙ୍କ ସ୍ୱାର୍ଥରକ୍ଷା ପାଇଁ ଏହି ଅନୁଷ୍ଠାନ ଏକ ସଫଳ ମାଧ୍ୟମ ରୂପେ ଆତ୍ମପ୍ରକାଶ କରିବାରୁ ଗ୍ରାମାଞ୍ଚଳର ବହୁ ନିର୍ଯ୍ୟାତିତା ମହିଳା ନିଜର ଦୁଃଖ ଲାଘବ କରିବା ପାଇଁ ଅନୁଷ୍ଠା ନିକଟକୁ ଆସିଛନ୍ତି । ଅନେକ କ୍ଷେତ୍ରରେ ଅନୁଷ୍ଠାନ ସେମାନଙ୍କର ସ୍ୱାର୍ଥରକ୍ଷା ପାଇଁ ଲଢ଼େଇ କରି ସଫଳତା ଅର୍ଜନ କରିଛି । ଏହି ସଫଳତା ଦୃଷ୍ଟିରୁ ରାଜ୍ୟର ଗ୍ରାମାଞ୍ଚଳରେ ମଧ୍ୟ ଉତ୍କଳ ମହିଳା ସମିତିର ଶାଖାମାନ ପ୍ରତିଷ୍ଠା କରାଯାଇ ମହିଳା ଆନ୍ଦୋଳନର ବାଣ୍ଟକୁ ବ୍ୟାପକ କରାଯାଉଛି ।

ସାଧାରଣ ଜୀବନରେ ରହି ମହିଳାମାନଙ୍କ ନିମନ୍ତେ ଦୀର୍ଘଦିନ ଧରି କାମ କରିବା ପରେ ଯେଉଁ କେତେକ ଅନୁଭୂତି ମୁଁ ହାସଲ କରିଛି ତାହା ଏଠାରେ ଉଲ୍ଲେଖ କରିବାକୁ ଉଚିତ ମନେ କରୁଛି । କାରଣ ଉତ୍କଳ ମହିଳା ସମିତିର କେତେକ କାର୍ଯ୍ୟକୁ ଆମେ ବିଶ୍ଳେଷଣ କରି ଅନେକ ସିଦ୍ଧାନ୍ତରେ ଉପନୀତ ହୋଇଛୁ । ସେଗୁଡ଼ିକ ହେଲା ଓଡ଼ିଶାର ସାମାଜିକ ଚରିତ୍ର ଏତେ ମୁକ୍ତ ନୁହେଁ । ପରିବର୍ତ୍ତନକୁ ଗ୍ରହଣ କରିବା କ୍ଷେତ୍ରରେ ଏହା ତୀବ୍ର ସମ୍ବେଦନଶୀଳ ଓ ମନ୍ଥର । ଶିକ୍ଷାର ଅଭାବ ତଥା ଦାରିଦ୍ର୍ୟ ଯୋଗୁଁ ସାମଗ୍ରୀକ 'ସାମାଜିକ ବ୍ୟବସ୍ଥା ସଙ୍କୁଚିତ । ମହିଳା ଏବେ ମଧ୍ୟ ତାର ସ୍ଥିତି ଓ ଅଧିକାର ' ବିଷୟରେ ସଚେତନ ନୁହେଁ । ଆମେ ଭଲଭାବେ ଅନୁଭବ କରିଛୁ ଯେ ନାରୀ ପାଇଁ ନାରୀମାନେ ଯେତେବେଳେ ସଙ୍ଘବଦ୍ଧ ଭାବେ ସଂଗ୍ରାମ କରିଛନ୍ତି, ସେତେବେଳେ ସମାଜର ଆଭିମୁଖ୍ୟ ବଦଳିବାକୁ ବାଧ୍ୟ ହୋଇଛି ।

ପ୍ରଶାସନିକ ସ୍ତରରେ ମହିଳା ଉନ୍ନୟନ ସମ୍ବନ୍ଧୀୟ ନୀତି ନିର୍ଦ୍ଧାରଣର ଦାୟିତ୍ୱ ପୁରୁଷମାନଙ୍କ ଉପରେ ନ୍ୟସ୍ତ କରାଯାଇଥିବାରୁ ମହିଳାଙ୍କ ପ୍ରତିନିଧିତ୍ୱ ଆନୁପାତିକ ଭାବେ ବୃଦ୍ଧି ପାଉନାହିଁ। ଯେଉଁଠି ଯାହା ସବୁ ତ୍ରୁଟି ରହିଛି ତାହାକୁ ସୁଧାରିବା ପାଇଁ ମହିଳା ସଙ୍ଗଠନଗୁଡ଼ିକର ପରାମର୍ଶକୁ ମଧ୍ୟ ବିଚାରକୁ ନେବା ଆବଶ୍ୟକ । ମହିଳାଙ୍କ ସମସ୍ୟା ଅନେକ । କିନ୍ତୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ ନାହିଁ କିମ୍ବା ସ୍ଥିତିର ଉନ୍ନତି ପାଇଁ ଯେଉଁ ଅର୍ଥ ବରାଦ ହେଉଛି ତାହା ଯଥେଷ୍ଟ ହେଉନାହିଁ । ଆଦିବାସୀ, ହରିଜନ ଓ ଅନଗ୍ରସର ଶ୍ରେଣୀର ବିକାଶ ପାଇଁ ସରକାର ଯେଉଁ ତତ୍ପରତା ପ୍ରକାଶ କରୁଛନ୍ତି ଏବଂ ଏହା ପାଇଁ ଯେଉଁ ଅନୁପାତରେ ଅର୍ଥ ବରାଦ ହୋଇ ଯୋଜନାମାନ ପ୍ରଣୟନ କରାଯାଉଛି ସେ ଅନୁପାତରେ ମହିଳାମାନଙ୍କ ବିକାଶ ପାଇଁ ରାଜ୍ୟ କିମ୍ବା କେନ୍ଦ୍ର ସ୍ତରରେ ଯୋଜନା କାର୍ଯ୍ୟକାରୀ ହେବା ଆବଶ୍ୟକ ।

ଶେଷରେ ଏତିକି କୁହାଯାଇ ପାରେ ଯେ ମହିଳା ଆନ୍ଦୋଳନକୁ ଗ୍ରାମାଞ୍ଚଳରେ ବ୍ୟାପକ କରି ପ୍ରତ୍ୟେକ ନାରୀକୁ ତା' ନିଜ ବିଷୟରେ ସଚେତନ କରିବା ପାଇଁ ସମୟ ଆସିଛି । ଏଥିପାଇଁ ଆବଶ୍ୟକ ଶିକ୍ଷା, ସମ୍ପର୍କ, ସଚେତନତା, ସଂଯୋଗ ଓ ସମନ୍ୱୟ । ଏହି ଆଦର୍ଶ ନେଇ ଉତ୍କଳ ମହିଳା ସମିତି ଆଗେଇ ଚାଲିଛି । ସେହିଭଳି ଏକାଧିକ ଅନୁଷ୍ଠାନ ଆଗେଇ ଆସିଲେ ଏବଂ ଏ ସବୁ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସରକାର ଆବଶ୍ୟକ ଅନୁପାତରେ ସାହାଯ୍ୟ ସହଯୋଗ ଦେଇ ସେମାନଙ୍କ ପରାମର୍ଶ ଗ୍ରହଣ କଲେ ମହିଳାମାନଙ୍କ ବିକାଶର ଧାରା ତ୍ୱରାନ୍ୱିତ ହେବ ବୋଲି ଏଥିରେ ସନ୍ଦେହ ନାହିଁ । ରାଜ୍ୟରେ ମହିଳା ବିକାଶ କ୍ଷେତ୍ରରେ ଯେଉଁ ଉନ୍ମେଷ ସୃଷ୍ଟି ହୋଇଛି ତାହାକୁ ବ୍ୟାପକ କରିବା ପାଇଁ ରାଜ୍ୟ ସରକାର ସବୁମତେ ସାହାଯ୍ୟ କରିବା ଉଚିତ ।

---

ସଭାନେତ୍ରୀ, ଉତ୍କଳ ମହିଳା ସମିତି ଓ
କର୍ମଜୀବୀ ମହିଳା ନିକେତନ ।
ଅଧ୍ୟକ୍ଷା,
ଭାରତୀୟ ମହିଳା ଫେଡ଼ରେସନ୍, ନୂଆଦିଲ୍ଲୀ
ଜେଲ୍‌ରୋଡ୍, କଟକ–୧ ।

# ଗ୍ରାମ ଗଠନରେ ଯୁବ ସମାଜର ଭୂମିକା

● ଶ୍ରୀ ବିଚିତ୍ରାନନ୍ଦ ସାମଲ

୧୯୮୫ ମସିହା ସମସ୍ତ ବିଶ୍ୱରେ ଆନ୍ତର୍ଜାତିକ ଯୁବବର୍ଷ ଭାବରେ ପାଳିତ ହୋଇଯାଇଛି। ସେହି ଦିନଠାରୁ ଆମ ଭାରତବର୍ଷରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ ଜାନୁୟାରୀ ୧୨ ତାରିଖକୁ ଜାତୀୟ ଯୁବ ଦିବସ ରୂପେ ଅଭିହିତ କରାଯାଇଛି ଏବଂ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ଉତ୍ସବ, ସଭା ସମିତି, ଶୋଭାଯାତ୍ରା ମାଧ୍ୟମରେ ଯୁବ ଦିବସ ପାଳନ କରାଯାଉଛି। ଯୁବକମାନଙ୍କ ମଧ୍ୟରେ ଦେଶାତ୍ମବୋଧ, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣାଭାବ ସୃଷ୍ଟି କରିବା ନିମନ୍ତେ ମଧ୍ୟ ଉତ୍ସାହିତ କରାଯାଉଛି। ଏଥିନିମନ୍ତେ ଆମ ଯୁବ ସମାଜ ପାଇଁ ଅନେକ ଗୁରୁ ଦାୟିତ୍ୱ ଆସିଯାଇଛି। ନୈରାଶ୍ୟ ଓ ଅନିଶ୍ଚିତତା ଭିତରେ ଗତି କରୁଥିବା ଯୁବ ସମାଜକୁ ସୁମାର୍ଗରେ ପରିଚାଳିତ କରି, ସମାଜ ସଂସ୍କାର ଓ ଦେଶର ପ୍ରଗତି ବିଧାନ ପାଇଁ ବର୍ତ୍ତମାନର ଆମ ଲୋକପ୍ରିୟ ସରକାର ଏକ ଯୁବନୀତି ପ୍ରଣୟନ କରିଛନ୍ତି। ଯାହା ଆମ ଯୁବ ସମାଜରେ ଆଦୃତ ହୋଇଛି।

ବିନ୍ଦୁ ବିନ୍ଦୁ ବର୍ଷା ଜଳରେ ସମୁଦ୍ର ହେଲା ଭଳି ଯୁବ ସମାଜ ନିଜ ଜନ୍ମ ଘରୀକୁ ଗଢ଼ି ତୋଳିବାର ପ୍ରୟାସ କଲେ ଦେଶ ଓ ଜାତି ଗଢ଼ି ଉଠିବ। ଏଣୁ ପ୍ରତି ଗ୍ରାମରେ ଯୁବକ ବନ୍ଧୁମାନେ ଯୁବକସଙ୍ଘମାନ ଗଠନ କରି ଏକ ଆଦର୍ଶ ଗ୍ରାମ ଗଢ଼ି ତୋଳିଲେ ଆମ ଭାରତବର୍ଷ ଏକ ସୁନାର ଦେଶ ହୋଇପାରିବ ଏଥିରେ ସନ୍ଦେହ ନାହିଁ। ଗ୍ରାମମାନଙ୍କରେ ସାଧାରଣତଃ ଯେଉଁ ଅଭାବ ଅସୁବିଧାମାନ ଦେଖା ଦେଉଥାଏ ସେଗୁଡ଼ିକ ଯୁବକସଙ୍ଘ ମାଧ୍ୟମରେ ଯୁବ ସମାଜ ସୁଷ୍ଠୁ ରୂପେ ସମାଧାନ କରିପାରିବ। ଏଥିପାଇଁ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ କେତେଗୁଡ଼ିଏ ଯୋଜନା ହାତକୁ ନେଇଛନ୍ତି। ଗ୍ରାମ ଉନ୍ନୟନ ବିଭାଗ ନାମରେ ଏକ ନୂତନ ବିଭାଗ ସୃଷ୍ଟି କରି ଉକ୍ତ ବିଭାଗ ଉପରେ ଏହାର ସଫଳ ରୂପାୟନ ଦାୟିତ୍ୱ ନ୍ୟସ୍ତ କରାଯାଇଛନ୍ତି।

## ନିଜେ ଠିକ୍ ହେବା ଶିଖ :

ଆମେମାନେ ଯାହା କରିଥାଉ ତାହା ସାଧାରଣତଃ ଅନ୍ୟମାନଙ୍କ ଉପରେ ପ୍ରଭାବ ପକାଇଥାଏ। ଏଥିପାଇଁ ଲୋକମାନଙ୍କ ମନରେ ବିଶ୍ୱାସ ଜନ୍ମାଇବାକୁ ହେବ ଯେ ଆମେମାନେ ଯାହା କରିବାକୁ ଯାଉଛୁ ତାହା ସମାଜର ଉନ୍ନତି ପାଇଁ ଉଦ୍ଦିଷ୍ଟ। ଆଜିକାଲି ଦେଖାଯାଉଛି କେତେକ ଉଦ୍‌ଭ୍ରାନ୍ତ ଯୁବକ ଓ ଛାତ୍ରମାନେ ମଦ୍ୟପାନକୁ ଏକ ଆଭିଜାତ୍ୟ ବୋଲି ଭାବି ନେଉଛନ୍ତି। ଏଣୁ ବିଭିନ୍ନ କାର୍ଯ୍ୟରେ ତଥା ସର୍ବସାଧାରଣରେ ଉକ୍ତ ନିନ୍ଦନୀୟ କାର୍ଯ୍ୟ କରୁଛନ୍ତି। ଯାହା ଫଳରେ ବୟସ୍କ ଲୋକମାନେ ସେମାନଙ୍କଠାରେ ଆସ୍ଥା ରଖିନପାରି ଦୂରେଇ ଯାଉଛନ୍ତି। ଅବଶ୍ୟ ଗ୍ରାମରେ କେତେକ ମୁଷ୍ଟିମେୟ ଯୁବକ ଏ ପ୍ରକାର କୁକର୍ମ କରୁଛନ୍ତି, କିନ୍ତୁ ଗୋଟିଏ ଗଛର ନିଆଁରେ ସାରା ଜଙ୍ଗଲ ଜଳି ପୋଡ଼ିଗଲା ଭଳି ସାରା ଯୁବ ସମାଜ ଯେ ବଦ୍‌ନାମ ହେଉଛି, ସେମାନେ ଜାଣିପାରୁ ନାହାନ୍ତି। ଏହା ହେବାଦ୍ୱାରା ଛୋଟ ପିଲାମାନେ ଯୁବ ସମାଜଠାରୁ କ'ଣ ଶିକ୍ଷା କରିବେ ?

ଏହାର ନିରାକରଣ ନିମନ୍ତେ ଆମ ସରକାର ନିଶା ନିବାରଣ ଏବଂ ଡ୍ରଗ୍‌ସ ସେବନରୁ ବିରତ ରହିବା ପାଇଁ କେତେକ ଦୃଢ଼ ପଦକ୍ଷେପ ନେଇଛନ୍ତି। ଏଣୁ ସମାଜରୁ ଏପରି କୁକର୍ମକୁ ଦୂର କରିବା ନିମନ୍ତେ ଯୁବ ସମାଜ ସରକାରଙ୍କ ସହିତ ସହଯୋଗ କରି ଜନ ସଚେତନତା ସୃଷ୍ଟି କରିବା ଆବଶ୍ୟକ।

## ଶିକ୍ଷା :

ଗ୍ରାମରେ ସାର୍ବଜନୀନ ଶିକ୍ଷାର ପ୍ରସାର ନିମନ୍ତେ ଯୁବ ସମାଜର ପ୍ରମୁଖ ଭୂମିକା ରହିଛି। ପ୍ରତି ପିଲା ଯେପରି ଅତି କମ୍‌ରେ ପ୍ରାଥମିକ ଶିକ୍ଷା ଲାଭ କରେ ସେଥିପ୍ରତି ଦୃଷ୍ଟି ଦେବା ନିତାନ୍ତ ଜରୁରୀ। ଏଥିନିମନ୍ତେ ସ୍କୁଲ ଗୃହ ନିର୍ମାଣ ଓ ଶିକ୍ଷକମାନେ ନିୟମିତ ଭାବେ ପାଠ ପଢ଼ାଇବାର ସୁବ୍ୟବସ୍ଥା ଏହି ଯୁବ ସମାଜ ଉପରେ ନ୍ୟସ୍ତ।

ନିରକ୍ଷର ବୟସ୍କ ଲୋକମାନଙ୍କୁ ମଧ୍ୟ ସାକ୍ଷର କରାଇବା ଦାୟିତ୍ୱ ଏହି ଯୁବ ସମାଜ ଉପରେ ନ୍ୟସ୍ତ।

ଏ ପ୍ରକାର ଅସୁବିଧାର ନିରାକରଣ ନିମନ୍ତେ ଆମ ସରକାର ନିମ୍ନଲିଖିତ କେତେଗୁଡ଼ିଏ ଜନକଲ୍ୟାଣକାରୀ ଯୋଜନା ସୃଷ୍ଟି କରିଛନ୍ତି :

(୧) *ଅଙ୍ଗନୱାଡ଼ି*—ଯେଉଁଥିରେ କି ପ୍ରାଥମିକ ସ୍କୁଲକୁ ଯିବା ପୂର୍ବରୁ ପିଲାମାନେ ଶିକ୍ଷାଲାଭ କରିବେ, ତା'ସହିତ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ପରିବେଷଣ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନିୟମିତ ଭାବେ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା ରହିଛି।

(୨) *ପ୍ରାଥମିକ ସ୍କୁଲ*—ପ୍ରାଥମିକ ସ୍କୁଲରେ ଶିକ୍ଷାଦାନ ନିମନ୍ତେ ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରାଯାଇଛି। ପ୍ରତି ଗ୍ରାମରେ ଥିବା ସ୍କୁଲକୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଉନ୍ନିତ କରାଇବା ସହିତ ସ୍କୁଲ ଗୃହଗୁଡ଼ିକୁ ପକ୍କା ଗୃହରେ ପରିଣତ କରାଯାଉଛି।

(୩) *ପ୍ରୌଢ଼ ଶିକ୍ଷା କେନ୍ଦ୍ର*—ନିରକ୍ଷର ବୟସ୍କ ଲୋକମାନଙ୍କ ନିମନ୍ତେ ପ୍ରୌଢ଼ ଶିକ୍ଷା କେନ୍ଦ୍ର ଖୋଲି ସେମାନଙ୍କୁ ସାକ୍ଷର କରାଯାଉଛି।

(୪) *କୋଠଘର ଓ ଭାଗବତ ଟୁଙ୍ଗୀ*—ଗ୍ରାମରେ କୋଠଘର ଓ ଭାଗବତ ଟୁଙ୍ଗୀ ତିଆରି କରାଯାଇଛି। ଯେଉଁଠାରେ ଗ୍ରାମର ସମସ୍ତ ଲୋକମାନେ ଏକାଠି ବସି ସବୁ ପ୍ରକାର ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମମାନ ପାଳନ କରିଥାନ୍ତି। ଗ୍ରାମର ଯୁବକସଙ୍ଘ ଗୃହ ତିଆରି କରିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି।

ଉପରୋକ୍ତ ବ୍ୟବସ୍ଥାଗୁଡ଼ିକର ସୁଯୋଗ ନେବା ନିମନ୍ତେ ଯୁବ ସମାଜ ଯୁବକସଙ୍ଘ ମାଧ୍ୟମରେ ସରକାରଙ୍କ ସହିତ ଯୋଗସୂତ୍ର ରକ୍ଷା କଲେ ଗ୍ରାମବାସୀମାନେ ଶିକ୍ଷା ପ୍ରତି ନିଶ୍ଚିତ ରୂପେ ଆକୃଷ୍ଟ ହେବେ। ଯାହା ଫଳରେ ଗ୍ରାମରେ ଶିକ୍ଷିତ ସଂଖ୍ୟା ବୃଦ୍ଧି ପାଇବ।

## ସ୍ୱାସ୍ଥ୍ୟ :

'ସ୍ୱାସ୍ଥ୍ୟ ହିଁ ସମ୍ପଦ'। ଉତ୍ତମ ସ୍ୱାସ୍ଥ୍ୟ ନରହିଲେ, ମଣିଷ କୌଣସି କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରେନି। ଏଣୁ ସ୍ୱାସ୍ଥ୍ୟର ଯତ୍ନ ପ୍ରଥମେ ନେବା ସର୍ବାଦୌ କର୍ତ୍ତବ୍ୟ। ସ୍ୱାସ୍ଥ୍ୟର ଯତ୍ନ ନେବା ନିମନ୍ତେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମବାସୀମାନଙ୍କୁ ବୁଝାଇବା ସଙ୍ଗେ ସଙ୍ଗେ ଗ୍ରାମରେ ଥିବା ଜଳାଶୟଗୁଡ଼ିକର ସୁରକ୍ଷା ବିଷୟରେ ମଧ୍ୟ ବୁଝାଇବା ଦରକାର। ଏଥିନିମନ୍ତେ ଯୁବକ ସଙ୍ଘଗୁଡ଼ିକ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରର ସହାୟତା ନେଲେ ଗ୍ରାମରେ କୌଣସି ପ୍ରକାର ସଂକ୍ରାମକ ରୋଗ ହୋଇପାରିବ ନାହିଁ।

ଏବେ ସରକାରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ନିମନ୍ତେ କେତେକ ପଦକ୍ଷେପ ନିଆଯାଇଛି। ସଂକ୍ରାମକ ରୋଗ ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ପ୍ରତି ଗ୍ରାମକୁ ଭ୍ରାମ୍ୟମାଣ ଚିକିତ୍ସକ ଦଳ ଯାଇ ଚିକିତ୍ସା କରୁଛନ୍ତି। ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ମାଗଣାରେ ବିଭିନ୍ନ ପ୍ରକାର ଟୀକା ଓ ଔଷଧ ଦେବା ସହିତ ମାଗଣାରେ ପୁଷ୍ଟିକର ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଉଛି। ଏହାକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ଯୁବ ସମାଜର କର୍ତ୍ତବ୍ୟ ଅଟେ।

## ପରିବେଶ :

ଗ୍ରାମର ପରିବେଶ ପରିଷ୍କାର ପରିଚ୍ଛନ୍ନ ରହିଲେ ଗ୍ରାମବାସୀମାନଙ୍କର ସ୍ୱାସ୍ଥ୍ୟ ଠିକ୍ ରହିବ। ଗ୍ରାମର ରାସ୍ତାଘାଟ ଯୁବକସଙ୍ଘ ମାଧ୍ୟମରେ ସଫା କରିବା ସଙ୍ଗେ ସଙ୍ଗେ ଜଳାଶୟଗୁଡ଼ିକୁ ସଫା କରିବା ଉଚିତ। ୨୦–ଦଫା କାର୍ଯ୍ୟକ୍ରମ ଅନୁସାରେ ଆମ ଲୋକପ୍ରିୟ ସରକାର ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସାମାଜିକ ବନୀକରଣ ଯୋଜନା ମାଧ୍ୟମରେ ରୂପାୟନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଗ୍ରାମ ରାସ୍ତାର ଉଭୟ ପଟରେ ଓ ଗ୍ରାମ ବାହାରେ ଥିବା ଅନାବାଦି, ଗୋଚର ଜମି ଉପରେ ବୃକ୍ଷରୋପଣ କଲେ ମୃତ୍ତିକା ସଂରକ୍ଷଣ କରାଯାଇ ପାରିବ ଏବଂ ତତ୍ ସଙ୍ଗେ ସଙ୍ଗେ ଜାଳେଣୀ କାଠର ମଧ୍ୟ ଅଭାବ ରହିବ ନାହିଁ ଓ ଗ୍ରାମର ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ପାଇବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଯୁବ ସମାଜ ଆଗେଇ ଆସିବା ଉଚିତ।

## ଜନ ଚେତନା :

ଜଣେ ସୁନାଗରିକ ହେବାକୁ ହେଲେ ବହୁତ କଥା ଶିଖିବାର ଅଛି। ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ଅବିଶ୍ୱାସିତ ଭାବରେ ହିଂସାକାଣ୍ଡ ଘଟାଇ ଏବଂ ତା' କରିଆରେ ଗ୍ରାମରେ ତଥା ରାଜ୍ୟରେ ଅସ୍ଥିରତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ହୀନ ଉଦ୍ୟମ କରୁଥିବା ନ୍ୟସ୍ତସ୍ୱାର୍ଥ, ସାମ୍ପ୍ରଦାୟିକ ତଥା ବିଭେଦକାରୀ ଶକ୍ତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଯୁବ ସମାଜ ଆଗେଇ ଆସିବା ଉଚିତ।

ଯୌତୁକ ପ୍ରଥା ବିରୁଦ୍ଧରେ ସଂଗ୍ରାମ, ସ୍ୱାସ୍ଥ୍ୟ ସେବାର ବିଭିନ୍ନ କାର୍ଯ୍ୟକ୍ରମ ସହିତ ପରିବାର କଲ୍ୟାଣ କାର୍ଯ୍ୟକ୍ରମ, ଶିକ୍ଷାର ପ୍ରସାର ଓ ପରିବେଶ ସଂକ୍ରାନ୍ତରେ ଗ୍ରାମରେ ସଚେତନତା ସୃଷ୍ଟି କରିବା ସହିତ ସମସ୍ତ ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରିବା ମଧ୍ୟ ଯୁବ ସମାଜର କର୍ତ୍ତବ୍ୟ। ଏ ସବୁ ନିମନ୍ତେ ସରକାର ବିଭିନ୍ନ ପ୍ରକାର ଅନୁଦାନ ବ୍ଲକ୍ ତଥା ସମାଜ ମଙ୍ଗଳ ବୋର୍ଡ଼ ମାଧ୍ୟମରେ ଗ୍ରାମମାନଙ୍କୁ ଦେଉଛନ୍ତି, ଯାହା ଗ୍ରାମର ଯୁବକସଙ୍ଘ ମାଧ୍ୟମରେ ଗ୍ରାମରେ ଖର୍ଚ୍ଚ କରାହେବା ପାଇଁ ଅଗ୍ରାଧିକାର ଦେଉଛନ୍ତି।

ଏବେ ସରକାର ଦେଶର ଉନ୍ନତି ଓ ଭବିଷ୍ୟତ ପାଇଁ ପୂର୍ଣ୍ଣ ପ୍ରାଣରେ ଅଂଶ ଗ୍ରହଣ ପାଇଁ, ସେମାନଙ୍କର ବ୍ୟକ୍ତିତ୍ୱର ପରିସ୍ଫୁଟନ, ଦେଶର ପ୍ରଗତି ପାଇଁ ସଂଗଠିତ କରିବା ପାଇଁ ଯୁବ ଶକ୍ତିକୁ ବିନିଯୋଗ କରି ସମସ୍ତ ପ୍ରକାର ସୁବିଧା ସୁଯୋଗ ଦେବା ପାଇଁ ସଂକଳ୍ପବଦ୍ଧ। ଏଣୁ ଏ ସମସ୍ତର ସୁଯୋଗ ନେଇ ସମସ୍ତ ପ୍ରକାର ସାମାଜିକ ବ୍ୟାଧିର ମୁକାବିଲା ନିମନ୍ତେ କେବଳ ସେ ଯୁବ ସମାଜ ହିଁ ସକ୍ଷମ ଏଥିରେ ସନ୍ଦେହ ନାହିଁ।

ଏଣୁ ଆସନ୍ତୁ ଦୁର୍ବଳତା ତଥା ହୀନମନ୍ୟତା ପରିହାର କରି ଗାଁ ଓ ଦେଶର ସ୍ୱାର୍ଥିମାନଙ୍କୁ ଆଖି ଆଗରେ ରଖି ଯୁବ ସମାଜ ନିଷ୍ଠାର ସହ ବିଭିନ୍ନ ଜନହିତକର କାର୍ଯ୍ୟରେ ସରକାରଙ୍କ ସହିତ କାନ୍ଧରେ କାନ୍ଧ ମିଳାଇ ଆଗେଇ ଯିବା।

ପରିଶେଷରେ ଯୁବ ବନ୍ଧୁମାନଙ୍କୁ ଏତିକି ଅନୁରୋଧ ସେମାନେ ଏକ ମାସରେ ଏକଦିନ ସମୟ ଦେଇ ନିଜ ନିଜର ଗ୍ରାମକୁ ଏକ ଆଦର୍ଶ ଗ୍ରାମ ଭାବରେ ଗଢ଼ି ତୋଳିବାକୁ ସଂକଳ୍ପବଦ୍ଧ ହୁଅନ୍ତୁ। ସରକାରଙ୍କଠାରୁ ସମସ୍ତ ପ୍ରକାର ସାହାଯ୍ୟ ସହାନୁଭୂତି ପାଇ ଏକାଠି ମିଳିମିଶି ଏକ ଆଦର୍ଶ ଗ୍ରାମ ଗଠନ କରିବା ସହିତ ଏକ ଶକ୍ତିଶାଳୀ ସମୃଦ୍ଧ ଓଡ଼ିଶା ଏବଂ ସୁନାର ଭାରତ ଗଠନ କରିବା।

ଫଟୋଟାଇପ୍‌ସେଟିଂ ବିଭାଗ,
ସରକାରୀ ମୁଦ୍ରଣାଳୟ,
ମଧୁପାଟଣା, କଟକ–୧୦।

# ଗଜପତି ଓ ମନ୍ଦିର ଆଇନ

● ଶ୍ରୀ ଶରତଚନ୍ଦ୍ର ମହାପାତ୍ର

ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନାରେ କ୍ରମାଗତ ବିଶୃଙ୍ଖଳା ରାଜ୍ୟ ସରକାରଙ୍କର ଦୃଷ୍ଟି ଗୋଚର ହେବାରୁ ତାହାକୁ ଶୃଙ୍ଖଳିତ କରିବା ପାଇଁ ପ୍ରାଥମିକ ପଦକ୍ଷେପ ସ୍ୱରୂପ, ୧୯୫୨ ମସିହାରେ "ପୁରୀ ଜଗନ୍ନାଥ ମନ୍ଦିର (ପ୍ରଶାସନ) ଆଇନ୍" (Orissa Act XIV of 1952)ପ୍ରଣୟନ କଲେ । ଉକ୍ତ ଆଇନ୍ ଅନୁଯାୟୀ ଶ୍ରୀମନ୍ଦିରର ବିଭିନ୍ନ ଗୋଷ୍ଠିର ସେବକ, ସେବାପୂଜା ଓ ଦେବୋତ୍ତର ସହ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କର ଦାୟିତ୍ୱ ଓ ଅଧିକାର ସମ୍ବନ୍ଧରେ ଅନୁସନ୍ଧାନ କରି ନିର୍ଦ୍ଦିଷ୍ଟ ସ୍ୱତ୍ୱଲିପି (Record of Rights) ପ୍ରସ୍ତୁତ କରିବା ପାଇଁ ଜଣେ "ସ୍ୱତନ୍ତ୍ର ଅଫିସର" (Special Officer) ନିଯୁକ୍ତ ହେଲେ । ସ୍ୱତନ୍ତ୍ର ଅଧିକାରୀ (Special Officer) ୧୯୫୪ ମସିହା ମାର୍ଚ୍ଚ ୧୫ ତାରିଖରେ ତାଙ୍କର ରିପୋର୍ଟ ଦାଖଲ କଲେ । ସେ ତାଙ୍କ ରିପୋର୍ଟରେ ଶ୍ରୀମନ୍ଦିରର ପରିଚାଳନା ଗତ ତ୍ରୁଟି ବିଚ୍ୟୁତି ସମ୍ବନ୍ଧରେ ଯଥେଷ୍ଟ ଆଲୋକପାତ କରିବା ସଙ୍ଗେ ସଙ୍ଗେ ତାହାର ସ୍ଥାୟୀ ନିରାକରଣ ପାଇଁ ଏକ ବିସ୍ତୃତ ଆଇନ୍ ପ୍ରଣୟନ ନିମନ୍ତେ ସୁପାରିଶ କଲେ । ତଦନୁଯାୟୀ ୧୯୫୫ ମସିହାରେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ୧୯୫୫ ନାମକ (Act II of 1955) ଏକ ବିଶେଷ ଆଇନ୍ ପ୍ରଣୀତ ହେଲା ।

ପୂର୍ବ ପ୍ରଚଳିତ ସମସ୍ତ ଆଇନ୍, ରେଗୁଲେସନ୍ ଓ ପରିଚାଳନା ବ୍ୟବସ୍ଥାକୁ ଅସିଦ୍ଧ କରି ଏହି ଐତିହାସିକ ଆଇନ୍ (ଶ୍ରୀମନ୍ଦିର ଆଇନ୍, ୧୯୫୫) ୧୯୫୫ ମସିହାରେ ପ୍ରଣୀତ ହୋଇଥିଲେ ମଧ୍ୟ ତା ୨୭-୧୦-୧୯୬୦ରୁ ପ୍ରବର୍ତ୍ତିତ ହୋଇଥିଲା । କୌଣସି ଧାର୍ମିକ ବ୍ୟବସ୍ଥା ଓ ପ୍ରାଚୀନ ଅନୁସୃତ ପରମ୍ପରା ଉପରେ ହସ୍ତକ୍ଷେପ ନ କରି କେବଳ ସାର୍ବଜନୀନ ବା ସାଧାରଣ ସମ୍ପୃକ୍ତ କାର୍ଯ୍ୟାବଳୀ (Secular affairs)ର ସୁପରିଚାଳନା ଏହି ଆଇନ୍‌ର ଉଦ୍ଦେଶ୍ୟ । ନୂତନ ଆଇନ୍‌ର ୩ ଧାରା ଅନୁଯାୟୀ ପୂର୍ବୋକ୍ତ ୧୯୫୨ର ଆଇନ୍ ଏହାର ଅଙ୍ଗୀଭୂତ କରାଗଲା ଏବଂ ୬ ଧାରା ଅନୁଯାୟୀ ଶ୍ରୀମନ୍ଦିର ପରିଚାଳନା କମିଟିକୁ ରାଜ୍ୟ ସରକାର ୧୯୫୨ ଆଇନ୍‌ଭୁକ୍ତ ସମସ୍ତ କ୍ଷମତା ବିଜ୍ଞପ୍ତି ପ୍ରକାଶ ତାରିଖଠାରୁ ହସ୍ତାନ୍ତର କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ ରହିଲେ ।

ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ପାଇଁ ପ୍ରଣୀତ ସ୍ୱାଧୀନ ରାଜ୍ୟ ସରକାରଙ୍କର ଏହା ପ୍ରଥମ ବିସ୍ତୃତ ଐତିହାସିକ ଆଇନ୍ ଏବଂ ସେହି ଆଇନ୍ ଅନୁଯାୟୀ ବର୍ତ୍ତମାନ ମନ୍ଦିର ପରିଚାଳିତ ହେଉଛି । ଏହି ଆଇନ୍‌ର କେତେକ ବିଶେଷ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେବା ଏଠାରେ ପ୍ରାସଙ୍ଗିକ ମନେ ହୁଏ ।

୧୯୫୫ ମସିହା ଶ୍ରୀମନ୍ଦିର ପ୍ରଶାସନ ଆଇନ୍‌ର ୫ ଧାରା ଅନୁଯାୟୀ ଶ୍ରୀମନ୍ଦିର ଓ ତତ୍ ସଂଲଗ୍ନ ସମସ୍ତ ଦେବୋତ୍ତର ସ୍ଥାବର ଅସ୍ଥାବର ସମ୍ପତ୍ତିର ପରିଚାଳନା ଦାୟିତ୍ୱ "ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି" ନାମକ ଏକ କମିଟି ଉପରେ ନ୍ୟସ୍ତ କରାଗଲା । ଏହି ଆଇନ୍‌ର ୬ ଧାରା ଅନୁଯାୟୀ ପୁରୀ ରାଜାଙ୍କୁ ଉକ୍ତ କମିଟିର ବଂଶାନୁକ୍ରମିକ ଅଧ୍ୟକ୍ଷ (Chairman)ରୂପେ ସ୍ୱୀକୃତି ଦିଆଗଲା । ସରକାରୀ ପଦାଧିକାରୀଙ୍କ ମଧ୍ୟରୁ ପୁରୀ ଜିଲ୍ଲାପାଳଙ୍କୁ ଉକ୍ତ କମିଟିର (ex—Officio) ଉପ ସଭାପତି ଭାବେ ରଖାଗଲା । ମୁକ୍ତି ମଣ୍ଡପରେ ବସିବା ଅଧିକାର ଥିବା ବ୍ରାହ୍ମଣଙ୍କ ମଧ୍ୟରୁ ଜଣେ ଓ ସ୍ୱତ୍ୱଲିପିରେ ଥିବା ସେବକଙ୍କ ମଧ୍ୟରୁ ୩ ଜଣଙ୍କର କମିଟିରେ ପ୍ରତିନିଧିତ୍ୱ କରିବାର ବ୍ୟବସ୍ଥା ରହିଲା । ସରକାରଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟିର ସମ୍ପାଦକ ରହିଲେ । ପଦାଧିକାରୀ ଅଫିସରଙ୍କ ବ୍ୟତୀତ ଅନ୍ୟ ସମସ୍ତ ସଭ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହେବାର ବ୍ୟବସ୍ଥା ରଖାଗଲା । ଉକ୍ତ ଆଇନ୍ ଅନୁଯାୟୀ ଉକ୍ତ କମିଟିରେ ସର୍ବମୋଟ ୧୧ ଜଣ ସଭ୍ୟ ଏବଂ ହିନ୍ଦୁ ଧର୍ମାବଲମ୍ବୀଙ୍କ ବ୍ୟତୀତ ଅନ୍ୟ କେହି ଏହି କମିଟିର ସଭ୍ୟ ପଦ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ବୋଲି ବ୍ୟବସ୍ଥା ରହିଲା । ଏହି କମିଟି ଏକ ସଙ୍ଗଠିତ ବ୍ୟକ୍ତିତ୍ୱ (body corporate) ଏବଂ ଏହାର ଧାରାବାହିକତା ନିରବଚ୍ଛିନ୍ନ (perpetual succession) । କମିଟି ନିଜର ସାଧାରଣ ମୋହର (common seal) ବ୍ୟବହାର କରିବା ସଙ୍ଗେ ସଙ୍ଗେ ସଙ୍ଗଠିତ ରୂପରେ ମକଦ୍ଦମା କରିବା ବା ମକଦ୍ଦମା ଭୁକ୍ତ (to sue and to be sued) ହେବାର ବ୍ୟବସ୍ଥା ଆଇନ୍‌ରେ ରହିଲା । କମିଟିର ସମସ୍ତ କାର୍ଯ୍ୟକାରୀ କ୍ଷମତା ଓ ଦୈନନ୍ଦିନ ମନ୍ଦିର ପରିଚାଳନା ଦାୟିତ୍ୱ ଜଣେ ସରକାରଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକଙ୍କ ଉପରେ ନ୍ୟସ୍ତ ରହିଲା ।

ପୁରୀ ରାଜା, ନାବାଳକତ୍ୱ, ରୁଗ୍ଣାବସ୍ଥା ବା ୧୦(୧) ଧାରା ଅନୁଯାୟୀ ଅଯୋଗ୍ୟ ବିବେଚିତ ହେଲେ, ତାଙ୍କ ସ୍ଥାନରେ ନୂତନ ଅଧ୍ୟକ୍ଷ ନିଯୁକ୍ତି ପାଇଁ ଉକ୍ତ ଆଇନ୍‌ର ୭ ଧାରାରେ ବ୍ୟବସ୍ଥା ରଖାଗଲା । ଉପରୋକ୍ତ ପରିସ୍ଥିତିରେ ପୁରୀ ରାଜା ଅଧ୍ୟକ୍ଷ ପଦ ପାଇଁ ଯୋଗ୍ୟ ନହେଲେ ମଧ୍ୟ ତାଙ୍କର ଗଜପତି ମହାରାଜା ସେବା ଓ ତତ୍‌ସଂଲଗ୍ନ ସମସ୍ତ ସୁବିଧା ପାଇବା ପାଇଁ ୮ ଧାରାରେ ନିର୍ଦ୍ଦେଶ ରହିଲା । ୧୦ ଧାରାରେ ପଦାଧିକାରୀ ସଭ୍ୟ (ex-Officio member)ଙ୍କ ବ୍ୟତୀତ ନିର୍ଦ୍ଧାରିତ ଅଯୋଗ୍ୟତା (Clauses (a) to (g) ) ଦୃଷ୍ଟିରୁ ଯେ କୌଣସି ସଭ୍ୟଙ୍କୁ ସଭ୍ୟ ପଦରୁ ବଞ୍ଚିତ କରିବା ପାଇଁ କ୍ଷମତା, ୧୧ ଧାରାରେ କମିଟିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେବା (dissolution and supersesion) ପାଇଁ, ୧୨ ଧାରାରେ ସାମୟିକ ସଭ୍ୟପଦ ପୂରଣ (casual

vacancy) କ୍ଷମତା ରାଜ୍ୟ ସରକାରଙ୍କ ହାତରେ ରହିଲା । ୧୩ ଧାରାରେ କମିଟିର ବୈଠକ ଓ ୧୪ ଧାରାରେ କମିଟି ସଭ୍ୟଙ୍କ ପ୍ରାପ୍ୟ ସମ୍ବନ୍ଧରେ ସୂଚନା ରହିଲା । କେବଳ ଗନ୍ତା ଖର୍ଚ୍ଚ ଓ ଦୈନିକ ଭତ୍ତା ପାଇଁ ବୈଠକ ସମୟରେ ସଭ୍ୟମାନେ ହକ୍‌ଦାର ହେବେ ଏବଂ ମନ୍ଦିର ପାଣ୍ଠିରୁ କୌଣସି ବେତନ ପାଇବେ ନାହିଁ ବୋଲି ଆଇନ୍‌ରେ ବ୍ୟବସ୍ଥା କରାଗଲା । ୧୫ ଧାରା ଅନୁଯାୟୀ କମିଟିର କର୍ତ୍ତବ୍ୟ ଓ ଦାୟିତ୍ୱ ନିର୍ଦ୍ଧାରଣ କରାଗଲା । ଏହି ଦାୟିତ୍ୱଗୁଡ଼ିକ ହେଲା :-

(୧) ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଦୈନିକ ଓ ସାମୟିକ ନୀତି ଓ ସେବା ପୂଜା ଠିକ୍ ରୂପେ କରାଇବା ବ୍ୟବସ୍ଥା କରିବା ।

(୨) ଯାତ୍ରୀମାନଙ୍କ ପୂଜା ଓ ଦର୍ଶନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା ।

(୩) ଶ୍ରୀମନ୍ଦିରର ସମସ୍ତ ପାଣ୍ଠି, ଗଚ୍ଛିତ ଜମା ଓ ରତ୍ନ ଅଳଙ୍କାର ଇତ୍ୟାଦି ଓ ଭୂ-ସମ୍ପତ୍ତିର ଠିକ୍ ରୂପେ ରକ୍ଷଣା ବେକ୍ଷଣ ଓ ପରିଚାଳନା କରିବା ।

(୪) ଶ୍ରୀମନ୍ଦିର ପରିବେଶର ପରିଷ୍କାର ପରିଚ୍ଛନ୍ନତା ଓ ନୈବେଦ୍ୟର ଶୁଦ୍ଧତା ଓ ପବିତ୍ରତା ରକ୍ଷା କରିବା ।

(୫) ଯେତେଦୂର ସମ୍ଭବ ଦାତାର ଇଚ୍ଛାନୁଯାୟୀ ଦାନ ସମ୍ପତ୍ତିର ଉପଯୋଗ କରିବା ।

(୬) ଶ୍ରୀମନ୍ଦିରର ବେତନ ଭୋଗୀ । କର୍ମଚାରୀଙ୍କ ପାଇଁ ଉପଯୁକ୍ତ ବେତନ ହାର ନିର୍ଦ୍ଧାରଣ କରିବା ।

(୮) ଯାତ୍ରୀମାନଙ୍କର ସୁବିଧା ଓ ଦକ୍ଷ ମନ୍ଦିର ପରିଚାଳନା ପାଇଁ ଅନ୍ୟାନ୍ୟ ଆନୁଷଙ୍ଗିକ ପଦକ୍ଷେପ ନେବା ।

୧୯ ଧାରା ଅନୁଯାୟୀ ଶ୍ରୀମନ୍ଦିରର ଦୈନନ୍ଦିନ ପରିଚାଳନା ପାଇଁ ଜଣେ ପ୍ରଶାସକ ନିଯୁକ୍ତି କ୍ଷମତା ରାଜ୍ୟ ସରକାରଙ୍କର ରହିଲା । ୨୦ ଧାରାରେ ତାଙ୍କର ଯୋଗ୍ୟତା ଓ ଚାକିରୀ ସର୍ତ୍ତାବଳୀ ଓ ୨୧ ଧାରାରେ ତାଙ୍କର କ୍ଷମତା ଓ ଦାୟିତ୍ୱ ବର୍ଣ୍ଣିତ ହେଲା । ପ୍ରଶାସକ କମିଟିର କର୍ତ୍ତୃତ୍ୱାଧୀନ ଥାଇ ଉକ୍ତ ଆଇନ୍ ଅନୁଯାୟୀ ଦୈନନ୍ଦିନ ମନ୍ଦିର ପରିଚାଳନା କରିବା ସଙ୍ଗେ ସଙ୍ଗେ ସମ୍ପାଦକ (Secretary) ମନ୍ଦିର କାର୍ଯ୍ୟାବଳୀର ମୁଖ୍ୟ ନିର୍ବାହୀ ଅଧିକାରୀ (Chief Executive Officer) ଭାବେ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶ ଦିଆଗଲା । ଶ୍ରୀମନ୍ଦିରର ସମସ୍ତ ନଥିପତ୍ର (Records) ସ୍ଥାବର ଅସ୍ଥାବର ସମ୍ପତ୍ତି ଓ ମନ୍ଦିରରେ ଦିଆଯାଉଥିବା ଦାନର ଉପଯୁକ୍ତ ସଂଗ୍ରହ ପ୍ରଶାସକଙ୍କର ମୁଖ୍ୟ ଦାୟିତ୍ୱ । ଏତଦ୍‌ଭିନ୍ନ କର୍ମଚାରୀ ନିଯୁକ୍ତି, ବଣ୍ଟକିଆ ଲିଜ୍, ଟେଣ୍ଡର ଡାକିବା ଓ ଗ୍ରହଣ କରିବା, ଜରୁରୀ ମରାମତି ପାଇଁ ଆଦେଶ ଦେବା, ସେବକଙ୍କର ସ୍ୱତ୍ୱାସ୍ୱତ୍ୱ ଓ ପ୍ରାପ୍ୟ ସମ୍ବନ୍ଧୀୟ ବିବାଦ ବିଚାର କରିବା, ଶ୍ରୀଜିଉଙ୍କର ବିଶେଷ ଅଳଙ୍କାର ଇତ୍ୟାଦିର ଦାୟିତ୍ୱ ପାଇଁ ସେବକ ସ୍ଥିର କରିବା, ନୀତି ପରିଚାଳନା ପାଇଁ ନିର୍ଦ୍ଧାରିତ ସେବକ ଅଭାବରେ ବିକଳ୍ପ ବ୍ୟବସ୍ଥା କରିବା ଇତ୍ୟାଦି କ୍ଷମତା ପ୍ରଶାସକଙ୍କର ରହିଲା ।

ଏହାର ବୈଧତା ଓ ସାମ୍ବିଧାନିକତା ସମ୍ବନ୍ଧରେ ତତ୍କାଳୀନ ରାଜା ରାମଚନ୍ଦ୍ର ଦେବ ଓ ତାଙ୍କର ମୃତ୍ୟୁପରେ ରାଜା ବୀରକିଶୋର ଦେବ ଓଡ଼ିଶା ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ମକଦ୍ଦମା କରିବାରୁ ଉକ୍ତ ଆଇନ୍ କାର୍ଯ୍ୟକାରୀ ହେବା ପାଇଁ ଦୀର୍ଘ ପ୍ରାୟ ୫ ବର୍ଷ ଲାଗିଲା । ରାଜାଙ୍କର ଯୁକ୍ତି ହେଲା ଯେ, ଶ୍ରୀଜଗନ୍ନାଥ ମନ୍ଦିର ତାଙ୍କର ବ୍ୟକ୍ତିଗତ ସମ୍ପତ୍ତି । ଓଡ଼ିଶା ସରକାର ୧୯୫୫ ଆଇନ୍ ବଳରେ ତାଙ୍କୁ କୌଣସି କ୍ଷତି ପୂରଣ ନ ଦେଇ ତାଙ୍କ ଅଧିକାରକୁ ଉଚ୍ଛେଦ କରିବା ଫଳରେ ଭାରତୀୟ ସମ୍ବିଧାନର ୧୯ ଓ ୩୧ ଧାରାର ଉଲ୍ଲଙ୍ଘନ କରୁଅଛନ୍ତି । ତାଙ୍କର ଦ୍ୱିତୀୟ ଯୁକ୍ତି ହେଲା ଯେ, ସମସ୍ତ ହିନ୍ଦୁ ମନ୍ଦିର ଓ ଦେବୋତ୍ତର ସମ୍ପତ୍ତି ପରିଚାଳନା ପାଇଁ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନ୍ ୧୯୫୨ (The Orissa Hindu Religions Endoments Act, 1952. Act II of 1952) ଭଳି ଏକ ସାଧାରଣ ଆଇନ୍ ଥିବା ସ୍ଥଳେ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ଏକ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବା ଫଳରେ ଶ୍ରୀମନ୍ଦିରକୁ ଅନ୍ୟାନ୍ୟ ମନ୍ଦିରଠାରୁ ଅଲଗା କରି ବିଚାର କରାଯାଉଛି । ଏହାଦ୍ୱାରା ସମ୍ବିଧାନର ୧୪ ଧାରା ଅନୁଯାୟୀ ପାତରଅନ୍ତର ନୀତି ବା (discrimination) କରାଯାଉଛି ବୋଲି ଯୁକ୍ତି ଉପସ୍ଥାପିତ କରାଗଲା ।

ଏ ଭଳି ଦାବୀର ବିରୋଧ କରି ରାଜ୍ୟ ସରକାରଙ୍କ ତରଫରୁ ଦର୍ଶାଗଲା ଯେ, ଶ୍ରୀଜଗନ୍ନାଥ ମନ୍ଦିର ରାଜାଙ୍କର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ଏବଂ ଏହା ଏକ ସର୍ବସାଧାରଣ ମନ୍ଦିର । ଏହି ମନ୍ଦିରର ସୁପରିଚାଳନା ସର୍ବଦା ରାଜ୍ୟ ସରକାର ବା ରାଷ୍ଟ୍ରମୁଖ୍ୟଙ୍କ ଦାୟିତ୍ୱ ଥିଲା । ୧୮୦୩ ମସିହାରେ ବ୍ରିଟିଶ୍ ସରକାର ଆସିବା ପୂର୍ବରୁ ମୁସଲମାନ ଓ ମରହଟ୍ଟା ଶାସକମାନେ ହିନ୍ଦୁ ଅଧିକାରୀ (Officer)ଙ୍କ ଦ୍ୱାରା ଏହି ମନ୍ଦିର ପରିଚାଳନା କରୁଥିଲେ । ୧୮୦୯ ମସିହାର ରେଗୁଲେସନ୍ ୪ ଅନୁଯାୟୀ ବ୍ରିଟିଶ୍ ସରକାର ପୁରୀ ରାଜାଙ୍କର ମନ୍ଦିର ସହିତ ବଂଶାନୁକ୍ରମିକ ସମ୍ପର୍କ ଦୃଷ୍ଟିରୁ ତାଙ୍କୁ ସୁପରିନ୍‌ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ଦେଇଥିଲେ । ଏଭଳି ନିଯୁକ୍ତି ସତ୍ତ୍ୱେ ମଧ୍ୟ ବିଗତ ଦେଢ଼ଶହ ବର୍ଷ ଧରି ମନ୍ଦିରରେ କୌଣସି ବିଶୃଙ୍ଖଳା ଓ ପରିଚାଳନାରେ ତ୍ରୁଟି ଦେଖା ଦେଲେ ସରକାର ହସ୍ତକ୍ଷେପ କରୁଥିଲେ । ଏତଦ୍ ବ୍ୟତୀତ ଜଣେ ସରକାରୀ ଅଫିସର ବହୁଦିନ ପର୍ଯ୍ୟନ୍ତ ମନ୍ଦିରର ପରିଚାଳନା ଦାୟିତ୍ୱରେ ଥିଲେ । ରାଜା ମନ୍ଦିର ପରିଚାଳନା ସମ୍ପର୍କୀୟ ସମସ୍ତ କ୍ଷମତା ଉକ୍ତ ଅଫିସରଙ୍କୁ ହସ୍ତାନ୍ତର କରିଥିବାର ପ୍ରମାଣ ମଧ୍ୟ ରହିଛି । ପୁନଶ୍ଚ ରାଜ୍ୟ ସରକାର ୧୯୫୨ ଶ୍ରୀମନ୍ଦିର ପ୍ରଶାସନ ଆଇନ୍ ଅନୁଯାୟୀ ରାଜାଙ୍କ ସମେତ ଶ୍ରୀମନ୍ଦିର ସହିତ ସମ୍ପୃକ୍ତ ସମସ୍ତଙ୍କର ସ୍ୱତ୍ୱ ଓ ଦାୟିତ୍ୱ ନିର୍ଦ୍ଧାରିତ କରିଥିବାରୁ ୧୯୫୫ ଆଇନ୍‌ରେ କୌଣସି ସାମ୍ବିଧାନିକ ତ୍ରୁଟି ନାହିଁ ବୋଲି ଦୃଢ଼ ଯୁକ୍ତି ଦର୍ଶାଗଲା ।

ଦ୍ବିତୀୟ ପ୍ରଶ୍ନ ଅର୍ଥାତ୍ ଶ୍ରୀଜଗନ୍ନାଥ ମନ୍ଦିରକୁ ଏକୁଟିଆ ଭାବେ ସ୍ବତନ୍ତ୍ର ବିଚାର ପରିସର ଭୁକ୍ତ କରି ସେଥିପାଇଁ ଏକ ବିଶେଷ ଆଇନ୍ ପ୍ରଣୟନ କରିବା ଫଳରେ ଯେଉଁ ପାତରଅନ୍ତର କରାଯାଉଛି ସେ ସମ୍ପର୍କରେ ରାଜ୍ୟ ସରକାର ପ୍ରତିପାଦନ କଲେ ଯେ କେବଳ ଓଡ଼ିଶାରେ ବାହିକି ସର୍ବଭାରତୀୟ ସ୍ତରରେ ମଧ୍ୟ ଶ୍ରୀଜଗନ୍ନାଥ ମନ୍ଦିର ଅଦ୍ବିତୀୟ (Unique)। ଏହି ମନ୍ଦିରର ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଓଡ଼ିଶାର ଅନ୍ୟ କୌଣସି ମନ୍ଦିରର ନାହିଁ ଏବଂ ସମଗ୍ର ଭାରତର ବିଭିନ୍ନ ସ୍ଥାନରୁ ଏ ମନ୍ଦିରକୁ ଯେତେ ଯାତ୍ରୀ ଆସନ୍ତି ଓଡ଼ିଶାର ଅନ୍ୟ କୌଣସି ମନ୍ଦିରକୁ ସେତେ ଆସନ୍ତି ନାହିଁ। ସର୍ବଭାରତୀୟ ସ୍ବରୂପ ଓ ପ୍ରତିଷ୍ଠା, ବିଭିନ୍ନ ବିଚିତ୍ର ନୀତି ସେବା ପୂଜା ସମସ୍ତ ଧର୍ମମତର ପ୍ରତିଫଳନ ଏବଂ ଭାରତର କୋଟି କୋଟି ଲୋକଙ୍କର ଧର୍ମ ଧାରଣା )Religious susceptiblity and sentiment) ସହ ସମ୍ପର୍କ ଦୃଷ୍ଟିରୁ ଶ୍ରୀଜଗନ୍ନାଥ ମନ୍ଦିରର ଏକ ନିର୍ଦ୍ଦିଷ୍ଟ ସ୍ବତନ୍ତ୍ର ରହିଥିବାରୁ ଏଥି ପାଇଁ ଏକ ସ୍ବତନ୍ତ୍ର ଆଇନ୍ ପ୍ରଣୟନ ହେବାର ଆବଶ୍ୟକତା ରହିଛି।

ଉଭୟ ପକ୍ଷର ଯୁକ୍ତି, ଆଇନ୍‌ର ବ୍ୟାପକ ବ୍ୟାଖ୍ୟା ଓ ବିଶ୍ଳେଷଣ କରି ଓଡ଼ିଶାର ଉଚ୍ଚତମ ନ୍ୟାୟାଳୟ ତାଙ୍କର ଗୁରୁତ୍ବ ପୂର୍ଣ୍ଣ ରାୟରେ (ତା ୩୦-୪-୧୯୬୫ ମସିହାରେ OJS No. 321 of 1955) ବାଦୀ ଅର୍ଥାତ ରାଜାଙ୍କର ଦାବୀ ଅଗ୍ରାହ୍ୟ କରିଥିଲେ ଯେ ପ୍ରଥମତଃ ସେ ମନ୍ଦିରର ଆଦ୍ୟ ସେବକ ବା ମୁଖ୍ୟ ସେବକ। ତେଣୁ ସେହି ସେବା ସହିତ ସମ୍ପୃକ୍ତ ତାଙ୍କର କେତେକ ଅଧିକାର ଓ ପ୍ରାପ୍ୟ ରହିଛି। ଦ୍ବିତୀୟତଃ ତାଙ୍କର ସୁପରିନ୍‌ଟେଣ୍ଡେଣ୍ଟ ଭାବରେ ବଂଶାନୁକ୍ରମିକ ମନ୍ଦିର ପରିଚାଳନା ଦାୟିତ୍ବ ରହିଛି। ଆଲୋଚିତ ଆଇନ୍‌ରେ ରାଜାଙ୍କର ସମସ୍ତ ସ୍ବତ୍ବ ଓ ଅଧିକାରର ସୁରକ୍ଷା ପାଇଁ ଯଥେଷ୍ଟ ବ୍ୟବସ୍ଥା ଥିବାରୁ ଆଦ୍ୟ ସେବକ ଭାବରେ ତାଙ୍କର କୌଣସି ପରମ୍ପରାରେ ହସ୍ତକ୍ଷେପ କରାଯାଇନାହିଁ। ଦ୍ବିତୀୟ ଭୂମିକା ସମ୍ପର୍କରେ ତାଙ୍କର ବଂଶାନୁକ୍ରମିକ ଅଧ୍ୟକ୍ଷତାରେ କମିଟି ପରିଚାଳିତ ହେବାର ବ୍ୟବସ୍ଥା ଆଇନ୍‌ରେ ଥିବାରୁ ସେ ଅଧିକାର ମଧ୍ୟ ସମ୍ପୂର୍ଣ୍ଣ କ୍ଷୁଣ୍ଣ ହୋଇନାହିଁ। ବରଂ ପରିଚାଳନା ପ୍ରକ୍ରିୟାରେ ଏକ ନୂତନ ବିନ୍ୟାସ କରାଯାଇଛି। କେବଳ ଆଇନ୍‌ର ୨୮(୨) (ଏଫ୍) ଧାରା ବ୍ୟତୀତ ଅନ୍ୟ ସମସ୍ତ ଧାରାଗୁଡ଼ିକ ସମ୍ପୂର୍ଣ୍ଣ ସାମ୍ବିଧାନିକ ବୋଲି ମାନ୍ୟବର ଓଡ଼ିଶା ହାଇକୋର୍ଟ ମତ ପ୍ରକାଶ କଲେ।

ଉଚ୍ଚତମ ନ୍ୟାୟାଳୟ ବିଚାର ଓ ଆଦେଶ ବିରୁଦ୍ଧରେ ରାଜା ବୀରକିଶୋର ଦେବ ଭାରତର ସର୍ବୋଚ୍ଚ (Supreme Court) ନ୍ୟାୟାଳୟରେ ଅପିଲ କଲେ। (Civil Appeal No. 135 of 1962)। ୧୯୬୨ ମସିହାରେ ରାଜ୍ୟ ସରକାର ତା ୧୭-୧୦-୧୯୬୦ରେ ମନ୍ଦିର ପରିଚାଳନା ଦାୟିତ୍ବ ନେବାପରେ ମାନ୍ୟବର ସର୍ବୋଚ୍ଚନ୍ୟାୟାଳୟ ଏକ ରହିତାଦେଶ ଦେବା ଫଳରେ ପୁଣି ରାଜାଙ୍କୁ ଦାୟିତ୍ବ ହସ୍ତାନ୍ତର କଲେ। ପ୍ରାୟ ମାସକ ପରେ ଅବଶ୍ୟ ଏହି ରହିତାଦେଶ ପ୍ରତ୍ୟାହାର କରାଗଲା। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ମାନ୍ୟବର ଶ୍ରୀଯୁକ୍ତ ଗଜେନ୍ଦ୍ର ଗଡ଼କର ସମେତ ୩ ଜଣ ମାନ୍ୟବର ବିଚାରପତିଙ୍କ ଦ୍ବାରା ଗଠିତ ଏକ ଡିଭିଜନ ବେଞ୍ଚରେ ଏହି ମକଦ୍ଦମା ବିଚାର କରାଯାଇ ତା ୬-୩ ୧୯୬୪ ଦିନ ଏକ ଐତିହାସିକ ରାୟ ଘୋଷଣା କରାଗଲା ଯେ ଶ୍ରୀଜଗନ୍ନାଥ ମନ୍ଦିର "ଅଦ୍ବିତୀୟ" ଓ ନିଜେହିଁ ଏକ "ସ୍ବତନ୍ତ୍ର ଶ୍ରେଣୀ" (a class by itself) ଏବଂ ଅନ୍ୟ କୌଣସି ମନ୍ଦିର ସହ ଏହା ତୁଳନୀୟ ନୁହେଁ (No other temple can be regarded as comparable with it) ତେଣୁ ଶ୍ରୀମନ୍ଦିର ପାଇଁ ଏକ ସ୍ବତନ୍ତ୍ର ବିଚାର ଓ ବିଶେଷ ଆଇନ୍ ପ୍ରଣୟନର ଆବଶ୍ୟକତା ରହିଛି। ଶ୍ରୀମନ୍ଦିର ପାଇଁ ସ୍ବତନ୍ତ୍ର ବିଚାର ଓ ବିଶେଷ ଆଇନ୍ ପ୍ରଣୟନ ଉପରେ ମନ୍ତବ୍ୟ କରି ମାନ୍ୟବର ବିଚାରପତିଗଣ ତାଙ୍କ ରାୟରେ କହିଲେ:-

"That the temple occupies a uniquie position in the state of Orissa and is a temple of National importance and no other temple of that State can be compared with it. It stands in a class by itself and considering the fact that it attracts pilgrims from all over India in large numbers, it must be a subject of special consideration by the State Government."

ଅର୍ଥାତ୍ ଏହି ମନ୍ଦିର ଓଡ଼ିଶା ଦେଶରେ ଅଦ୍ବିତୀୟ ସ୍ଥାନ ଅଧିକାର କରେ ଏବଂ ଏହାର ଜାତୀୟ ପ୍ରାଧାନ୍ୟ ରହିଛି। ଅନ୍ୟ କୌଣସି ମନ୍ଦିର ଓଡ଼ିଶାର ଏହା ସହ ତୁଳନୀୟ ନୁହେଁ। ଏହା ନିଜେ ହିଁ ଏକ ସ୍ବତନ୍ତ୍ର ଶ୍ରେଣୀ। ସମଗ୍ର ଭାରତରୁ ବହୁ ସଂଖ୍ୟକ ଯାତ୍ରୀଙ୍କୁ ଏହା ଆକୃଷ୍ଟ କରୁଥିବାରୁ ଏହାକୁ ସ୍ବତନ୍ତ୍ର ଭାବେ ରାଜ୍ୟ ସରକାର ନିଶ୍ଚିତ ବିଚାର କରିବେ।

ଓଡ଼ିଶା ହାଇକୋର୍ଟର ବିଚାର ଓ ରାୟକୁ ସମର୍ଥନ କରି ରାଜାଙ୍କର ଅପିଲ, ସୁପ୍ରିମ କୋର୍ଟ ଖାରଜ କଲେ। ଭାରତର ଉଚ୍ଚତମ ନ୍ୟାୟାଳୟରେ ଶ୍ରୀଜଗନ୍ନାଥ ମନ୍ଦିରର ଜାତୀୟ ପ୍ରାଧାନ୍ୟ ଓ ବୈଶିଷ୍ଟ୍ୟ ଦୃଢ଼ଭାବେ ପ୍ରତିପାଦିତ ଓ ଉଦ୍‌ଘୋଷିତ ହେବା ପରେ ରାଜ୍ୟ ସରକାର ଉପରୋକ୍ତ ଆଲୋଚିତ ଆଇନ୍ ବଳରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କରୁଛନ୍ତି।

---

ସର୍ବୋଦୟ ନଗର,
ପୁରୀ।

# ଓଡ଼ିଶା ପୋଲିସ୍‌ରେ ନାରୀର ଭୂମିକା

● ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର

ନାରୀ ହେଉଛି ଶକ୍ତି ଏବଂ ରକ୍ଷାକର୍ତ୍ତ୍ରୀ । ସମାଜ ଓ ସଂସ୍କୃତିକୁ କାଳେ କାଳେ ରକ୍ଷା କରି ଆସିଛି ନାରୀ । ଯେତେବେଳେ ପୃଥିବୀ ବିପନ୍ନ ହୋଇଛି ସେତେବେଳେ ଦୁର୍ଗତ ନାଶନ ପାଇଁ ନାରୀର ସାହାଯ୍ୟ ଲୋଡ଼ା ହୋଇଛି । ନାରୀ ଯେ ପୁରୁଷଠାରୁ ନ୍ୟୁନ ନୁହେଁ ଏବଂ ଅବଳା କଦାପି ଦୁର୍ବଳା ନୁହେଁ ଏହା ହିଁ ତାର ପ୍ରମାଣ ।

ଅବଶ୍ୟ କେବେ କେଉଁ କବି କହିଥିଲେ "ଅବଳା — ଦୁର୍ବଳା" । ସେ କବି ହୁଏତ ପୁରୁଷ କବି, ନିଜର ଶକ୍ତି କଳିଥିବେ । ନାରୀର ଶକ୍ତି କଳିବାର ଶକ୍ତି ତାଙ୍କର ନଥିଲା । ଏ କବିତା ବିଜ୍ଞାନଭିତ୍ତିକ ନୁହେଁ । ବିଜ୍ଞାନ କହୁଛି ଶକ୍ତିରେ ନାରୀ ପୁରୁଷଠୁ ଊଣା ନୁହେଁ । ଇତିହାସକୁ ଗତେଇ ଆଣିଲେ ଆଜି ପର୍ଯ୍ୟନ୍ତ ନାରୀ ସେ ସବୁକୁ ପ୍ରମାଣ କରିଛି । ପ୍ରତି କ୍ଷେତ୍ରରେ ଆଜି ନାରୀ ପୁରୁଷ ସହ ସମାନ ଭାବରେ ସାମାଜିକ ଦାୟିତ୍ୱ ତୁଲାଇ ପାରୁଛି । ଶିକ୍ଷୟିତ୍ରୀ, ସେବିକା, ଟେଲିଫୋନ୍ ଅପରେଟର୍ କିମ୍ବା ଅଫିସ୍‌ରେ କିରାଣୀ କାମ ନାରୀ ପାଇଁ ଏକମାତ୍ର ପ୍ରବେଶ ଦ୍ୱାର ଥିଲା କିନ୍ତୁ ଆଜିର ନାରୀ ଉଡ଼ାଜାହାଜ ଚଳାଇବାଠାରୁ ଆରମ୍ଭ କରି ଯୁଦ୍ଧ କ୍ଷେତ୍ରରେ ଲଢ଼ିବା ପର୍ଯ୍ୟନ୍ତ ସବୁ କାମରେ ନିଜର ଦକ୍ଷତା ପ୍ରତିପାଦିତ କରିଛି । ଏପରି କୌଣସି କ୍ଷେତ୍ର ନାହିଁ ଯେଉଁଥିରେ ନାରୀ ନିଜକୁ ଅସମର୍ଥ ପ୍ରମାଣିତ କରିଛି ।

ଆସନ୍ତୁ ଦେଖିବା, ତାହାର ଜ୍ୱଳନ୍ତ ପ୍ରମାଣ ଓଡ଼ିଶା ପୋଲିସ୍ ସଂସ୍ଥା । ସେଥିରେ ମଧ୍ୟ ଦକ୍ଷତା ପ୍ରଦର୍ଶନ କରିଛନ୍ତି ନାରୀ ପୋଲିସ୍ ଏବଂ ଗୃହରକ୍ଷୀ । ସେମାନେ ପରିଚୟ ଦେଇଛନ୍ତି ନିଜର ଶକ୍ତି ଏବଂ ସାହସିକତାର । ସର୍ବ ଭାରତୀୟ ସ୍ତରରେ ମଧ୍ୟ ନାରୀମାନଙ୍କର ସଫଳ ଭୂମିକା ସମସ୍ତଙ୍କୁ ଜଣା । ଉଦାହରଣ ସ୍ୱରୂପ ଜଣେ ନାରୀ I. P. S. ଅଫିସର ଶ୍ରୀମତୀ କିରଣ ବେଦୀ । ଗତ ଏସୀୟ ଖେଳ କୁଦ ପ୍ରତିଯୋଗିତା ଦିଲ୍ଲୀଠାରେ ଅନୁଷ୍ଠିତ ହେଲାବେଳେ ତାଙ୍କର କାର୍ଯ୍ୟାବଳୀ ଏବଂ ସାହସିକତା ସମଗ୍ର ଭାରତବାସୀଙ୍କୁ ବିସ୍ମିତ କରିଥିଲା । ଆଜି ମଧ୍ୟ ନିଶାଦ୍ରବ୍ୟ ଏବଂ ଅନ୍ୟାନ୍ୟ ଦେଶଦ୍ରୋହୀ ଷଡ଼ଯନ୍ତ୍ରର ଉଚିତ ମୁକାବିଲା କରି ପ୍ରମାଣିତ କରିଛନ୍ତି ଯେ ନାରୀ ଗୃହରେ ମା' ଓ ଭଗିନୀ ହୋଇପାରେ କିନ୍ତୁ କର୍ତ୍ତବ୍ୟରେ ସେ ପୁରୁଷଠାରୁ ଆହୁରି ଶକ୍ତିଶାଳୀ ହୋଇପାରିବ । ସେହିପରି ଓଡ଼ିଶାରେ ମଧ୍ୟ ନାରୀ ପୋଲିସ୍ ନିଜର କର୍ତ୍ତବ୍ୟ ନିଷ୍ଠା ଏବଂ ସାହସିକତାର ପରିଚୟ ଦେଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଆମ ପ୍ରଦେଶରେ ଜଣେ ନାରୀ ଆଇ: ପି: ଏସ୍: ଅଫିସର, ଜଣେ ଡି: ଏସ୍: ପି:, ୬ ଜଣ ଇନିସପେକ୍ଟର୍, ୨୯ ଜଣ ସବ୍ ଇନିସ୍‌ପେକ୍ଟର୍, ୨୪ ଜଣ ଏ: ଏସ୍: ଆଇ:, ୧୬୭ ଜଣ କନେଷ୍ଟବଲ ଏବଂ ୮୭୬ ଜଣ ଗୃହରକ୍ଷୀ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଛନ୍ତି । ସେଥିମଧ୍ୟରୁ କେତେଗୁଡ଼ିଏ ଉଦାହରଣ ନିମ୍ନରେ ଦିଆଗଲା :

(୧) ଗତ କିଛି ଦିନ ତଳେ କୌଣସି ସୂତ୍ରରୁ ଖବର ପାଇ କ୍ରାଇମ୍ ବ୍ରାଞ୍ଚର ମହିଳା ପୁଲିସ୍ ଜାଲି ନୋଟ୍ କାରବାର ଧରିଥିଲେ ଏବଂ ସମ୍ପୃକ୍ତ ଆସାମୀମାନଙ୍କୁ କ୍ରାଇମ୍ ବ୍ରାଞ୍ଚର ମହିଳା ପୁଲିସ୍ ଗିରଫ୍ କରିଥିଲେ ।

(୨) କେତେକ ଚଳଚ୍ଚିତ୍ର ପ୍ରେକ୍ଷାଳୟର ମାଲିକ ପ୍ରେକ୍ଷାଳୟରେ ଚାଲୁଥିବା ହିନ୍ଦୀ ଓ ଇଂରାଜୀ ଚଳଚ୍ଚିତ୍ରରେ ଅଶ୍ଳୀଳ ଚଳଚ୍ଚିତ୍ର ସଂଯୋଗ କରି ପ୍ରଦର୍ଶନ କରୁଥିଲେ । ସେଗୁଡ଼ିକୁ କ୍ରାଇମ୍ ବ୍ରାଞ୍ଚର ମହିଳା ପୋଲିସ୍‌ମାନେ ଖାନ୍‌ତଲାସ୍ କରି ସେମାନଙ୍କ ନାମରେ ମକଦ୍ଦମା ରୁଜୁ କରିଥିଲେ ।

(୩) କଟକ, ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ସହରରେ ମହିଳା ପୋଲିସ୍‌ମାନେ ବିଭିନ୍ନ ହୋଟେଲ୍‌ରେ ଅଶ୍ଳୀଳ ଆଚରଣ କରି ଅଶ୍ଳୀଳ କାର୍ଯ୍ୟରେ ଲିପ୍ତ ଥିବା ଅନେକ ଅସାମାଜିକ ପୁରୁଷ ଓ ମହିଳାଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରିଛନ୍ତି ଏବଂ ସେମାନଙ୍କ ନାମରେ ମକଦ୍ଦମା ରୁଜୁ କରିଛନ୍ତି ।

(୪) ନିକଟରେ କ୍ରାଇମ୍ ବ୍ରାଞ୍ଚ ଏବଂ ପୁରୀର ନାରୀ ପୋଲିସ୍‌ମାନେ ଏକ ବିପଦପୂର୍ଣ୍ଣ ସ୍ଥାନରୁ ବ୍ରାଉନ୍ ସୁଗର କାରବାର କରୁଥିବା ଏକ ଦଳକୁ ଗିରଫ୍ କରିଛନ୍ତି । ଯଦିଓ ଏହି କାର୍ଯ୍ୟଗୁଡ଼ିକ ଅନେକ ବିପଦପୂର୍ଣ୍ଣ ତଥାପି ଆମର ନାରୀ ପୋଲିସ୍ ଏବଂ ଗୃହରକ୍ଷୀମାନେ ଅସୀମ ସାହସିକତାର ପରିଚୟ ଦେଇ ପ୍ରଶଂସାର ପାତ୍ର ହୋଇଛନ୍ତି ।

ଏହାଛଡ଼ା ଅନେକ ପୋଲିସ୍ ଷ୍ଟେସନ୍‌ମାନଙ୍କରେ ନାରୀ ପୋଲିସ୍ ଇନିସ୍‌ପେକ୍ଟର୍‌ମାନଙ୍କୁ ବିଭିନ୍ନ ସମୟରେ ନ୍ୟସ୍ତ କରାଯାଇଥିବା ଦାୟିତ୍ୱ ସେମାନେ ଅତି ଦକ୍ଷତାର ସହିତ ସମ୍ପାଦନ କରି ପାରିଛନ୍ତି ।

ମହିଳା ପୋଲିସ୍ ଓ ପୁରୁଷ ପୋଲିସ୍‌ଙ୍କର କାର୍ଯ୍ୟ ସମାନ ଏବଂ ସେମାନଙ୍କର ତାଲିମ ମଧ୍ୟ ଏକ ପ୍ରକାର । ମୁଖ୍ୟତଃ ସେମାନଙ୍କୁ ମହିଳା ଅପରାଧୀଙ୍କୁ ଆୟତ୍ତ କରିବା ପାଇଁ ଦାୟିତ୍ୱ ଦିଆଯାଇଥାଏ । କିନ୍ତୁ ତାର ଅର୍ଥ ନୁହେଁ ଯେ ସେମାନେ ପୁରୁଷ ଅପରାଧୀମାନଙ୍କର ମୁକାବିଲା କରିପାରନ୍ତି ନାହିଁ । ସେମାନେ ଯେ କୌଣସି ପୁରୁଷ ପୋଲିସ୍ ପରି ଖୁବ୍ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରୁଛନ୍ତି ଏବଂ କୁଖ୍ୟାତ ପୁରୁଷ ଅପରାଧୀମାନଙ୍କର ମୁକାବିଲା ମଧ୍ୟ କରୁଛନ୍ତି ।

ମହିଳା ଗୃହରକ୍ଷୀମାନେ ମଧ୍ୟ ପୁରୁଷ ଗୃହରକ୍ଷୀ ପରି ସମାନ ତାଲିମ ପାଆନ୍ତି ଏବଂ ସମାନ ଦାୟିତ୍ୱ ମଧ୍ୟ ତୁଲାନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ସେମାନେ ନାରୀ ପୋଲିସ୍‌କୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପର୍ବ ପର୍ବାଣିରେ ଟ୍ରାଫିକ୍ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ରକ୍ଷା ଇତ୍ୟାଦି ଅତ୍ୟନ୍ତ କଷ୍ଟସାଧ୍ୟ କାର୍ଯ୍ୟମାନ କରିଥାନ୍ତି । ସେଥି ପାଇଁ ସେମାନଙ୍କୁ ଦୈନିକ ଭତ୍ତା ମିଳିଥାଏ । ସେମାନେ ନାରୀ ପୋଲିସ୍ ପରି ବନ୍ଧୁକ ଚାଳନା ଏବଂ ଲାଠି ଚାଳନାରେ ପାରଙ୍ଗମ । ଦରକାର ବେଳେ ସେ ସବୁକୁ ପ୍ରୟୋଗ କରି ସେମାନେ ଅପରାଧୀଙ୍କୁ ପୋଲିସ୍ ଜିମାରେ ଦେଇଥାନ୍ତି । ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ମଧ୍ୟ ସେମାନେ ରାତି ରାତି ଅନିଦ୍ରା ରହି ଅକ୍ଳାନ୍ତ ପରିଶ୍ରମ କରି ଦୁର୍ଗତ ଜନତାର ସେବା କରିଥାନ୍ତି ।

ଆଜିକାଲି ଯୌତୁକ ଆମ ସମାଜର ଏକ ବ୍ୟାଧି ରୂପେ ଦେଖାଦେଇଛି । ମନୁଷ୍ୟ ମାନସିକ ସ୍ତରରେ ବ୍ୟାଧିଗ୍ରସ୍ତ ନହେଲେ ଯୌତୁକ ଭଳି ଏକ ଲଜ୍ଜାକର ନିନ୍ଦିତ ପ୍ରଥାକୁ ଜାବୁଡ଼ି ଧରି ନଥାନ୍ତା । ସଭ୍ୟ ସମାଜରେ ଏ ବ୍ୟାଧି ଦିନକୁ ଦିନ ବୃଦ୍ଧି ପାଉଛି । ଏ ବ୍ୟାଧିର ନିରାକରଣ ଦିଗରେ ଓଡ଼ିଶା ପୋଲିସ୍ ପକ୍ଷରୁ ମହିଳା ପୋଲିସ୍ ଓ ମହିଳା ଗୃହରକ୍ଷୀମାନଙ୍କ ଭୂମିକା ବିଶେଷ ପ୍ରଶଂସନୀୟ ।

ବର୍ତ୍ତମାନ ସମାଜରେ ଆଇନ ଶୃଙ୍ଖଳା ପରିସ୍ଥିତି ନାନା କାରଣରୁ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟରେ ସବୁବେଳେ ଉଣା ଅଧିକେ ଲାଗି ରହିଛି । ବିଶେଷ କରି ମହିଳାମାନେ ଗୃହର ପରିଧି ବାହାରେ ଅନେକ କାର୍ଯ୍ୟ କରୁଥିବାରୁ ବିପଦର ସମ୍ମୁଖୀନ ହେଉଛନ୍ତି । ଏ କ୍ଷେତ୍ରରେ ମହିଳା ପୋଲିସ୍ ଓ ଗୃହରକ୍ଷୀଙ୍କ ଦାୟିତ୍ୱ ବୃଦ୍ଧି ପାଉଛି । ସେମାନଙ୍କର କର୍ତ୍ତବ୍ୟ ପରାୟଣତା ଓ ଦକ୍ଷତା ସମାଜ ପାଇଁ ଅପରିହାର୍ଯ୍ୟ ହୋଇ ଉଠିଛି । ସୁଖର କଥା ଏବେ ଅଧିକରୁ ଅଧିକ ଶିକ୍ଷିତା ମହିଳା, ପୋଲିସ୍ ଓ ଗୃହରକ୍ଷୀ ସଂସ୍ଥାରେ ଯୋଗ ଦେଉଛନ୍ତି ଓ ନିଜର ଦକ୍ଷତା ପ୍ରମାଣିତ କରୁଛନ୍ତି ।

ଦିନ ଥିଲା, ଯେତେବେଳେ ନାରୀର ନିଜର ବୋଲି ସ୍ୱାଧୀନତା ନଥିଲା, କାମନା ନଥିଲା, ଆଶା ଆକାଂକ୍ଷା ନଥିଲା । ସବୁ କିଛି ପୁରୁଷର ଇଚ୍ଛା, କାମନା ଓ ଆଶା ଆକାଂକ୍ଷା ଉପରେ ନିର୍ଭର କରୁଥିଲା । କିନ୍ତୁ ଆଜି ଦୁନିଆର ରଥ ବହୁ ବଦଳି ଯାଇଛି । ସମାଜରେ ନାରୀ ନିଜକୁ ପ୍ରତିଷ୍ଠିତ କରିପାରିଛି । ସେମାନେ ପ୍ରମାଣିତ କରିଛନ୍ତି ସ୍ତ୍ରୀ ପୁରୁଷ ବିଭେଦ ନେଇ ସମାଜରେ ଯେତେ ନୀତି ନିୟମ ଗଢ଼ା ହୋଇଥିଲା, ପାପ ପୁଣ୍ୟର ବିଶ୍ୱରରେ ଯେଉଁ ବୈଷମ୍ୟ ସୃଷ୍ଟି ହୋଇଥିଲା ତା' ବିରୁଦ୍ଧରେ ସଂଗ୍ରାମ କରିବାକୁ ସେମାନେ ଆଜି ପ୍ରତିଜ୍ଞାବଦ୍ଧ । ଏହା ହିଁ ହେଉ ସେମାନଙ୍କର ପ୍ରାଣ, ଶକ୍ତି, ଆତ୍ମା ଏବଂ ଜାତି ପ୍ରତି, ସମାଜ ପ୍ରତି ସର୍ବଶେଷ ତଥା ସର୍ବଶ୍ରେଷ୍ଠ ସନ୍ଦେଶ ।

---

କ୍ରୀଡ଼ା, ମଞ୍ଚ ଓ ପ୍ରଚାର ଅଧିକାରୀ,
ଓଡ଼ିଶା ପୋଲିସ୍ ।



ରାଜା ସୁରପ୍ରତାପଙ୍କ ପୁଣ୍ୟକୀର୍ତ୍ତି କୁଞ୍ଜକାନ୍ତ ଜୀଉ ମନ୍ଦିର ।

# ନାରୀ ଶିକ୍ଷାର ପ୍ରଗତି ପଥରେ ତାଳଚେର

ନାରୀ ଓ ପୁରୁଷଙ୍କୁ ନେଇ ସଂସାର । ନାରୀ ଓ ପୁରୁଷଙ୍କୁ ନେଇ ସମାଜ । ଅତଏବ ସମାଜର ପ୍ରଗତି କଥା ଚିନ୍ତା କଲାବେଳେ ନାରୀ ଓ ପୁରୁଷ ଉଭୟଙ୍କ ପ୍ରଗତି ପ୍ରତି ଦୃଷ୍ଟି ଦେବାକୁ ହେବ । ଶଗଡ଼କୁ ଟାଣୁଥିବା ବଳଦ ଦୁଇଟି ଯଦି ଉଚ୍ଚତା, ସାମର୍ଥ୍ୟ ଇତ୍ୟାଦି ସବୁ କ୍ଷେତ୍ରରେ ସମାନ ନହୁଅନ୍ତି, ତେବେ ଶଗଡ଼ ଠିକ୍ ଭାବରେ ଆଗେଇ ପାରିବ ନାହିଁ । ସେହିଭଳି ସମାଜର ପ୍ରଗତିର ଚକକୁ ଆଗେଇନେବାକୁ ହେଲେ ନାରୀ ଓ ପୁରୁଷ ଉଭୟେ ସମାନ ତାଳ ଦେଇ ଚାଲିବା ଆବଶ୍ୟକ ।

ଦିନ ଥିଲା, ଲୋକେ କହୁଥିଲେ– "ଝିଅ ଜନମ ଚୁଲି ମୁହଁକୁ" । ଏହି ରକ୍ଷଣଶୀଳ ଚିନ୍ତାଧାରା ଯୋଗୁଁ ଶିକ୍ଷା କ୍ଷେତ୍ରରେ ପୁରୁଷ ଅପେକ୍ଷା ନାରୀ ବହୁ ପଛରେ ରହିଗଲା । ଫଳରେ ସମାଜ ମଧ୍ୟ ଆଶାନୁରୂପେ ଆଗେଇ ପାରିଲା ନାହିଁ । ନାରୀ ଶିକ୍ଷାର ଅଭାବହିଁ ପ୍ରଗତିର ମୁଖ୍ୟ ପ୍ରତିବନ୍ଧକ ବୋଲି ଅନୁଭବ କଲାପରେ ନାରୀ ଶିକ୍ଷାର ପ୍ରସାର ପାଇଁ ସମସ୍ତେ ତତ୍ପର ହୋଇ ଉଠିଲେ ।




ଏ କଥା ସତ୍ୟ ଯେ, ରୋମ୍ ନଗରୀ ଏକା ଦିନକେ ଗଢ଼ି ଉଠି ନଥିଲା । ସେହିଭଳି ନାରୀ ଜାଗରଣ, ନାରୀ ଶିକ୍ଷାର ପ୍ରସାର ମଧ୍ୟ ଏକା ଦିନକେ କଦାପି ସମ୍ଭବ ନୁହେଁ । ଏ କ୍ଷେତ୍ରରେ ଆମେ ଅନେକ ପରିମାଣରେ ସାଫଲ୍ୟ ଅର୍ଜନ କରିଥିଲେ ହେଁ ଅନେକ ଅଞ୍ଚଳ ଏ ପର୍ଯ୍ୟନ୍ତ ପଛରେ ପଡ଼ି ରହିଛି । ସୌଭାଗ୍ୟର କଥା, ଦୀର୍ଘ ଦିନ ଧରି ଅବହେଳିତ ହୋଇ ନାରୀଶିକ୍ଷା କ୍ଷେତ୍ରରେ ବହୁ ପଛରେ ପଡ଼ିରହିଥିବା ତାଳଚେର ଆଜି ଆଉ ଅଭିଶପ୍ତ ନୁହେଁ । ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟ ନାମରେ ଏକ ମହିଳା ମହାବିଦ୍ୟାଳୟ ବର୍ତ୍ତମାନ ପ୍ରତିଷ୍ଠିତ ହୋଇ ଅନ୍ୟାନ୍ୟ ସହରମାନଙ୍କ ଭଳି ତାଳଚେର ମଧ୍ୟ ନାରୀ ଶିକ୍ଷାର ପ୍ରଗତିର ପଥରେ ଆଗକୁ ମାଡ଼ି ଚାଲିଛି ।

ଘନ ଅନ୍ଧକାର ମଧ୍ୟରେ ଆଲୋକର ସୂତ୍ରପାତ କିପରି ହେଲା ଏବଂ ଏଥିର ମୂଳ ସୂତ୍ର କେଉଁଠି ? ଏହି ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାଭଳି କାର୍ଯ୍ୟକରି ଏହି ପ୍ରବନ୍ଧର ଲେଖିକା ଯେଉଁ ଅନୁଭୂତି ଅର୍ଜନ କରିଛି ସେହି ଜ୍ଞାନକୁ ଏ ପର୍ଯ୍ୟନ୍ତ ଅନ୍ଧକାରରେ ବୁଡ଼ି ରହିଥିବା ନାରୀ ସମାଜ ମଧ୍ୟରେ ବିତରଣ କରି ଆଲୋକର ସନ୍ଧାନ ଦେବାହିଁ ଏହି ପ୍ରବନ୍ଧର ମୂଳ ଲକ୍ଷ୍ୟ ।

ପ୍ରାଥମିକ ବିଦ୍ୟାଳୟ ସ୍ତରର ଶିକ୍ଷାଠାରୁ ଆରମ୍ଭ କରି ମହାବିଦ୍ୟାଳୟ ସ୍ତରର ଶିକ୍ଷା ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିଭିନ୍ନ ପର୍ଯ୍ୟାୟରେ ହୋଇଥାଏ । ତତ୍କାଳୀନ ରାଜା କିଶୋର ଚନ୍ଦ୍ର ହରିଚନ୍ଦନ ୧୯୦୮ ମସିହାରେ ତାଙ୍କ ସାନପୁଅ ପ୍ରମୋଦ ଚନ୍ଦ୍ରଙ୍କ ନାମାନୁସାରେ ପ୍ରମୋଦଚନ୍ଦ୍ର ପ୍ରାଥମିକ ବାଳିକା ବିଦ୍ୟାଳୟ ପ୍ରଥମେ ତାଳଚେରରେ ପ୍ରତିଷ୍ଠା କରିଥିଲେ । ପରବର୍ତ୍ତୀ ସମୟରେ ତାହାଆଦର୍ଶ ଉନ୍ନିତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପରିଣତ ହୋଇଛି । ବହୁ ବର୍ଷର ବ୍ୟବଧାନ ପରେ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ହାଇ ସ୍କୁଲ ପ୍ରତିଷ୍ଠା ହେଲା । ଏହି ହାଇସ୍କୁଲର ଛାତ୍ରୀମାନେ ୧୯୬୫ ମସିହାରେ ପ୍ରଥମ କରି ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେବାର ସୁଯୋଗ ପାଇଲେ ।

ମାଟ୍ରିକ ପରୀକ୍ଷା ଉତ୍ତୀର୍ଣ୍ଣ ହେବାପରେ ଉଚ୍ଚଶିକ୍ଷାପାଇଁ କେହି କେହି ଝିଅ କଟକରେ ରହି ଶୈଳବାଳା ମହିଳା ମହାବିଦ୍ୟାଳୟରେ ଶିକ୍ଷାଲାଭ କଲେ । କିନ୍ତୁ ବ୍ୟୟ ବହୁଳ ହଷ୍ଟେଲ ଖର୍ଚ୍ଚକୁ ବହନ କରି କେତେ ଜଣ ଛାତ୍ରୀ ବା ପାଠପଢ଼ାର ସୁଯୋଗ ପାଇ ପାରିବେ ? ଉଚ୍ଚଶିକ୍ଷା ଲାଭ କରିବା ଅଭିଳାଷ ରଖିଥିବା ଝିଅମାନଙ୍କ ଆଶା ସ୍ୱତଃ ମଉଳିବାରେ ଲାଗିଲା । ଝିଅକୁ ଉଚ୍ଚଶିକ୍ଷା ଦେବାର ଆଶା ରଖିଥିବା ଅଭିଭାବକମାନେ ମଧ୍ୟ ସମ୍ବଳ ଅଭାବରୁ ଝିଅଙ୍କ ପାଠପଢ଼ା ସେତିକିରେ ପୂର୍ଣ୍ଣଚ୍ଛେଦ ଟାଣିଲେ । କିନ୍ତୁ ମହିଳା କଲେଜ ପ୍ରତିଷ୍ଠା ପାଇଁ ଉଦ୍ୟମର ସୂତ୍ରପାତ ହେଲାନାହିଁ । ଅବଶ୍ୟ ତାଳଚେରର ସଚେତନ ନାଗରିକମାନଙ୍କ ଉଦ୍ୟମରେ ୧୯୬୮ ମସିହାରେ ତାଳଚେର ମହାବିଦ୍ୟାଳୟ ପ୍ରତିଷ୍ଠା ହେଲା । କିନ୍ତୁ ଏହା ଦ୍ୱାରା ଝିଅମାନେ ବିଶେଷ ଉପକୃତ ହୋଇପାରିଲେ ନାହିଁ । କାରଣ, ସ୍ୱତନ୍ତ୍ର ବାଳିକା ହାଇସ୍କୁଲରେ ଅଧ୍ୟୟନ କରି ଆସିବାପରେ କଲେଜରେ ପୁଅପିଲାଙ୍କ ସହ ମିଶି ଅଧ୍ୟୟନ କରିବାପାଇଁ ଝିଅମାନେ କୁଣ୍ଠାବୋଧ କରିବା ସ୍ୱାଭାବିକ । ଅଭିଭାବକମାନେ ମଧ୍ୟ ଆଗ୍ରହ ପ୍ରକାଶ କଲେ ନାହିଁ । ଦ୍ୱିତୀୟତଃ, ପ୍ରତିବର୍ଷ ଏହି ଅଞ୍ଚଳରୁ ମାଟ୍ରିକ ପାସ କରୁଥିବା ପ୍ରାୟ ଛଅଶହ ଛାତ୍ର ଛାତ୍ରୀଙ୍କ ପାଇଁ କେବଳ ଗୋଟିଏ ମହାବିଦ୍ୟାଳୟ କଦାପି ଯଥେଷ୍ଟ ନୁହେଁ । ଉଦ୍ଦିଷ୍ଟ ସ୍ଥାନ ସଂଖ୍ୟା ମୋଟ ୨୫୬ । ପୁଅ ପିଲାଙ୍କ ପ୍ରାଧାନ୍ୟ ଥିବା ଏହି ମହାବିଦ୍ୟାଳୟରେ କେତେ ଜଣ ଝିଅ ବା ପାଠ ପଢ଼ିପାରିବେ ? ମୋଟାମୋଟି ଭାବେ କହିବାକୁ ଗଲେ ତାଳଚେରର ଝିଅମାନେ ନିରୁପାୟ ହୋଇ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଲେ ।

ଜଣେ ଝିଅ ହିସାବରେ ଉଚ୍ଚଶିକ୍ଷା– ଲାଭରୁ ବଞ୍ଚିତ ହେଉଥିବା ଅନ୍ୟ ଝିଅମାନଙ୍କ ମନର ଦୁଃଖ ଜାଣିବା ଏହି ଲେଖିକା ପାଇଁ କିଛି ଅସୁବିଧା ନଥିଲା । କିନ୍ତୁ ସେତେବେଳେ ମୁଁ ଥିଲି କଲେଜର ଛାତ୍ରୀ । ତଥାପି ତାଳଚେରର ଝିଅମାନଙ୍କ ପାଇଁ ନିଶ୍ଚିତ ଭାବେ

ଛିଡ଼ି ଧାମ କରିବି ବୋଲି ସଂକଳ୍ପ ନେଲି । କିନ୍ତୁ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା କରିବା କିଛି ସହଜ କଥା ନୁହେଁ । ଏଥିପାଇଁ ଜନବଳ, ଧନବଳ, ସବୁକିଛି ଦରକାର । ଜନ ସହଯୋଗ ବିନା ଏହା କଦାପି ସମ୍ଭବ ନୁହେଁ । ଅତଏବ ସର୍ବପ୍ରଥମେ ଜନଜାଗରଣ ଆବଶ୍ୟକ ।

ଇଂରାଜୀରେ ଗୋଟିଏ ପ୍ରବାଦ ଅଛି—Hit the iron when it is hot, ଅର୍ଥାତ୍ ଲୁହା ଗରମ ଥିଲାବେଳେ ହିଁ ପାହାର ପକାଇବା ଆବଶ୍ୟକ । ଏହି ସୂତ୍ରକୁ ଅନୁସରଣ କରି ସେହି ସୁଯୋଗକୁ ଅପେକ୍ଷା କରି ରହିଲି ଏବଂ ଲୁହାକୁ ଗରମ କରିବା ପାଇଁ ଇନ୍ଧନ ଯୋଗାଇବାରେ ଗୁଣ୍ଡିଚି ମୂଷାଭଳି ଲାଗି ପଡ଼ିଲି ।

ଯାହାହେଉ ବିଳମ୍ବରେ ହେଲେ ବି ତାଳଚେରର ଭାଗ୍ୟୋଦୟ ହେବାର ସୂଚନା ମିଳିଲା । ସମାଜର ନେତୃସ୍ଥାନୀୟ ବ୍ୟକ୍ତି ଓ ବୁଦ୍ଧିଜୀବୀମାନେ ୧୦-୮-୮୮ ତାରିଖରେ ଏକ ବୈଠକରେ ମିଳିତ ହୋଇ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠାପାଇଁ ପ୍ରସ୍ତାବ ଗ୍ରହଣକଲେ ।

କାଗଜ କଲମରେ ନେଇଥିବା ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାପାଇଁ ପୁଣି ବିତିଗଲା ଏକବର୍ଷ । ୧-୩-୮୯ ତାରିଖରେ ମାତ୍ର ୧୪ଜଣ ଝିଅ କଲେଜରେ ନାମ ଲେଖାଇଲେ । ଢେଙ୍କୀ ମୁଣ୍ଡରେ ଠେଙ୍ଗା ଭଳି ଅନୁଷ୍ଠାନର ଗୁରୁ ଦାୟିତ୍ୱ ମୋ ଉପରେ ନ୍ୟସ୍ତ ହେଲା । ମହାବିଦ୍ୟାଳୟର ଅଧକ୍ଷା ଦାୟିତ୍ୱ ସାଙ୍ଗକୁ ଅନୁଷ୍ଠାନର ସମ୍ପାଦିକା ଦାୟିତ୍ୱ ମଧ୍ୟ ମୋତେ ହିଁ ବହନ କରିବାକୁ ପଡ଼ିଲା । ଉଭୟ ଦାୟିତ୍ୱ ଏ ପର୍ଯ୍ୟନ୍ତ ମୋତେ ହିଁ ସମ୍ପାଦନ କରିବାକୁ ପଡୁଛି । ବହୁ ଝଡ଼ଝଞ୍ଜା ଭିତର ଦେଇ ଗତି କରିବାକୁ ପଡ଼ିଲେ ମଧ୍ୟ ସାର୍ଥକତାର ଯେଉଁ ଆତ୍ମତୁଷ୍ଟି ମିଳେ, ତାହା ସବୁ କ୍ଲାନ୍ତିକୁ ଲାଘବ କରିଦିଏ ।

ଛାତ୍ରୀମାନଙ୍କ ଉପଯୁକ୍ତ ଶିକ୍ଷାଦାନ କିପରି ହେବ ଏବଂ ବହୁ ସଂଖ୍ୟାରେ ଛାତ୍ରୀ କିଭଳି କୃତୀତ୍ୱ ସହ ଉତ୍ତୀର୍ଣ୍ଣ ହେବେ, ଏ ସବୁ ଦାୟିତ୍ୱ ଅଧକ୍ଷ ଭାବେ ବୁଝିବାକୁ ହେଉଛି । ଅପର ପକ୍ଷରେ ମହାବିଦ୍ୟାଳୟଟି ଏକ ଶିଶୁ ଅନୁଷ୍ଠାନ ହୋଇଥିବାରୁ ଛାତ୍ରୀମାନେ କଲେଜରେ ନାମ ଲେଖାଇବାପାଇଁ ଆଗଭର ହେଲେ ନାହିଁ । ତେଣୁ କଲେଜର ଛାତ୍ରୀ ସଂଖ୍ୟା କିଭଳି ବୃଦ୍ଧି ହେବ, ଅଧ୍ୟାପିକା ମାନେ କେମିତି ନିଯୁକ୍ତି ପାଇବେ, କଲେଜର ପରିଚାଳନା ପାଇଁ ଆବଶ୍ୟକୀୟ ଟଙ୍କା କେଉଁଠୁ ଯୋଗାଡ଼ ହେବ, ଇତ୍ୟାଦି ସବୁ ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଦେଇ ଅସମ୍ଭବକୁ ସମ୍ଭବ କରିବା ଦାୟିତ୍ୱ ମଧ୍ୟ ସମ୍ପାଦିକା ହିସାବରେ ମୋରି ମୁଣ୍ଡ ଉପରେ ନ୍ୟସ୍ତ ।

ପ୍ରଥମ ପର୍ଯ୍ୟାୟରେ ଘରଘର, ସାହିସାହି ଏପରିକି ପାଖା ପାଖି ଗାଆଁକୁ ଗାଆଁ ବୁଲି ପଢ଼ା ଛାଡ଼ିଦେଇ ଘରେ ରହିଯାଇଥିବା ଝିଅମାନେ କିପରି କଲେଜରେ ନାମ ଲେଖାଇବେ, ସେଥିପାଇଁ ଝିଅମାନଙ୍କୁ ବୁଝାଇବାରେ ବହୁ ପରିଶ୍ରମ ହୋଇଛି । ଅଭିଭାବକମାନଙ୍କୁ ମଧ୍ୟ କିଛି କମ୍ ବୁଝାଇବାକୁ ପଡ଼ିନାହିଁ । ଅବଶ୍ୟ ଶ୍ରମ ସାର୍ଥକ ହୋଇ ସୁଫଳ ମିଳିଲା । କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକ ଝିଅ କଲେଜର ନାମ ଲେଖା ଫିସ୍ ଦାଖଲ କରିବାପାଇଁ ସମର୍ଥ ନଥିଲେ । ତେଣୁ ଅଧିକାଂଶ ଛାତ୍ରୀଙ୍କୁ ବିନା ଫିସ୍‌ରେ ନାମ ଲେଖାଇବାକୁ ବାଧ ହେଲୁ ।

ଠିକ୍ ସେହି ପନ୍ଥା ଅନୁସରଣ କରି ଅଧ୍ୟାପିକାମାନଙ୍କୁ ମଧ୍ୟ ସଂଗ୍ରହ କରିବାକୁ ପଡ଼ିଲା । ତାଳଚେରର ଯେଉଁ ଝିଅମାନେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ସୁଯୋଗ ଅଭାବରୁ ସେମାନଙ୍କ ପ୍ରତିଭାକୁ ଉପଯୋଗ କରିପାରୁ ନଥିଲେ, ସେମାନଙ୍କ ସହିତ କଥାବାର୍ତ୍ତା କରି ଅଧ୍ୟାପିକାଭାବେ ନିଯୁକ୍ତି ଦିଆଗଲା । ସ୍ଥାନୀୟ କିଶୋର କ୍ଲବର ଅନୁକମ୍ପାରୁ କ୍ଲବ ଗୃହରେ କଲେଜର ଶିକ୍ଷାଦାନ କାର୍ଯ୍ୟ ଆରମ୍ଭ ହେଲା । ଏ ସମସ୍ତ ସମସ୍ୟାର ସମାଧାନ ହେବା ପରେ ସବୁଠାରୁ ବଡ଼ ସମସ୍ୟା ଦେଖା ଦେଲା "ଅର୍ଥ ସଂକଟ" ।

-

ମହିଳା ମହାବିଦ୍ୟାଳୟ ପାଇଁ ଅର୍ଥ ସଂଗ୍ରହ ଅଭିଯାନ ଏକ ଜଟିଳ ସମସ୍ୟା । ଆମ ସମାଜରେ ଯେଉଁ କେତୋଟି ବିଷ ବୃକ୍ଷ ରହିଛି, ସେମାନେ ସାହାଯ୍ୟ କରିବା ତ ଦୂରର କଥା, ସାହାଯ୍ୟ ଦେଉଥିବା ଲୋକଙ୍କୁ ବିଭ୍ରାନ୍ତ କରି ଅମୃତ ହାଣ୍ଡିରେ ବିଷ ଟୋପାଏ ଢାଳିଦେଇ ଅମୃତ ହାଣ୍ଡିକୁ ନଷ୍ଟ କରିବାକୁ ମଧ୍ୟ ଦ୍ୱିଧା ବୋଧ କରନ୍ତି ନାହିଁ । ଏ ସବୁ ଘାତ-ପ୍ରତିଘାତ ସତ୍ତ୍ୱେ ଅନେକଙ୍କ ପାଖରୁ ସାହାଯ୍ୟ- ସହଯୋଗ ମିଳିଛି । ଅନୁଷ୍ଠାନ ସେମାନଙ୍କ ନିକଟରେ କୃତଜ୍ଞ ।

ଶିକ୍ଷା ସ୍ଥଳକ ପ୍ରମୋଦ ବେହେରା ଠାରୁ ଆରମ୍ଭ କରି ସାମ୍ବାଦିକ ପୂର୍ଣ୍ଣ ସାହୁ ପର୍ଯ୍ୟନ୍ତ ସମସ୍ତ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ଉପଦେଶକୁ ଆଶୀର୍ବାଦ ରୂପେ ଗ୍ରହଣ କରି କଲେଜର ଏଫିଲିଏସନ ପାଇଁ ପଚିଶ ହଜାର ଟଙ୍କା ଡିପୋଜିଟ୍ ହୋଇପାରିଛି । ଗୃହ ନିର୍ମାଣ ନିମନ୍ତେ ଏକ ଏକର ୫୫ ଡେସିମିଲ ଜମି ସରକାରଙ୍କ ପାଖରୁ ମିଳିଛି । ବ୍ଲକ୍ ତରଫରୁ ସତୁରୀ ହଜାର ଟଙ୍କା ସହାୟତା ମିଳିଛି । ରାଜସ୍ୱ ବିଭାଗର ଏକ ଗୋଦାମ ଘରେ ବର୍ତ୍ତମାନ ଶିକ୍ଷାନୁଷ୍ଠାନଟି କାର୍ଯ୍ୟ କରୁଥିବାରୁ ସ୍ଥାନାଭାବ ଯୋଗୁଁ ଗଛ ମୂଳେ ମଧ୍ୟ ଅଧ୍ୟାପନା କାର୍ଯ୍ୟ ଚାଲିଛି । ଏହି ଅଭାବକୁ ଆମେ ଅଭାବ ବୋଲି ନଭାବି ଏହାହିଁ ଗୋପବନ୍ଧୁଙ୍କ ସତ୍ୟବାଦୀ ବନ ବିଦ୍ୟାଳୟ ବୋଲି ବିଶ୍ୱାସକରି ଆତ୍ମତୃପ୍ତି ଅନୁଭବ କରୁଛୁ ।

ଛାତ୍ରୀମାନଙ୍କୁ ଯୁକ୍ତ ଦୁଇ କଳା ଶିକ୍ଷାଦାନ ସହିତ ଟେଲରିଂ, ଟାଇପ୍, ଷ୍ଟେନୋଗ୍ରାଫି, ଫୋଟୋଗ୍ରାଫି ଇତ୍ୟାଦି ବୃତ୍ତିଭିତ୍ତିକ ଶିକ୍ଷାଦାନ କରି ମହିଳା ମହାବିଦ୍ୟାଳୟ ଅତି ଅଳ୍ପଦିନ ଭିତରେ ଖୁବ୍ ସୁନାମ ଅର୍ଜନ କରି ଗୌରବର ଅଧିକାରୀ ହୋଇପାରିଛି । ଅନୁଷ୍ଠାନଟି ପୂର୍ଣ୍ଣାଙ୍ଗ ନ ହେଲେ ବି ପ୍ରଗତିର ପଥରେ ପହଞ୍ଚି ପାରିଛି । ଆମର ଶ୍ରମ ସାର୍ଥକ ହୋଇ ଦୀର୍ଘ ଦିନର ସ୍ୱପ୍ନ ଆଜି ସଫଳ ରୂପ ନେଇ ପାରିଛି, ଏଇଆ ହିଁ ଆମର ଗର୍ବ ଓ ଗୌରବ । ବାସ୍ତବରେ ଏହା କ'ଣ ମଣିଷ ତିଆରି କାରଖାନା ନୁହେଁ ?

ରାଜ୍ୟର ଅନେକ ଅଞ୍ଚଳ ଏ ପର୍ଯ୍ୟନ୍ତ ଅବହେଳିତ ହୋଇ ନାରୀ ଶିକ୍ଷା କ୍ଷେତ୍ରରେ ବହୁ ପଛରେ ପଡ଼ି ରହିଛି । ସେ ସବୁ ଅଞ୍ଚଳର ଶିକ୍ଷିତା ଝିଅ ଏବଂ ସମାଜର ଶୁଭ ଚିନ୍ତକମାନେ ତାଳଚେରକୁ ଅନୁକରଣ କରି ନିଜେ ଅଣ୍ଟାଭିଡ଼ି ଦୃଢ଼ ସଂକଳ୍ପ ନେବାକୁ ହେବ । ମନୋବଳ ଦୃଢ଼ରହିଲେ ଜନବଳ, ଧନବଳ ଆପେ ଆପେ ଆସିଯିବ ଏବଂ ସବୁ ଅସମ୍ଭବ ସମ୍ଭବ ହେବ ସେଥିରେ ସନ୍ଦେହ ନାହିଁ ।

ଶୋଭାଗିନି ଦାସ, ଅଧକ୍ଷା ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟ, ତାଳଚେର (ଢେଙ୍କାନାଳ) ।




ଭୁବନେଶ୍ୱରଠାରେ ଆୟୋଜିତ କେଦାରନାଥ ମହାପାତ୍ରଙ୍କ ଅଶୀତମ ଜୟନ୍ତୀ ଉତ୍ସବରେ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଉଦ୍‌ବୋଧନ ଦେଉଛନ୍ତି (୨୮/୧୦) ।

# କ୍ରୀଡ଼ା ଓ ସଂସ୍କୃତି ବିଭାଗକୁ ଅଧିକ ଦକ୍ଷ ଓ କାର୍ଯ୍ୟକ୍ଷମ କରିବା ନିମନ୍ତେ ମନ୍ତ୍ରୀଙ୍କ ପରାମର୍ଶ

ସଚିବାଳୟରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କ୍ରୀଡ଼ା, ସଂସ୍କୃତି ଓ ଯୁବ କଲ୍ୟାଣ ବିଭାଗ ଅଣ-ଆନୁଷ୍ଠାନିକ ପରାମର୍ଶଦାତା କମିଟି ବୈଠକରେ ଏହି ବିଭାଗକୁ ଅଧିକ ଦକ୍ଷ ଓ କାର୍ଯ୍ୟକ୍ଷମ କରାଯିବା ନେଇ ଉପସ୍ଥିତ ସଭ୍ୟମାନେ ପରାମର୍ଶ ଦେଇଥିଲେ ।

କ୍ରୀଡ଼ା ଓ ଯୁବ କାର୍ଯ୍ୟକ୍ରମଗୁଡ଼ିକୁ ବ୍ୟାପକ କରାଯାଇ ଯୁବ କ୍ରୀଡ଼ା ପ୍ରତିଭାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଗ୍ରାମ୍ୟ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରାଯିବା ଉଚିତ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ସେହିଭଳି ସାହିତ୍ୟ, ସଂସ୍କୃତି, କଳା, ନୃତ୍ୟ, ନାଟକ, ସଙ୍ଗୀତ, ପୁରାତନ ପୁସ୍ତକ ଓ କୀର୍ତ୍ତିରାଜିର ସୁରକ୍ଷା, ଓଡ଼ିଶାର ବରପୁତ୍ରମାନଙ୍କ ଜୟନ୍ତି ପାଳନ ଓ ପ୍ରତିରକ୍ଷା, ଗ୍ରାମ୍ୟ କଳା ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ଉତ୍ସାହ ପ୍ରଦାନ ଇତ୍ୟାଦି ବ୍ୟାପକ କରିବା ପାଇଁ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା ।




ଏହି ବୈଠକରେ ଆଲୋଚନା ବେଳେ ପ୍ରକାଶ ପାଇଥିଲା ଯେ ରାଜ୍ୟର ସମସ୍ତ ଜିଲ୍ଲାରେ ଖେଳପଡ଼ିଆ ନିର୍ମାଣ କରାଯାଉଛି । ତନ୍ମଧ୍ୟରେ କେନ୍ଦ୍ର ସରକାରଙ୍କ କ୍ରୀଡ଼ା (ଏସ୍: ପି: ଡି: ଏ:) କାର୍ଯ୍ୟକ୍ରମ ଅନୁଯାୟୀ ଢେଙ୍କାନାଳ ଓ ଫୁଲବାଣୀଠାରେ ନିର୍ମାଣ ହେବାକୁ ଯାଉଥିବା ଦୁଇଟି ଷ୍ଟାଡ଼ିୟମ୍ ଅନ୍ତର୍ଭୁକ୍ତ । ଏହା ବ୍ୟତିତ ଉପଖଣ୍ଡ ସ୍ତରରେ ଗୋଟିଏ ଖେଳପଡ଼ିଆର ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ହେବାକୁ ଯାଉଛି । ପୁନଶ୍ଚ ବ୍ଲକସ୍ତରୀୟ ଶିକ୍ଷାନୁଷ୍ଠାନର ଖେଳପଡ଼ିଆ ସମେତ ଅନ୍ୟାନ୍ୟ ଖେଳପଡ଼ିଆର ଉନ୍ନତି ବିଧାନ ନିମନ୍ତେ ଏକ ଲକ୍ଷ ଟଙ୍କା ଯାଏ ସରକାରୀ ଅନୁଦାନ ଦିଆଯାଇ ଗ୍ରାମ୍ୟ ଖେଳାଳୀଙ୍କ ପାଇଁ ସୁବିଧା ସୁଯୋଗ ସୃଷ୍ଟି କରାଯାଇଛି । ବର୍ତ୍ତମାନ ସୁଦ୍ଧା ସମଗ୍ର ରାଜ୍ୟରେ ଏଭଳି ୨୧୭ଟି ଖେଳପଡ଼ିଆର ଉନ୍ନତି ପାଇଁ ଅର୍ଥ ମଞ୍ଜୁର କରାଗଲାଣି । ସେହିଭଳି 'ଇନ୍-ଡୋର' ଖେଳଗୁଡ଼ିକର ସୁବିଧା ନିମନ୍ତେ ରାଜ୍ୟ ରାଜଧାନୀରେ ଗୋଟିଏ ଓ ନଅଟି ଜିଲ୍ଲାରେ ନଅଟି 'ଜିମ୍‌ନାସିୟମ ତଥା ଇନ୍-ଡୋର୍ ହଲ୍' ରାଜ୍ୟ ସରକାର ନିର୍ମାଣ କରିଛନ୍ତି । ଖେଳର ମାନ ଉନ୍ନତି ଓ ଛାତ୍ର ଛାତ୍ରୀଙ୍କ କ୍ରୀଡ଼ା ପ୍ରତିଭାକୁ ଉନ୍ନତ କରାଯାଇ ଏକ ଧାରାରେ ପକାଇବା ପାଇଁ ୧୯୮୫ ଠାରୁ ଧାରାବାହିକ ଭାବେ ବିଭିନ୍ନ ଖେଳର 'କୋଚିଂ' ବ୍ୟବସ୍ଥା ସହ ରାଜ୍ୟରେ 'ହୋଷ୍ଟେଲ ମଡେଲ' ସ୍ଥାପନର ପରିକଳ୍ପନା କରି, ବର୍ତ୍ତମାନ କଟକ, ପାନପୋଷ, ଭୁବନେଶ୍ୱର, ସମ୍ବଲପୁର, ପୁରୀ, ବ୍ରହ୍ମପୁର, ଭବାନୀପାଟଣା, ବାରିପଦା ଓ ବାଲେଶ୍ୱର ପ୍ରଭୃତି ସ୍ଥାନ ଏଭଳି ହଷ୍ଟେଲ୍ ସ୍ଥାପନ କରାଇଲେଣି । ଏହି ସମସ୍ତ ସୁବିଧା ସାଙ୍ଗକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଆମ ରାଜ୍ୟର ଖେଳାଳୀମାନଙ୍କୁ ଭାଗ ନେବା ଲାଗି ମଧ୍ୟ ସୁଯୋଗ ଦିଆଯାଉଛି ଏବଂ ଆମ ଖେଳାଳୀମାନେ ମଧ୍ୟ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ହାସଲ କଲେଣି । ଗତ ଜାନୁଆରୀ ମାସରେ ଆମ ରାଜ୍ୟର ୩୦ ଜଣ ଖେଳାଳୀ ହରିଆଣାର କର୍ଣ୍ଣାଲଠାରେ ଅନୁଷ୍ଠିତ ଗ୍ରାମ୍ୟ ଭଲି ଓ କବାଡ଼ି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ସେହିଭଳି ଭୋପାଳଠାରେ ଅନୁଷ୍ଠିତ 'ଆଥ୍‌ଲେଟିକ୍' ପ୍ରତିଯୋଗିତା ଓ ହାଇଦ୍ରାବାଦଠାରେ ଅନୁଷ୍ଠିତ ମହିଳା କ୍ରୀଡ଼ା ଉତ୍ସବରେ ଅଂଶ ଗ୍ରହଣ କରି ଆମ ରାଜ୍ୟର ଖେଳାଳୀମାନେ ସର୍ବଭାରତୀୟ ସ୍ତରରେ ଚତୁର୍ଥ ସ୍ଥାନରେ ରହିଥିଲେ । ସେହିଭଳି ଗତ ଫେବ୍ରୁଆରୀ ମାସରେ ଅନୁଷ୍ଠିତ ଷଷ୍ଠ ଜୁନିୟର୍ ଆନ୍ତଃରାଜ୍ୟ ଆଥେଲେଟିକ୍ ପ୍ରତିଯୋଗିତାରେ ୧୨ଟି ସ୍ୱର୍ଣ୍ଣ ପଦକ, ୮ଟି ରୌପ୍ୟ ପଦକ, ୮ଟି ବ୍ରୋଞ୍ଜ ପଦକ ହାସଲ କରି ଦଳଗତ 'ଚମ୍ପିୟାନ' ଆଖ୍ୟା ଅର୍ଜନ କରିଥିଲେ ଏବଂ ଗତ ମାର୍ଚ୍ଚ ମାସରେ ଗୁଜୁରାଟର ଗାନ୍ଧୀ ନଗରଠାରେ ସିନିୟର୍ ଆଥ୍‌ଲେଟିକ୍‌ରେ ସୁନାମ ଅର୍ଜନ କରିଛନ୍ତି ।

ଏହା ବ୍ୟତୀତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କୁମାରୀ ପ୍ରଣତି ମିଶ୍ର, ରଚିତା ପଣ୍ଡା, ଶ୍ରୀ ଲୋଚନ ବିନ୍ଦୁ ଦାସ, ମହମ୍ମଦ୍ ମସୁଦ୍ଦ ଜାମା, ଶ୍ରୀ ଦିଲ୍ଲିପ୍ କୁମାର ପରିଡ଼ା, ଶ୍ରୀ ଅଜୟ କୁମାର ସ୍ୱାଇଁ ପ୍ରମୁଖ କ୍ରୀଡ଼ାବିତ୍‌ମାନଙ୍କ କୃତିତ୍ୱ ଉଲ୍ଲେଖ ଯୋଗ୍ୟ । ଯୁବ କଲ୍ୟାଣ କାର୍ଯ୍ୟକ୍ରମ ମଧ୍ୟରେ ପର୍ବତାରୋହଣ, ବେଳାଭୂମି ପଦଯାତ୍ରା ଓ ସାଇକେଲ ଯାତ୍ରା ପ୍ରଭୃତି ଅନୁଷ୍ଠିତ କରାଯାଇଛି ।

କଳା ଓ ସଂସ୍କୃତି କ୍ଷେତ୍ରରେ ରାଜ୍ୟ ସଂଗ୍ରହାଳୟରେ ବର୍ତ୍ତମାନ ସୁଦ୍ଧା ୩୩,୮୯୦ଟି ପାଣ୍ଡୁଲିପି ସଂରକ୍ଷଣ କରାଯାଇଥିବା ବେଳେ ଅନ୍ୟାନ୍ୟ ବିଭିନ୍ନ ୧୭,୬୯୨ଟି ଦୁଷ୍ପ୍ରାପ୍ୟ ବସ୍ତୁ ସଂରକ୍ଷିତ କରାଯାଇ ପାରିଛି । ରାଜ୍ୟ ପୁରାତତ୍ତ୍ୱ ଶାଖା ଦ୍ୱାରା ୧୯୦ଟି ପୁରାତନ କୀର୍ତ୍ତିର ସୁରକ୍ଷା କରାଯାଇଥିବା ବେଳେ ୮୦ଟିର ସଂରକ୍ଷଣ ବ୍ୟବସ୍ଥା କରାଯାଇଛି ।ରାଜ୍ୟ ଆର୍କାଇଭ୍ ଦ୍ୱାରା ବର୍ତ୍ତମାନ ସୁଦ୍ଧା ସର୍ବମୋଟ ସ୍ତରିଲକ୍ଷ ୭୦ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ରେକର୍ଡ଼ ସଂରକ୍ଷିତ କରାଯାଇ ପାରିଛି ।.

ସରକାରଙ୍କ ଦ୍ୱାରା ସ୍ଥାପିତ ସାହିତ୍ୟ ଏକାଡ଼ମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଲଳିତ କଳା ଏକାଡେମୀ ଓ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ଦ୍ୱାରା ଯଥାକ୍ରମେ ଓଡ଼ିଆ ସାହିତ୍ୟର ଉନ୍ନତି, ସୂକ୍ଷ୍ମକଳାର ଉନ୍ନତି ଓ ପ୍ରଦର୍ଶନ, ଓଡ଼ିଶୀ ନୃତ୍ୟ, ଡ୍ରାମା ଓ ସଂସ୍କୃତିର ଉନ୍ନତି ବିଧାନ କରିବା ସଙ୍ଗେ ସଙ୍ଗେ ଆଦିବାସୀ ନୃତ୍ୟକଳା ଓ

ଲୋକନୃତ୍ୟ ପ୍ରଦର୍ଶନ ଦିଗରେ ପଦକ୍ଷେପ ଏବଂ ଓଡ଼ିଆ ଶିକ୍ଷାର ପ୍ରସାର ଦିଗରେ ପଦକ୍ଷେପମାନ ନିଆଯାଉଛି ।

ଏହି ବିଭାଗ ଦ୍ୱାରା ରାଜ୍ୟର ବିଭିନ୍ନ ରେଜିଷ୍ଟ୍ରିଭୁକ୍ତ କଳା ଓ ସଂସ୍କୃତି କେନ୍ଦ୍ରଗୁଡ଼ିକୁ ଆର୍ଥିକ ସହାୟତା ଦିଆଯାଇ ଉତ୍ସାହିତ କରାଯାଉଛି । ଏ ବାବଦରେ ଚଳିତ ଆର୍ଥିକ ବର୍ଷ ପାଇଁ ୨୭ ଲକ୍ଷ ଟଙ୍କାର ବଜେଟ୍ ବ୍ୟବସ୍ଥା ରହିଛି । ସେହିଭଳି ରାଜ୍ୟ ଫିଲ୍ମ ଆୱାର୍ଡ଼ ପାଇଁ ଏକ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳ ରଖାଯାଇଥିବା ବେଳେ ଦୁଃସ୍ଥ କଳାକାରମାନଙ୍କୁ ଭତ୍ତା ପ୍ରଦାନ ବାବଦକୁ ରାଜ୍ୟର ୩ ଲକ୍ଷ ଟଙ୍କା ଏବଂ କେନ୍ଦ୍ରର ୬ ଲକ୍ଷ ଟଙ୍କା ସମେତ ମୋଟ୍ ନଅ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ବର୍ତ୍ତମାନ ସୁଦ୍ଧା ଏହି ଯୋଜନା ଦ୍ୱାରା ୨୩୮ ଜଣ କଳାକାର ଉପକୃତ ହେଲେଣି । କୃତୀ କଳାକାର, ସାମ୍ବାଦିକ, ଲେଖକ ଓ ସଙ୍ଗୀତଜ୍ଞ ପ୍ରଭୃତିଙ୍କୁ ମାସିକ ପେନ୍‌ସନ୍ ୨୦୦ ଟଙ୍କାଠାରୁ ୫୦୦ ଟଙ୍କା ଯାଏ, ମୋଟ୍ ୬୫୯ ଜଣଙ୍କୁ ଦିଆଯାଇଛି । ଏହି ପେନ୍‌ସନ୍‌ର ହାର ସର୍ବନିମ୍ନ ୩୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ବିଚାର କରାଯାଉଥିବା ଜଣାଯାଏ ।

ଏହି ବିଭାଗ ଦ୍ୱାରା ରାଜ୍ୟ ସ୍ତରରେ ଗୋଟିଏ, ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ କରି ଏବଂ ସ୍ୱରିଗୋଟି ସବ୍‌ଡ଼ିଭିଜନ୍ ସ୍ତରୀୟ ଲାଇବ୍ରେରୀ ପ୍ରତିଷ୍ଠା କରାଗଲାଣି । ଏହା ବ୍ୟତୀତ ପୂର୍ବରୁ ସ୍ଥାପିତ ୬ ଗୋଟି ପୂର୍ବତନ ବୋର୍ଡ଼ ଲାଇବ୍ରେରୀ ଓ ଅନୁଗୁଳଠାରେ ଏକ ସମନ୍ୱିତ ଲାଇବ୍ରେରୀକୁ ଏହି ବିଭାଗ ପରିଚାଳନା କରି ପାଠକମାନଙ୍କ ସୁବିଧା ଯୋଗାଇ ଦେଉଛି । ଏହି ବିଭାଗ ଦ୍ୱାରା ରେଜିଷ୍ଟ୍ରିଭୁକ୍ତ ଗ୍ରାମ୍ୟ ଲାଇବ୍ରେରୀଗୁଡ଼ିକୁ ମଧ ବହି ଯୋଗାଇ ଦେଇ ଉତ୍ସାହିତ କରାଯାଉଛି ।

ଭୁବନେଶ୍ୱରଠାରେ ଏକ ଭାସ୍କର୍ଯ୍ୟ ପାର୍କ ସ୍ଥାପନ, ବିନ୍ଦୁସାଗରର ଉନ୍ନତି ବିଧାନ, ପାରମ୍ପରିକ ମୁଖଶାଳା ନିର୍ମାଣ ଓ ଲିଙ୍ଗରାଜ ପରିବେଶର ପୁନଃ ଉନ୍ନୟନ ଇତ୍ୟାଦି କାର୍ଯ୍ୟକ୍ରମକୁ ସରକାର ହାତକୁ ନେଇ ଚଳିତ ଆର୍ଥିକ ବର୍ଷ ପାଇଁ ୧୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରିଥିବା ଜଣାଯାଇଛି ।

ଏହା ବ୍ୟତୀତ ଭୁବନେଶ୍ୱରଠାରେ ଆଉ ଏକ ରଙ୍ଗମଞ୍ଚ ସ୍ଥାପନ, ପ୍ରତି ଜିଲ୍ଲାରେ ସାଂସ୍କୃତିକ କେନ୍ଦ୍ର ସ୍ଥାପନ ସମେତ କୋରାପୁଟ, ଫୁଲବାଣୀ ଓ କଳାହାଣ୍ଡି ପ୍ରଭୃତି ଜିଲ୍ଲାରେ ଗୋଟିଏ କରି ମିନି ରଙ୍ଗମଞ୍ଚ ପ୍ରତିଷ୍ଠା କାର୍ଯ୍ୟ ହାତକୁ ନିଆଯାଇ ବଜେଟ୍ ବ୍ୟବସ୍ଥା କରାଯାଇଛି । କଳାକାର ପାଣ୍ଠି ନିମନ୍ତେ ୧୯୯୧-୯୨ ପାଇଁ ୨ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା ରଖାଯାଇଛି ଏବଂ ଏହି ଟଙ୍କାର ସୁଧ ପଇସାକୁ ଆବଶ୍ୟକ ସମୟରେ କଳାକାରମାନଙ୍କ ମଙ୍ଗଳ ପାଇଁ ବିନିଯୋଗ କରାଯିବ ।

ଏହି ବିଭାଗ ଦ୍ୱାରା ଦକ୍ଷିଣ-ପୂର୍ବ ଏସୀୟ ରାଜ୍ୟମାନଙ୍କ ସହିତ ପୁରାତନ କଳିଙ୍ଗର ସାମୁଦ୍ରିକ ନୌ-ବାଣିଜ୍ୟ, ସଂସ୍କୃତି ଓ କଳା ଇତ୍ୟାଦି ସମନ୍ୱୟ ରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଲାଗି "ଓରିସନ୍ ଇନ୍‌ଷ୍ଟିଚ୍ୟୁଟ୍‌ସ ଅଫ ମେରିଟାଇମ୍‌ସ୍" ନାମକ ଏକ ଅନୁଷ୍ଠାନ ଗଠନ କରାଯାଇଛି ।

ଅନ୍ୟମାନଙ୍କ ମଧ୍ୟରେ ଲୋକସଭା ସଦସ୍ୟା ଶ୍ରୀମତୀ ମୀରା ଦାସ, ବିଧାୟକ ଶ୍ରୀ ରାମକୃଷ୍ଣ ଗୌଡ଼ ଓ ଶ୍ରୀ କିଶୋର ଚନ୍ଦ୍ର ମହାନ୍ତି, ସଂସ୍କୃତି ବିଭାଗ ଉପ ଶାସନ ସଚିବ ଶ୍ରୀ ଏ: ସି: ସାହୁ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଶ୍ରୀ ପି: କେ: ମିଶ୍ର, କ୍ରୀଡ଼ା ଓ ଯୁବ କଲ୍ୟାଣ ନିର୍ଦ୍ଦେଶକ ଶ୍ରୀ ବିମଳେନ୍ଦୁ ମହାନ୍ତିଙ୍କ ସମେତ ବିଭାଗୀୟ ପଦସ୍ଥ ଅଧିକାରୀମାନେ ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ମନ୍ତ୍ରୀ ଡଃ ପାଢ଼ଶାଣୀଙ୍କ ଭତ୍ତା ପ୍ରଦାନ

—ଡଃ ପାଢ଼ଶାଣୀ

ଗତ ଗୁରୁବାର ଦିନ ଖୋର୍ଦ୍ଧା ସବ୍‌ଡ଼ିଭିଜନ୍ ଅନ୍ତର୍ଗତ ନରଶଗଡ଼ଠାରେ ରାଜ୍ୟ ପେନ୍‌ସନ୍ ପ୍ରଶାସନ ଓ ସାଧାରଣ ଅଭିଯୋଗ ମନ୍ତ୍ରୀ ଡଃ ପ୍ରସନ୍ନ କୁମାର ପାଢ଼ଶାଣୀ ପ୍ରାୟ ଏକଶହରୁ ଊର୍ଦ୍ଧ୍ୱ ବୃଦ୍ଧ, ବୃଦ୍ଧା ଓ ଶାରୀରିକ ବିକଳାଙ୍ଗ ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ସାଇକେଲ ଓ ଶ୍ରବଣ ଯନ୍ତ୍ରମାନ ବଣ୍ଟନ କରିଛନ୍ତି । ଏହି କାର୍ଯ୍ୟକ୍ରମ କୁରୁମପଡ଼ା 'ମା' ଭୈରବୀ କ୍ଲବ୍'ର ଯୁବକମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଏଥିଲାଗି ଆୟୋଜିତ ଉତ୍ସବରେ ଖୋର୍ଦ୍ଧାର ସବ୍‌କଲେକ୍ଟର ଶ୍ରୀ ନାରାୟଣ ପ୍ରସାଦ ଦାସ ସଭାପତିତ୍ୱ କରିଥିଲେ ।

ବାର୍ଦ୍ଧକ୍ୟ ଭତ୍ତା ତଥା ଅନ୍ୟାନ୍ୟ ଭତ୍ତା ସମ୍ପର୍କରେ ସୂଚନା ଦେଇ ଡଃ ପାଢ଼ଶାଣୀ କହିଲେ ଯେ ପୂର୍ବ ସରକାର ଅମଳରେ ବାର୍ଦ୍ଧକ୍ୟ ଭତ୍ତା ଓ ବିଧବା ଭତ୍ତାର ପରିମାଣ ଯଥେଷ୍ଟ କମ୍ ଥିଲା ଏବଂ ବିଧବାମାନଙ୍କ ବୟସ ୬୫ ବର୍ଷରୁ କମ୍ ହେଲେ, ସେମାନେ ଏହି ଭତ୍ତା ପାଇବାରୁ ବଞ୍ଚିତ ହେଉଥିଲେ । ମାତ୍ର ବର୍ତ୍ତମାନର ସରକାର ଓ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟାନନ୍ଦ ପଟ୍ଟନାୟକଙ୍କ ଉଦ୍ୟମ ଫଳରେ ଏହି ଭତ୍ତାକୁ ବୃଦ୍ଧି କରାଯାଇ ବିଧବାମାନେ ୩୦ ବର୍ଷ ହୋଇଥିଲେ ମଧ ଏହି ଭତ୍ତା ପାଇପାରୁଛନ୍ତି ଏବଂ ବାର୍ଦ୍ଧକ୍ୟ ଭତ୍ତାକୁ ମଧ ବର୍ତ୍ତମାନର ସରକାର ଏକଶହ ଟଙ୍କାକୁ ବୃଦ୍ଧି କରିଛନ୍ତି ।

ଏହି ଉତ୍ସବରେ ବିଭିନ୍ନ ବକ୍ତାମାନେ ଡଃ ପାଢ଼ଶାଣୀଙ୍କ ଯୋଗୁଁ ବୀରମାଟି ଖୋର୍ଦ୍ଧା ଆଜି ତା'ର ପୂର୍ବ ଗୌରବକୁ ସାରା ପୃଥିବୀରେ ପ୍ରତିପାଦନ କରିପାରିଛି ବୋଲି କହିଥିଲେ । ଡଃ ପାଢ଼ଶାଣୀଙ୍କୁ ଏହି କ୍ଲବ ତରଫରୁ ଭାରତର ଶାନ୍ତିଦୂତ ପୁରସ୍କାର ପାଇଥିବାରୁ ଉଚ୍ଛସିତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ପୁରୀ ସହର ବିଦ୍ୟୁତ୍ ଯୋଗାଣ ଉନ୍ନତିକରଣ

ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ କାଳନ୍ଦୀ ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଗତ ସେପ୍ଟେମ୍ବର ୨୩ ତାରିଖ ଅପରାହ୍ନରେ

ସଚିବାଳୟଠାରେ ପୁରୀ ସହରରେ ବିଦ୍ୟୁତ୍ ଯୋଗାଣ ଉନ୍ନତିକରଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା ନିମନ୍ତେ ଏକ ଆଲୋଚନା ବୈଠକ ହୋଇଥିଲା । ପୁରୀ ସହରରେ ବିଦ୍ୟୁତ୍ ଯୋଗାଣ ଉନ୍ନତି କରଣ ନିମନ୍ତେ ୪ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

ସମୀକ୍ଷାରୁ ଜଣାଯାଇଛି ଯେ ପୁରୀ ସହରର ବଳିଆପଣ୍ଡାଠାରେ ୩୩ କେ.ଭି. ଶକ୍ତି ସମ୍ପନ୍ନ ସବ୍-ଷ୍ଟେସନ୍‌ର ଆଂଶିକ ନିର୍ମାଣ, ୬ଟି ବଣ୍ଟନ ସବ୍-ଷ୍ଟେସନ୍‌ର ନିର୍ମାଣ, ୨ଟି ୧୦୦ କେ: ଭି: ସବ୍-ଷ୍ଟେସନ୍‌କୁ ୨୦୦ କେ: ଭି:କୁ ବୃଦ୍ଧିକରଣ, ୧୧·୫୦ କିଲୋମିଟର ଦୂରତ୍ୱ ଏଲ୍: ଟି: ୩ ଫେଜ୍ ଲାଇନ୍ ନିର୍ମାଣ ଓ ୪·୪ କିଲୋମିଟର ଦୂରତ୍ୱ ୧୧ କେ: ଭି: ଲାଇନ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏ ବାବଦରେ ଏକ କୋଟି ଟଙ୍କା ବିନିଯୋଗ କରାଯାଇଛି । ଆଲୋଚନା ପରେ ଚଳିତ ଆର୍ଥିକ ବର୍ଷରେ ୩୩ କେ: ଭି: ଡି: ସି: ଲାଇନ୍ ନିର୍ମାଣ, ବଳିଆ ପଣ୍ଡା ଓ ଶ୍ରୀରାମ ନଗରଠାରେ ନୂତନ ସବ୍-ଷ୍ଟେସନ୍ ନିର୍ମାଣ ଓ କଟେରୀଠାରେ ୩୩/ ୧୧ ସବ୍-ଷ୍ଟେସନ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ । ଏଥିସହିତ ବର୍ତ୍ତମାନ କାର୍ଯ୍ୟ କରୁଥିବା ୧୧ କେ: ଭି: ଲାଇନ୍ ଓ ୬ଟି ସବ୍-ଷ୍ଟେସନ୍‌ର ଉନ୍ନତିକରଣ ଏବଂ ସବ୍-ଷ୍ଟେସନଗୁଡ଼ିକର ବୃଦ୍ଧିକରଣ କାର୍ଯ୍ୟ ମଧ୍ୟ ଚଳିତ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ୧୯୯୨ ଫେବ୍ରୁଆରୀ ମାସ ସୁଦ୍ଧା ଶ୍ରୀରାମନଗର ଓ ବଳିଆ ପଣ୍ଡାଠାରେ କଣ୍ଟ୍ରୋଲ୍ ରୁମ୍ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ । ଭୁବନେଶ୍ୱରଠାରୁ ପୁରୀକୁ ବିଦ୍ୟୁତ୍ ଯୋଗାଣର ବିକଳ୍ପ ବ୍ୟବସ୍ଥା ନିମନ୍ତେ ନିମାପଡ଼ାଠାରୁ ପୁରୀ ପର୍ଯ୍ୟନ୍ତ ୧୩୨ କେ: ଭି: ସଂଯୋଗ ଲାଇନ୍ ଟଣାଯିବା ପାଇଁ ସର୍ଭେକାମ ହାତକୁ ନିଆଯାଇଛି ।

ଏହି ବୈଠକରେ ଲୋକସଭା ସଦସ୍ୟ ଶ୍ରୀ ବ୍ରଜ କିଶୋର ତ୍ରିପାଠୀ, ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡର ଅଧ୍ୟକ୍ଷ ଶ୍ରୀ କେ: ସି: ମହାପାତ୍ର, ଟି: ଓ: ଡି ସଦସ୍ୟ ଶ୍ରୀ କେ: ପି: ରଥ, ମୁଖ୍ୟଯନ୍ତ୍ରୀ ଶ୍ରୀ ଆର୍: ଏନ୍: ବହିଦାର ଓ ଶ୍ରୀ ପି: ସି: ମିଶ୍ର, ଭୁବନେଶ୍ୱର ବିଦ୍ୟୁତ୍ ମଣ୍ଡଳର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଏଲ୍: ଏନ୍: ରାଉତରାୟ ଏବଂ ଶକ୍ତି ବିଭାଗ ଉପ-ଶାସନ ସଚିବ ଶ୍ରୀ ଡ଼ି: କେ: ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଧାର୍ଯ୍ୟମୂଲ୍ୟରେ କିରୋସିନି ବିକ୍ରୀ ପାଇଁ କିରୋସିନି ବ୍ୟବସାୟୀଙ୍କୁ ଯୋଗାଣ ମନ୍ତ୍ରୀଙ୍କ ତାଗିଦ୍

ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ମୂଲ୍ୟରେ ଜନସାଧାରଣ ଯେପରି କିରୋସିନି ତେଲ ସୁବିଧାରେ ପାଆନ୍ତି, ସେ ଦିଗରେ ରାଜ୍ୟର କିରୋସିନି "ହୋଲ୍ ସେଲରସ୍" ସଙ୍ଘର କର୍ମକର୍ତ୍ତାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ବିଷ୍ଣୁଭୂଷଣ ହରିଚନ୍ଦନ କହିଛନ୍ତି ।

ସ୍ଥାନୀୟ 'ସ୍ୱସ୍ତି' ହୋଟେଲଠାରେ ନିଖିଳ ଓଡ଼ିଶା "କିରୋସିନି ହୋଲ୍ ସେଲରସ୍" ଆସୋସିଏସନ୍ ପକ୍ଷରୁ ଆୟୋଜିତ ଆଲୋଚନା ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ହରିଚନ୍ଦନ କ୍ଷୋଭ ପ୍ରକାଶ କରି କହିଲେ ଯେ ଅନେକ ସମୟରେ କିରୋସିନି ତେଲ, ବିଶେଷ କରି ଗ୍ରାମାଞ୍ଚଳରେ ମିଳୁ ନଥିବା ଏବଂ ଲିଟର ପ୍ରତି ଧାର୍ଯ୍ୟ ମୂଲ୍ୟଠାରୁ ଅତ୍ୟଧିକ ଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ଏହା ଅତ୍ୟନ୍ତ ଉଦ୍‌ବେଗ ଜନକ ବୋଲି କହି, ସେଥିପ୍ରତି ସଙ୍ଘର ଗୁରୁ ଦାୟିତ୍ୱ ରହିଛି ବୋଲି ସେ ସ୍ମରଣ କରାଇ ଦେଇଥିଲେ । ସେ କହିଲେ ଯେ କିରୋସିନି ପରି ଏକ ଅତ୍ୟାବଶ୍ୟକୀୟ ସାମଗ୍ରୀର ସର୍ବସାଧାରଣ, ବିଶେଷ କରି ଗ୍ରାମାଞ୍ଚଳରେ ନିୟମିତ ଭାବରେ ଯୋଗାଣ ଓ ବଣ୍ଟନ ପ୍ରତି ସରକାର ସର୍ବାଧିକ ଧ୍ୟାନ ଦେଉଛନ୍ତି । ସରକାରୀ କଳ ସେଥିପାଇଁ ସଦା ତତ୍ପର, ତଥାପି ଏହାର ଫଳପ୍ରଦ କାର୍ଯ୍ୟକାରିତା ଦିଗରେ ହୋଲ୍‌ସେଲର୍, ସବ୍-ହୋଲ୍‌ସେଲର୍, ରିଟେଲର୍ ଓ ହକରମାନଙ୍କର ସମ୍ମିଳିତ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ । ସେ କହିଲେ ଯେ ବ୍ୟବସାୟରେ ଯେ କୌଣସି ଉପାୟରେ ଅଧିକ ଅର୍ଥ ଉପାର୍ଜନ କରିବା ଉଦ୍ଦେଶ୍ୟରେ ଥରେ ଯଦି ବ୍ୟବସାୟୀ ମନରେ ଅସାଧୁ ମନୋଭାବ ପ୍ରବେଶ କରେ, ତେବେ ସବୁ ପ୍ରକାର ବିଭ୍ରାଟ ସୃଷ୍ଟି ହୁଏ । ଏହା ବଡ଼ଠାରୁ ଛୋଟ ପର୍ଯ୍ୟନ୍ତ ସବୁ ସ୍ତରରେ କିରୋସିନି ବ୍ୟବସାୟୀଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ବୋଲି ସେ କହିଥିଲେ । ସବୁ ସ୍ତରରେ ଆଜି ଦୁର୍ନୀତି ପଶିଛି ବୋଲି କ୍ଷୋଭ ପ୍ରକାଶ କରି ସେ କହିଲେ ଯେ ଯେହେତୁ କିରୋସିନି ଗ୍ରାମାଞ୍ଚଳ ଲୋକମାନଙ୍କ ଦୈନିକ ଜୀବନର ଏକ ଅପରିହାର୍ଯ୍ୟ ସାମଗ୍ରୀ, ଏହାକୁ କାରବାର କରୁଥିବା ବଡ଼ଠାରୁ ଛୋଟପର୍ଯ୍ୟନ୍ତ ବ୍ୟବସାୟୀମାନେ ସତର୍କତା ଅବଲମ୍ବନ କରିବା ଉଚିତ । କିରୋସିନିରେ କୃତ୍ରିମ ଅଭାବ ସୃଷ୍ଟି କରି ଚୋରା କାରବାରରେ ଲିପ୍ତ ହେବା ପରି ହିନ କାର୍ଯ୍ୟ ଓ ମୂଲ୍ୟ ବୃଦ୍ଧି କରିବା ଆଦି ଅସାଧୁ ପନ୍ଥା ଅବଲମ୍ବନରୁ ନିବୃତ୍ତ ହେବା ପାଇଁ ସେ ବ୍ୟବସାୟୀମାନଙ୍କୁ ପରାମର୍ଶ ଦେଇଥିଲେ । ସଙ୍ଘ ପକ୍ଷରୁ ଦର୍ଶାଯାଇଥିବା ବିଭିନ୍ନ ଅଭାବ ଅସୁବିଧାଗୁଡ଼ିକୁ ପରୀକ୍ଷା ନିରୀକ୍ଷା କରାଯାଇ ଯଥାର୍ଥ ଦାବୀଗୁଡ଼ିକୁ ନିଶ୍ଚିତ ଭାବେ ପୂରଣ କରା ଯିବ ବୋଲି ଶ୍ରୀ ହରିଚନ୍ଦନ ପ୍ରତିଶ୍ରୁତି ଦେଇଥିଲେ ।

ସଙ୍ଘର ସଭାପତି ଶ୍ରୀ ରାମପାଲ ସାହା ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ପ୍ରାରମ୍ଭରେ ସମ୍ପାଦକ ଆଡ୍‌ଭୋକେଟ୍ ଶ୍ରୀ ପି: କେ: ପଟ୍ଟନାୟକ ସଙ୍ଘ ପକ୍ଷରୁ କିରୋସିନି ହୋଲ୍ ସେଲରମାନଙ୍କ ବିଭିନ୍ନ ଅଭାବ ଅସୁବିଧା ସମ୍ବଳିତ ଏକ ମାନପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ବର୍ତ୍ତମାନ କିରୋସିନି ହୋଲ୍‌ସେଲ୍‌ର ବ୍ୟବସାୟ ପାଇଁ ଦିଆଯାଉଥିବା ଅନ୍ୟାନ୍ୟ ପ୍ରୋତ୍ସାହନ ଅତ୍ୟନ୍ତ ନୈରାଶ୍ୟ ଜନକ ଓ ମିଳୁଥିବା ପାରିଶ୍ରମିକ ଅତି ନଗଣ୍ୟ ବୋଲି ଉକ୍ତ ମାନପତ୍ରରେ ଦର୍ଶା ଯାଇଛି । କିରୋସିନ୍ ହୋଲ୍ ସେଲ୍ ବ୍ୟବସାୟୀମାନଙ୍କ ପାଇଁ ଲିକେଜ୍, ବ୍ୟାରେଲ୍ ଡିପ୍ରିସିଏସନ୍ ଓ ହ୍ୟାଣ୍ଡଲିଂ ଖର୍ଚ୍ଚ ପାଇଁ ବହୁ ବର୍ଷ ପୂର୍ବେ

ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ଭତ୍ତା ଓ ହାର ଯଥେଷ୍ଟ ନିଅଣ୍ଟ ହେଉଥିବା ଉଲ୍ଲେଖ କରାଯାଇ ଏହି ହାରର ପୁନଃ ନିର୍ଦ୍ଧାରଣ ପାଇଁ ଦାବୀ କରାଯାଇଛି । ସେହିପରି କିରୋସିନି ପରିବହନ ପାଇଁ ଧାର୍ଯ୍ୟ ହାର ପର୍ଯ୍ୟାପ୍ତ ହେଉ ନଥିବା ଯୋଗୁଁ ବ୍ୟବସାୟୀମାନେ ଘୋର କ୍ଷତିର ସମ୍ମୁଖୀନ ହେଉଥିବା ଦର୍ଶାଯାଇ ରାସ୍ତାଘାଟର ସ୍ଥାନୀୟ ପରିସ୍ଥିତିକୁ ବିଚାରକୁ ନେଇ ଯଥାର୍ଥ ପରିବହନ ହାର ନିର୍ଦ୍ଧାରଣ କ୍ଷମତା ଜିଲ୍ଲାପାଳମାନଙ୍କୁ ଦେବା ପାଇଁ ଅନୁରୋଧ କରାଯାଇଛି । ସ୍ଥଳ ବିଶେଷରେ ଆବଶ୍ୟକତା ଅନୁଯାୟୀ ଏହି ହାରକୁ ବୃଦ୍ଧି କରିବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି ।

ରାଜ୍ୟର ସମସ୍ତ ଜିଲ୍ଲାରୁ କିରୋସିନି ହୋଲ୍‌ସେଲର୍‌ମାନେ ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ପେନ୍‌ସନ୍ ଅଦାଲତର ପଞ୍ଚଦଶ ବୈଠକ
## ୩୬ଟି ବକେୟା ପେନ୍‌ସନ୍ କେଶ୍ ଫଇସଲା

ରାଜ୍ୟ ସଚିବାଳୟଠାରେ ପେନ୍‌ସନ୍ ଅଦାଲତର ପଞ୍ଚଦଶ ବୈଠକ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ ବିଭାଗ ମନ୍ତ୍ରୀ ଡଃ ପ୍ରସନ୍ନ କୁମାର ପାଟଶାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପେନ୍‌ସନ୍ ପାଇବାରେ ଉପଭୋକ୍ତାମାନେ ଯେପରି କୌଣସି ଅସୁବିଧା ଭୋଗ ନକରନ୍ତି ଏବଂ ଅବସର ଗ୍ରହଣର ପରେ ପରେ ସେମାନଙ୍କ ପେନ୍‌ସନ୍ ସଂକ୍ରାନ୍ତୀୟ କାଗଜ ପତ୍ର ଯେତେ କମ୍ ସମୟ ମଧ୍ୟରେ ଦାଖଲ ହୋଇପାରିବ, ସେ ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ କର୍ମକର୍ତ୍ତାମାନେ ଅଧିକ ତତ୍ପରତାର ସହିତ ତ୍ୱରାନ୍ୱିତ ଭାବେ ପଦକ୍ଷେପ ଗ୍ରହଣ କରିବା ପାଇଁ ସେ ସମସ୍ତଙ୍କୁ କହିଥିଲେ । ଏ ସଂପର୍କରେ ଡଃ ପାଟଶାଣୀ ସମ୍ପୃକ୍ତ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇ କହିଲେ ଯେ ଏଣିକି ବାକୀ ଥିବା ପେନ୍‌ସନ୍ କେଶ୍‌ଗୁଡ଼ିକର ଆଶୁ ଫଇସଲା ନିମନ୍ତେ ପେନ୍‌ସନ୍ ଅଦାଲତ ବୈଠକରେ ସମ୍ପୃକ୍ତ କାଗଜପତ୍ର ବା ଫାଇଲ୍ ପେଶ୍ କରାଯାଇ ପେନ୍‌ସନ୍ କେଶ୍‌ଗୁଡ଼ିକର ଘଟଣା ସ୍ଥଳରେ ଫଇସଲା କରାଯିବ ।

ଏହି ବୈଠକରେ ବିଭିନ୍ନ ବିଭାଗର ୬୭ଟି ପେନ୍‌ସନ୍ କେଶ୍ ଉପସ୍ଥାପିତ କରାଯାଇଥିଲା । ସେଗୁଡ଼ିକ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶାଳୟର ୧୬ଟି ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ୪ଟି, କୃଷି ନିର୍ଦ୍ଦେଶାଳୟର ୧୨ଟି ରାଜସ୍ୱ ପର୍ଷଦର ୧୨ଟି ଓ ପୁଲିସ୍ ଡି: ଆଇ: ଜି: (ଅର୍ଥ) ୧୪ଟି ଏବଂ ପୂର୍ବରୁ ବାକୀ ଥିବା ୧୦ଟି କେଶ୍ ଅନ୍ତର୍ଭୁକ୍ତ । ଘଟଣା ସ୍ଥଳରେ ଏହି କେଶ୍‌ଗୁଡ଼ିକ ମଧ୍ୟରୁ ୩୬ଟି କେଶ୍‌ର ଫଇସଲା ହୋଇ ଯାଇଛି ।

ଏହି ଅଦାଲତ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରବି ନାରାୟଣ ଦାସ, ଓଡ଼ିଶାର ଏକାଉଣ୍ଟାଣ୍ଟ ଜେନେରାଲଙ୍କ ସମେତ ସମ୍ପୃକ୍ତ ବିଭାଗୀୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଯୁବକଲ୍ୟାଣ କାର୍ଯ୍ୟକ୍ରମ ନିମନ୍ତେ ୧୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ମଞ୍ଜୁର

ଆଜି ପୂର୍ବାହ୍ନରେ ରାଜ୍ୟ ସଚିବାଳୟଠାରେ ରାଜ୍ୟ ଯୁବ କଲ୍ୟାଣ ପରିଷଦର ବୈଠକ, ପରିଷଦର ଅଧ୍ୟକ୍ଷ-ତଥା ବିଭାଗୀୟ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଅଧ୍ୟକ୍ଷତାରେ ବସି ୧୯୯୦-୯୧ରେ ଯୁବକଲ୍ୟାଣ କାର୍ଯ୍ୟକ୍ରମ ନିମନ୍ତେ ମୋଟ ୧୬ ଲକ୍ଷ ୬୦ ହଜାର ଟଙ୍କାର ବ୍ୟୟ ଅଟକଳକୁ ମଞ୍ଜୁର କରିଛନ୍ତି । ତନ୍ମଧ୍ୟରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଯୁବନେତା ତାଲିମ ଶିବିର, ଯୁବ-ଉତ୍ସବ, ସେମିନାର୍, ସ୍ପୋଟସ୍-ରାଲି, ଏବଂ ପାଠାଗାର ପାଇଁ ବହି ଓ ସଙ୍ଗୀତ ଉପକରଣ ଇତ୍ୟାଦି କ୍ରୟ କରାଯିବା ପାଇଁ ୩ ଲକ୍ଷ ୯୦ ହଜାର ଟଙ୍କାର ଅନୁଦାନ ଅନ୍ତର୍ଭୁକ୍ତ । ଏତଦ୍ ବ୍ୟତୀତ କଲେଜ ଓ ହାଇସ୍କୁଲର ଛାତ୍ର ଛାତ୍ରୀଙ୍କ ମଧ୍ୟରେ 'ଷ୍ଟଡ଼ି-ଟୁର' ଅନୁଷ୍ଠିତ କରାଇବା ପାଇଁ ତିନି ଲକ୍ଷ ବିଶ୍ୱବିଦ୍ୟାଳୟ ଏବଂ କଲେଜ ଛାତ୍ର ଛାତ୍ରୀଙ୍କ ମଧ୍ୟରେ 'ହାଇକିଂ କ୍ୟାମ୍ପ', ପଦଯାତ୍ରୀ ଏବଂ ତାଲିମ୍ କାର୍ଯ୍ୟକ୍ରମ ପାଇଁ ଦୁଇ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ବେଳେ, ରାଜ୍ୟସ୍ତରୀୟ ଯୁବସେମିନାର୍, ଯୁବ-ଉତ୍ସବ, ସିଂପୋଜିୟମ, କନ୍‌ଫରେନ୍‌ସ୍, ଓ୍ୱାର୍କସପ୍ ଇତ୍ୟାଦି ଅନୁଷ୍ଠିତ କରାଇବା ପାଇଁ ଏକ ଲକ୍ଷ ଏବଂ ଯୁବକମାନଙ୍କୁ ଆସ୍ୱାର୍ଡ ଦିଆଯିବା ନେଇ ଏକ ଲକ୍ଷ ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଅଛି । ଏହି ସମସ୍ତ କାର୍ଯ୍ୟକ୍ରମ ପାଇଁ ଅର୍ଥର ପରିମାଣକୁ ବୃଦ୍ଧି କରାଯିବା ନେଇ ବୈଠକରେ ମତ ପ୍ରକାଶ ପାଇଥିଲା । ଯୁବକମାନଙ୍କ ଭ୍ରମଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇ, ରାଜ୍ୟର ତଥା ରାଜ୍ୟ ବାହାରର ବିଭିନ୍ନ ଦର୍ଶନୀୟ ସ୍ଥାନ ଦେଖାଇବାର ସୁଯୋଗ ସୃଷ୍ଟି ଉପରେ ସଭ୍ୟମାନେ ଗୁରୁତ୍ୱ ଆରୋପ କରିଥିଲେ ।

ଏହି ବୈଠକରେ ୧୯୮୯-୯୦ ଏବଂ ୧୯୯୦-୯୧ର ବାର୍ଷିକ ରିପୋର୍ଟ ଏବଂ ଗତ ୨୦-୯-୧୯୮୯ରେ ତତ୍‌କାଳୀନ ପରିଷଦ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା କାର୍ଯ୍ୟକ୍ରମଗୁଡ଼ିକୁ ଅନୁମୋଦନ କରାଯିବା ସଙ୍ଗେ ସଙ୍ଗେ ଯଥା ଶିଘ୍ର ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ଯୁବକଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତ କରାଯିବା ନେଇ ଉପସ୍ଥିତ ସଭ୍ୟମାନେ ଗୁରୁତ୍ୱ ଆରୋପ କରିଥିଲେ ।

ଏହି ବୈଠକରେ ବିଧାନସଭା ସଦସ୍ୟ ସର୍ବଶ୍ରୀ ବଳରାମ ମାଝି, ବେଣୁଧର ସେଠୀ, ହୃଷିକେଶ ନାୟକ ଓ ଅଶ୍ୱିନୀ ପାତ୍ରଙ୍କ ସମେତ ପରିଷଦର ସମ୍ପାଦକ-ତଥା କ୍ରୀଡ଼ା ଓ ଯୁବକଲ୍ୟାଣ ନିର୍ଦ୍ଦେଶକ ଡଃ : ବିମଳେନ୍ଦୁ ମହାନ୍ତି, ଏସ୍: ସି: ଇ: ଆର: ଟି: ର ନିର୍ଦ୍ଦେଶକ ଶ୍ରୀ ରଜତ୍ କୁମାର କର, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଭାଇସ୍-ଚାନସ୍‌ଲେର ଶ୍ରୀ ଜି: ସି: ନାୟକ, ଆଞ୍ଚଳିକ ଏନ୍: ଏସ୍: ଏସ୍: କେନ୍ଦ୍ରର ଯୁବ-ଅଧିକାରୀ ଶ୍ରୀ କେ: ଏମ୍: ଦୋରା, ଉତ୍କଳ ବିଶ୍ୱବିଦ୍ୟାଳୟର

ଏନ୍‌: ଏସ୍‌: ଏସ୍‌: କାର୍ଯ୍ୟକ୍ରମ ସଂଯୋଜକ ଡଃ : ଡି: ପି: ଦାସ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସଭ୍ୟବୃନ୍ଦ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ନୟାଗଡ଼ ଅଞ୍ଚଳ ଗସ୍ତ

ଗତ ୨୫ ତାରିଖରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା, ନୟାଗଡ଼ ସବ୍‌ଡିଭିଜନ୍‌ର ନୂଆଗାଁ ବ୍ଲକ୍ ଅନ୍ତର୍ଗତ ରାଇପୁର ଗ୍ରାମ ପରିଦର୍ଶନ କରି ରାସ୍ତାଘାଟ, ବନ୍ୟାଜନିତ କ୍ଷୟକ୍ଷତି, ଉଠାଜଳସେଚନ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ ଏବଂ ସମସ୍ୟାଗୁଡ଼ିକର ଆଶୁ ସମାଧାନ ନିମିତ୍ତ ନିର୍ଦ୍ଦେଶ ଦେଇଥିଲେ । ପରେ ମନ୍ତ୍ରୀ ସେହି ଗ୍ରାମରେ କୋଠାଘରର ଶିଳାନ୍ୟାସ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ ।

ଏତଦ୍‌ ବ୍ୟତୀତ ଦୁର୍ଦ୍ଦୁରା ଗ୍ରାମ ପରିଦର୍ଶନ କରି କଣ୍ଟ୍ରୋଲ ସାମଗ୍ରୀର ସୁସମ ବଣ୍ଟନ ପାଇଁ ନୟାଗଡ଼ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସନ୍ଧ୍ୟାରେ ନୟାଗଡ଼ଠାରେ ମିଳନୀ କ୍ଲବ ପକ୍ଷରୁ ଅଭିନୀତ ନାଟକ 'ଶେଷ ଅଶ୍ରୁ' ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଶ୍ରୀ ବେହେରା ଉଦ୍‌ବୋଧନ ଦେଇ ନାଟକ ଓ ଅଭିନୟ ଜରିଆରେ ସାମାଜିକ ସଂସ୍କାର ଆଣିବା ଯଥା :– ଯୌତୁକ ପ୍ରଥା ଉଚ୍ଛେଦ, ଶ୍ରେଣୀଗତ ସଦ୍‌ଭାବ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ନୟାଗଡ଼ରେ ଏକ ପ୍ରେକ୍ଷାଳୟ ସ୍ଥାପନ ନିମନ୍ତେ ସର୍ବସାଧାରଣ ମନ୍ତ୍ରୀଙ୍କଠାରେ ଦାବୀ ଜଣାଇଥିଲେ । ମନ୍ତ୍ରୀ ଏ ସମ୍ପର୍କରେ ଏନ୍‌: ଏ: ସି: ତରଫରୁ ବିହିତ ପଦକ୍ଷେପ ନେବାପାଇଁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବାବଦ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ଦେୟ ମଞ୍ଜୁର

ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ନଳକୂପ ଖନନ ଓ ତତ୍‌ସମ୍ବନ୍ଧୀୟ ଆନୁସଙ୍ଗୀକ କାର୍ଯ୍ୟ ସମ୍ପାଦନ କରିଥିବା ବହୁ କ୍ଷୁଦ୍ର ଶିଳ୍ପ ସଂସ୍ଥା ଓ ଘରୋଇ ରିଗ୍ କଣ୍ଟ୍ରାକ୍ଟରମାନଙ୍କର ଦୀର୍ଘ ଦିନରୁ ବକେୟା ଦେୟ ପାଉଣା ବାବଦକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ପ୍ରାୟ ୫ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ ।

ଏହି ଅର୍ଥ ଜିଲ୍ଲାର ସମ୍ପୃକ୍ତ ଜନସ୍ୱାସ୍ଥ୍ୟ ଡିଭିଜନଗୁଡ଼ିକୁ ପଠାଯାଇ ସେମାନଙ୍କ ଅଧୀନରେ କାର୍ଯ୍ୟ କରିଥିବା କ୍ଷୁଦ୍ର ଶିଳ୍ପ ସଂସ୍ଥା ଓ ଘରୋଇ ରିଗ୍ କଣ୍ଟ୍ରାକ୍ଟରମାନଙ୍କୁ ତୁରନ୍ତ ସେମାନଙ୍କ ପ୍ରାପ୍ୟ ଦିଆଯିବାକୁ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । କ୍ଷୁଦ୍ର ଶିଳ୍ପ ଓ ରାସ୍ତା ଘାଟର ସୁବିଧା ନଥିବା ଆଭ୍ୟନ୍ତରିଣ ଦୁର୍ଗମ ଅଞ୍ଚଳମାନଙ୍କରେ ବହୁ ଅସୁବିଧାର ସମ୍ମୁଖୀନ ହୋଇ କଷ୍ଟସାଧ୍ୟ ନଳକୂପ ଖନନ କ୍ଷେତ୍ରରେ 'କାଲିକ୍ସ' ରିଗ୍ କଣ୍ଟ୍ରାକ୍ଟରମାନଙ୍କର ସମ୍ପୂର୍ଣ୍ଣ ବକେୟା ପ୍ରାପ୍ୟ ଦିଆଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଅପେକ୍ଷାକୃତ କମ୍ କଷ୍ଟସାଧ୍ୟ ଅଞ୍ଚଳରେ ନଳକୂପ ଖନନ କରିଥିବା 'ଫ୍ଲାସ୍କ ଡ୍ରିଲିଂ ଓ ଅପରେଟିଂ' କଣ୍ଟ୍ରାକ୍ଟରମାନଙ୍କୁ ସେମାନଙ୍କ ବକେୟା ପ୍ରାପ୍ୟର ୫୦ ଭାଗ ଅର୍ଥ ପାଉଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅବଶିଷ୍ଟ ବକେୟା ପ୍ରାପ୍ୟ ଯଥାଶିଘ୍ର ଦିଆଯିବା ପାଇଁ ବ୍ୟବସ୍ଥା ହେଉଥିବା ଜଣାଯାଇଛି । ଏହା ଫଳରେ ସମ୍ପୃକ୍ତ କ୍ଷୁଦ୍ର ଶିଳ୍ପ ସଂସ୍ଥା ଓ କଣ୍ଟ୍ରାକ୍ଟରମାନଙ୍କ ମଧ୍ୟରେ ରହିଥିବା ଅସନ୍ତୋଷ ଦୂର ହେବା ସଙ୍ଗେ ସଙ୍ଗେ ସେମାନେ ଏକ କାଳୀନ ବକେୟା ପ୍ରାପ୍ୟ ପାଇଥିବା ଯୋଗୁ ସେମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେବ ବୋଲି ଆଶାକରାଯାଇଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜ୍ୟରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ଦାୟିତ୍ୱ ପୂର୍ବରୁ ଗୃହ ଓ ନଗର ଉନ୍ନୟନ ବିଭାଗ ଉପରେ ନ୍ୟସ୍ତ ଥିଲା । ବର୍ତ୍ତମାନର ସରକାର କ୍ଷମତାକୁ ଆସିବା ପରେ ଗତ ବର୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗ ନାମରେ ଏକ ନୂତନ ବିଭାଗ ସୃଷ୍ଟି କରାଯାଇ ଗ୍ରାମ୍ୟ ପାନୀୟ ଜଳଯୋଗାଣ ଦାୟିତ୍ୱ ଏହି ବିଭାଗ ଉପରେ ନ୍ୟସ୍ତ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଅର୍ଥ ବିଭାଗର ସମ୍ମିଳିତ ଫଳରେ ଦୀର୍ଘ ୬/ ୭ ବର୍ଷର ବକେୟା ଦେୟ ସମ୍ପୃକ୍ତ କଣ୍ଟ୍ରାକ୍ଟରମାନେ ପାଇବାରେ ସକ୍ଷମ ହୋଇପାରିଛନ୍ତି ।

## ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ

ଗତ ଅଗଷ୍ଟ ମାସରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ତରଫରୁ ଜଣେ ଗେଜେଟେଡ୍ କର୍ମଚାରୀ, ନଅଜଣ ଅଣ–ଗେଜେଟେଡ୍ କର୍ମଚାରୀ ଓ ୨ ଜଣ ସାଧାରଣ ଲୋକଙ୍କ ବିରୁଦ୍ଧରେ ଜାଲ୍ ନିଯୁକ୍ତି ଅର୍ଡର ଉପରେ ଚାକିରୀ କରିବା, ସରକାରୀ ଅର୍ଥ ଆତ୍ମସାତ କରିବା, ଆୟ ତୁଳନାରେ ଅଧିକ ସମ୍ପତ୍ତି ଠୁଳ କରିବା ଓ ଅତ୍ୟାବଶ୍ୟକ ଦ୍ରବ୍ୟ ଅଧିନିୟମ ଉଲ୍ଲଙ୍ଘନ କରିବା ଆଦି ଅପରାଧରେ ୧୦ ଗୋଟି ଫୌଜଦାରୀ ମାମଲା ରୁଜୁ କରାଯାଇଛି ।

ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷମାନେ ଏହି ମାସରେ ଜଣେ ଗେଜେଟେଡ୍ କର୍ମଚାରୀ ଓ ୨ ଜଣ ଅଣ–ଗେଜେଟେଡ୍ କର୍ମଚାରୀମାନଙ୍କର ଖୋରାକି ବାବଦ ଟଙ୍କା ଆତ୍ମସାତ କରିବା ଓ କାମ ନ କରିଥିବା କର୍ମଚାରୀମାନଙ୍କୁ ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରି ଅର୍ଥ ଦେବା ଅପରାଧରେ ଦଣ୍ଡିତ କରିଛନ୍ତି ।

ଏହି ମାସରେ ବାଣିଜ୍ୟ କର କର୍ମଚାରୀମାନଙ୍କ ସହାୟତାରେ ୯୫ ଗୋଟି ବିକ୍ରୀକର ଫାଙ୍କି ମାମଲା ଧରାଯାଇଛି ଓ ଟିକସ ଫାଙ୍କି

ବାବଦରେ ୬ ଲକ୍ଷ ୮ ହଜାର ୩୨୭ ଟଙ୍କା ବିକ୍ରିକର ଆଦାୟ ହେବାର ଆଦେଶ ହୋଇଛି ।

ଜଙ୍ଗଲ ବିଭାଗ କର୍ମଚାରୀମାନଙ୍କ ସହାୟତାରେ ଗତ ଅଗଷ୍ଟ ମାସରେ ୧୫ ଗୋଟି ମାମଲା ଧରାଯାଇ ୧୨ ଜଣ ଲୋକଙ୍କ ବିରୁଦ୍ଧରେ ଜଙ୍ଗଲ ଆଇନରେ କାର୍ଯ୍ୟାନୁଷ୍ଠାନ କରାଯାଇଛି । ସେ ସଂକ୍ରାନ୍ତରେ ପ୍ରାୟ ୪ ଲକ୍ଷ ୧୨ ହଜାର ୧୨୭ ଟଙ୍କା ମୂଲ୍ୟର ସ୍ଲିପରକାଠ ଓ ଜଙ୍ଗଲଜାତ ଦ୍ରବ୍ୟ ଜବତ କରାଯାଇଛି ।

ଏହା ବ୍ୟତୀତ ଏହି ମାସରେ ୫୦ ଗୋଟି ମାପ ଓ ଓଜନ ଠକେଇ, ୧୩ ଗୋଟି ଖାଦ୍ୟ ଅପମିଶ୍ରଣ ଓ ୮୭ ଗୋଟି ବେଆଇନ୍ ମଟର ଯାନ ଚଳାଚଳ ମାମଲା ଧରାଯାଇ ଏ ବାବଦରେ ୭୪, ୩୭୫ ଟଙ୍କା ଜୋରିମାନା ଆଦାୟ କରାଯାଇଛି ।

## ଜାତି ତା'ର ସଙ୍କଳ୍ପ ଓ ଅଧ୍ୟବସାୟ ବଳରେ ବଡ଼ ହୁଏ

ଗୋଟିଏ ଜାତି ତା'ର ସଙ୍କଳ୍ପ ଓ ଅଧ୍ୟବସାୟ ବଳରେ ବଡ଼ ହୁଏ । ଓଡ଼ିଆ ଜାତିର ଗରିମାମୟ ଇତିହାସ, ତା'ର ସଂସ୍କୃତି ଓ ପରମ୍ପରା ସବୁ ମହାନ୍ ଥିଲା । ଅତୀତର ସେଇ ମହାନ୍ ଭିତିଭୂମି ଉପରେ ଠିଆ ହୋଇ ଆମକୁ ଏ ଜାତିର ଭବିଷ୍ୟତ ନିର୍ମାଣ କରିବାକୁ ହେବ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି ।

ଗତକାଲି ପୁରୀ ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ହରିପୁର ଏବଂ ବାଣପୁର ଥାନା ଅନ୍ତର୍ଗତ ସରଳ ସିଂହ ଗୋଟ୍‌ଠାରେ ଅନୁଷ୍ଠିତ ସାଧାରଣ ସଭାମାନଙ୍କରେ ଉଦ୍‌ବୋଧନ ଦେଇ ଶ୍ରୀ ହରିଚନ୍ଦନ କହିଲେ ଯେ କେନ୍ଦ୍ର ସରକାରଙ୍କ ଭ୍ରାନ୍ତ ଅର୍ଥନୀତି ନିଅଣ୍ଟିଆ ବଜେଟ୍ ଓ ଲୋକ ବିରୋଧୀ ନୀତି ଯୋଗୁଁ ପ୍ରତ୍ୟେକ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥମାନଙ୍କର ଦରବୃଦ୍ଧି ଘଟୁଛି । ଆମେ ବାହାରୁ ସମସ୍ତ ଜିନିଷ ଆମଦାନୀ କରୁଥିବାରୁ ଆମଦାନୀ ହେଉଥିବା ସ୍ଥାନରେ ଦର ଉପରେ ଏଠିକାର ଦର ନିର୍ଭର କରୁଛି । ତେଣୁ, ଦରଦାମ୍ ନିୟନ୍ତ୍ରଣ ପାଇଁ ସବୁ କ୍ଷେତ୍ରରେ ରାଜ୍ୟର ଉତ୍ପାଦନ ବୃଦ୍ଧି ପାଇଁ ଜନସାଧାରଣ ସଙ୍କଳ୍ପବଦ୍ଧ ନ ହେଲେ, ଆମର ଦୁର୍ଦ୍ଦଶା ଦୂର ହେବ ନାହିଁ ବୋଲି ସେ କହିଥିଲେ । ରାଜ୍ୟ ସ୍ତରରେ ଦରଦାମ୍ ବୃଦ୍ଧି ରୋକିବା ପାଇଁ ଯାହା ସମ୍ଭବ, ତାହା ଦୃଢ଼ତାର ସହ କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ । ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶରୁ କଞ୍ଚା ଓ ପାଚିଲା କଦଳୀ, ଲେମ୍ବୁ, ସଜନା ଛୁଇଁ ପ୍ରଭୃତି ପନିପରିବା, ଏପରିକି କଞ୍ଚା ଲଙ୍କାମରିଚ ମଧ୍ୟ ଓଡ଼ିଶା ବଜାରମାନଙ୍କରେ ବିକ୍ରି ହେଉଥିବା ଉଲ୍ଲେଖ କରି ପନିପରିବା ଦର ହୁ ହୁ ହୋଇ ବଢୁଥିବା ବେଳେ ଆମ ବାଡ଼ିବଗିଚାରେ ଆମେ ପନିପରିବା ଚାଷ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ ।

## କୋରାପୁଟ ଜିଲ୍ଲା ଗ୍ରାମ୍ୟ ନଳକୂପ ଜଳର ବିଶୁଦ୍ଧତା ସମ୍ପର୍କରେ ପରୀକ୍ଷା

କୋରାପୁଟ ଜିଲ୍ଲାର ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଖନନ କରାଯାଇଥିବା ନଳକୂପଗୁଡ଼ିକର ଜଳର ବିଶୁଦ୍ଧତା ସମ୍ପର୍କରେ ଗ୍ରାମ୍ୟ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭ୍ରାମ୍ୟମାଣ ପରୀକ୍ଷାଗାର ଜରିଆରେ ଦଶମନ୍ତପୁର, କୋରକୁଣ୍ଡା, କଷାଗୁମୁଡ଼ା ଏବଂ କାଶୀପୁର, ଚାରୋଟି ବ୍ଲକର ମୋଟ୍ ୪୨ ଗୋଟି ଆଦିବାସୀ ଅଧ୍ୟୁଷିତ ଆଭ୍ୟନ୍ତରୀଣ ଗ୍ରାମର ନଳକୂପ ଜଳ ପରୀକ୍ଷାମୂଳକ ଭାବରେ ନିକଟରେ ବିଶ୍ଳେଷଣ କରାଯାଇଥିବା ରାଜ୍ୟ ଜନସ୍ୱାସ୍ଥ୍ୟ (ଗ୍ରାମାଞ୍ଚଳ) ମୁଖ୍ୟଯନ୍ତ୍ରୀଙ୍କ ସୂତ୍ରରୁ ପ୍ରକାଶ ।

ବିଶ୍ଳେଷଣ କରାଯାଇଥିବା ୪୨ଟି ଗ୍ରାମର ସମସ୍ତ ୫୬ଟି ନଳକୂପର ଜଳ ଜୀବାଣୁମୁକ୍ତ ବୋଲି ସମ୍ପୃକ୍ତ ଜୀବାଣୁ ବିଶେଷଜ୍ଞଙ୍କ ପ୍ରଦତ୍ତ ବିବରଣୀରୁ ଜଣାଯାଇଛି । ଏହି ଗ୍ରାମମାନଙ୍କରେ ଥିବା ନଳକୂପ ମଧ୍ୟରୁ ୭ଟି ବ୍ୟତୀତ ଅନ୍ୟ ସମସ୍ତ ନଳକୂପର ପ୍ଲାଟଫର୍ମ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ଉକ୍ତ ତଦାରଖରୁ ସୂଚିତ । ଦଶମନ୍ତପୁର ବ୍ଲକରେ ନଅଟି ଗ୍ରାମର ୧୮ଟି ନଳକୂପ, କୋରକୁଣ୍ଡା ବ୍ଲକ୍‌ରେ ନଅଟି ଗ୍ରାମର ୧୨ଟି ନଳକୂପ, କଷାଗୁମୁଡ଼ା ବ୍ଲକ୍‌ର ୧୪ଟି ଗ୍ରାମରେ ୧୪ଟି ନଳକୂପ ଏବଂ କାଶୀପୁର ବ୍ଲକ୍‌ରେ ୧୦ଟି ଗ୍ରାମର ୧୨ଟି ନଳକୂପର ଜଳକୁ ବିଶ୍ଳେଷଣ କରାଯାଇଥିବା ବିବରଣୀରୁ ପ୍ରକାଶ ।

ଏଠାରେ ସୂଚନାଯୋଗ୍ୟ ଯେ ଗତ ବର୍ଷାଋତୁରେ କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ୍‌ରେ ୭୪ ଜଣ, କୋରକୁଣ୍ଡା ବ୍ଲକ୍‌ରେ ୭୭୦ ଜଣ, କଷାଗୁମୁଡ଼ା ବ୍ଲକ୍‌ରେ ୨୯୦ ଜଣ ଏବଂ କାଶୀପୁର ବ୍ଲକ୍‌ରେ ୨୪୮ ଜଣ ବ୍ୟକ୍ତି ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିଲେ । ରାଜ୍ୟର ଅନ୍ୟାନ୍ୟ ଗ୍ରାମାଞ୍ଚଳରେ ରହିଥିବା ନଳକୂପ ଜଳର ବିଶୁଦ୍ଧତା ସମ୍ପର୍କରେ ଭ୍ରାମ୍ୟମାଣ ପରୀକ୍ଷାଗାର ଜରିଆରେ ଜୀବାଣୁ ବିଶେଷଜ୍ଞମାନଙ୍କ ଦ୍ୱାରା ବିଶ୍ଳେଷଣ, ପର୍ଯ୍ୟାୟ କ୍ରମେ କରାଯାଉଥିବା ରାଜ୍ୟ ଜନସ୍ୱାସ୍ଥ୍ୟ (ଗ୍ରାମାଞ୍ଚଳ) ମୁଖ୍ୟଯନ୍ତ୍ରୀଙ୍କଠାରୁ ପ୍ରକାଶ ।

## ରାଜ୍ୟରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି

ରାଜ୍ୟର ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ଗତ ଅଗଷ୍ଟ ମାସରେ ୭୮୩୭ ଜଣ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରିଛନ୍ତି । ସେମାନଙ୍କ ମଧ୍ୟରେ ୬୮୦୬ ଜଣ ମହିଳା ଅଛନ୍ତି । ଏହା ବ୍ୟତୀତ ୧୯,୭୦୫ ଜଣ ମହିଳା 'ଲୁପ୍' ଗ୍ରହଣ କରିଛନ୍ତି ।

ସାର୍ବଜନୀନ ଟିକାଦାନ କାର୍ଯ୍ୟକ୍ରମରେ ୬୨,୬୬୧ ଜଣ ଗର୍ଭବତୀ ମହିଳା ଓ ୬୨,୧୭୭ ଜଣ ଶିଶୁଙ୍କୁ ଡି: ପି: ଟି:, ୫୧,୬୫୫ ଜଣ ଶିଶୁଙ୍କୁ ପୋଲିଓ, ୬୫,୩୧୪ ଜଣ ଶିଶୁଙ୍କୁ ବି: ସି: ଜି: ଏବଂ ୩୮,୭୨୩ ଜଣ ଶିଶୁଙ୍କୁ ମିଳିମିଳା ପ୍ରତିଷେଧକ ଟିକା ଦିଆଯାଇଛି । ଏହା ବ୍ୟତୀତ ୫ ବର୍ଷର ୬୪,୪୯୯ ଜଣ ଶିଶୁଙ୍କୁ ଡି: ଟି:, ୧୦ ବର୍ଷର ୪୨,୭୬୫ ଜଣ ଶିଶୁଙ୍କୁ ଟି: ଟି: ଓ ୧୬ ବର୍ଷର ୨୩,୪୬୭ ଜଣ ପିଲାଙ୍କୁ ଟି: ଟି: ପ୍ରତିଷେଧକ ଟିକା ଦ୍ୱାରା ଉପକୃତ କରାଯାଇଛି । ଏହା ବ୍ୟତୀତ ପୁଷ୍ଟିକର ଖାଦ୍ୟ ଅଭାବଜନିତ ରକ୍ତହୀନତା ରୋଗରେ ପୀଡ଼ିତ ୪୧,୭୬୦ ଜଣ ମହିଳା ଓ ୭୩,୮୭୬ ଜଣ ଶିଶୁଙ୍କୁ ଚିକିତ୍ସା କରାଯିବା ସଙ୍ଗେ ସଙ୍ଗେ ଶିଶୁମାନଙ୍କୁ ୨,୧୮,୧୭୮ଟି ଭିଟାମିନ୍ ବଟିକା ବଣ୍ଟନ କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ରିପୋର୍ଟରୁ ଜଣାପଡ଼ିଛି ।

# "ଭକ୍ତିର ଭାବ ଜାଣେ ଜଗନ୍ନାଥ"

● ଅଧ୍ୟାପକ ରାମନାରାୟଣ ସାହୁ

"ଆଗମ୍ୟ ଭାବ ଜାଣେ ଯଶୋବନ୍ତ
ଗାରକଟା ଯନ୍ତ୍ର ଜାଣେ ଅନନ୍ତ
ଆଗତ ନାଗତ ଅଚ୍ୟୁତ ଭଣେ
ବଳରାମ ଦାସ ତତ୍ତ୍ୱ ବଖାଣେ
ଭକ୍ତିର ଭାବ ଜାଣେ ଜଗନ୍ନାଥ
ପଞ୍ଚ ସଖାଏ ଓଡ଼ିଶା ମହନ୍ତ"

(ଅଚ୍ୟୁତାନନ୍ଦଙ୍କ ଚଉତିଶା)

କାବ୍ୟ ସାହିତ୍ୟର ଅରୁଣୋଦୟ କାଳରେ ଯେଉଁ କେତେକ ପୁଣ୍ୟଶ୍ଳୋକ ପ୍ରଥିତ ଯଶା ମହାପୁରୁଷଗଣ ସ୍ୱ ଅପୂର୍ବ ପ୍ରତିଭା, ପାଣ୍ଡିତ୍ୟ ସାଧନା ଓ ଅଧ୍ୟବସାୟ ବଳରେ ଉତ୍କଳ ଭାଷା ଓ ସାହିତ୍ୟର ପ୍ରାଣ ପ୍ରତିଷ୍ଠା ତଥା ଓଡ଼ିଆ ଜାତିର ଅଜ୍ଞାନ ଅମାନ୍ଧକାରରେ ଜ୍ଞାନାଲୋକର ବର୍ତ୍ତିକା ଧାରଣ ଏ ଜାତିକୁ ବଞ୍ଚାଇବାରେ ସାହାଯ୍ୟ କରିଛନ୍ତି । ସେମାନଙ୍କ ମଧ୍ୟରେ ଭକ୍ତ କବି ଭାଗବତକାର ଜଗନ୍ନାଥ ଦାସଙ୍କ ନାମ ସର୍ବାଗ୍ରେ ସ୍ମରଣୀୟ । ଓଡ଼ିଆ ସାହିତ୍ୟରେ ପଞ୍ଚସଖା ଯୁଗ ଅଦ୍ୟାପି ଏକ ବିବଦମାନ ସମସ୍ୟା । ଏ ସମ୍ପର୍କରେ ବହୁ ଯୁକ୍ତି ବହୁ ଉକ୍ତି, ତର୍କ ବିତର୍କ ଖଣ୍ଡନ ମଣ୍ଡନ ପରି ଲକ୍ଷିତ ହୁଏ । ପଞ୍ଚସଖା (ପଞ୍ଚଶାଖା) କହିଲେ ବଳରାମ, ଜଗନ୍ନାଥ, ଅଚ୍ୟୁତ, ଯଶୋବନ୍ତ ଓ ଅନନ୍ତଙ୍କ ସାହିତ୍ୟ ସୃଷ୍ଟିକୁ ହିଁ ବୁଝାଏ । ବଳରାମ ଦାସଙ୍କ ଭାଷାରେ :

ଆମ୍ଭେ ପ ଞ୍ଚ ସ ଖା ପଞ୍ଚକୁଳରେ
ଜନମ ହୋଇଲୁ କୃଷ୍ଣ ଆଜ୍ଞାରେ,
ଯୁଗଯୁଗରେ ଯେ ଜନମ ହେଉ
କୃଷ୍ଣଲୀଳାମାନ ମୁଖରେ ଗାଉ ।

ଧର୍ମର ପରିପ୍ରଶ୍ନର ଏ ଯୁଗୀୟ ଲେଖାର ମୂଳମନ୍ତ୍ର । ଉଦ୍ଘୋଷଣଭାବେ ଭଜନ, ଚଉତିଶାଦି ବହୁତତ୍ତ୍ୱ ସମ୍ବଳିତ ସୃଷ୍ଟି ଅଦ୍ୟାପି ଶିକ୍ଷିତ ଅଶିକ୍ଷିତଙ୍କ ମୁଖରୁ ଶୁଣାଯାଏ । ଓଡ଼ିଶାରେ ଏପରି ଏକ ସ୍ଥାନ ନାହିଁ ଯେଉଁଠାରେ ଜଗନ୍ନାଥ ଦାସଙ୍କ ଭାଗବତ ବୋଲାନଯାଏ । "ଭାଗବତ ବାଣୀ" ଅତି ଜନପ୍ରିୟ ହେଲେହେଁ ଭକ୍ତକବିଙ୍କ ଜୀବନୀ ଓ ରଚନା ସମ୍ପର୍କରେ ଏଯାବତ ସଠିକ ବିବରଣୀ ସଂଗ୍ରହ କରାଯାଇ ପାରିନାହିଁ । କେବଳ ଓଡ଼ିଶା କାହିଁକି ସର୍ବଭାରତୀୟ ସ୍ତରରେ ମଧ୍ୟ ବହୁ କବି ଦାର୍ଶନିକ କଳାକାର, ଶିଳ୍ପୀଙ୍କ ଜୀବନ ବୃତାନ୍ତ ମଧ୍ୟ ରହସ୍ୟାବୃତ । ଭକ୍ତକବିଙ୍କର ଏହି ରହସ୍ୟ ପୂର୍ଣ୍ଣ ଜୀବନ ସମ୍ପର୍କରେ, ରଚନା ସମ୍ବନ୍ଧରେ ତତ୍କାଳୀନ ତଥା ପରବର୍ତ୍ତୀ କାଳରେ ରଚିତ ବିଭିନ୍ନ ଗ୍ରନ୍ଥ ପ୍ରସଙ୍ଗ, କିମ୍ବଦନ୍ତୀ, ଆଦିକୁ ଭିତ୍ତିକରି ଆଲୋକପାତ କରାଯାଇଛି ମାତ୍ର । ପଞ୍ଚସଖା ଯୁଗର ଏହି ପଞ୍ଚ ମହାତ୍ମାଙ୍କୁ ଶ୍ରୀ ନଗେନ୍ଦ୍ରନାଥ ବସୁ ପ୍ରଚ୍ଛନ୍ନ ବୌଦ୍ଧ, ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତି ଶ୍ରୀ ଚୈତନ୍ୟଙ୍କ ପରିକର ଶଶୀଭୂଷଣ ଦାସଗୁପ୍ତ ତାନ୍ତ୍ରିକ । କାୟା ସାଧକ, ବିମାନ ବିହାରୀ ମଜୁମଦାର ବୈଷ୍ଣବ, ଚିତ୍ତରଞ୍ଜନ ଦାସ ରହସ୍ୟବାଦୀ ରୂପେ ଅଭିହିତ କରିଛନ୍ତି । ପ୍ରତ୍ୟେକ ଭକ୍ତଙ୍କ ଉପାସନା ପ୍ରଣାଳୀ ସ୍ୱତନ୍ତ୍ର ହେଲେହେଁ ପ୍ରାୟ ସମସ୍ତେ ଏକ ନିର୍ଦ୍ଦିଷ୍ଟ ମତବାଦର ଅନୁଗାମୀ ଥିଲେ । ମହାପୁରୁଷ ଯଶୋବନ୍ତ ତଦୀୟ "ଶିବସ୍ୱରୋଦୟ" ଗ୍ରନ୍ଥର ଶେଷରେ ଲେଖିଛନ୍ତିଃ—

"ଏବଂ ଭୂତ ଯେଉଁ ପ୍ରଭୁ ତାଙ୍କ ପଞ୍ଚଭୂତ
ଏକ ଭୂତ ସଖା ଯେ ଅଟଇ ଯଶୋବନ୍ତ"

(ପ୍ରାଚୀ)

ଏ ହ ାର ପ୍ରତିଧ୍ୱନୀ "—ଶୂନ୍ୟ ସଂହିତା"ରେ ଶୁଣିବାକୁ ମିଳେ । ଯଥା:—

ଅନନ୍ତ ଅଚ୍ୟୁତ ଘେନି ଯଶୋବନ୍ତ
ବଳରାମ ଜଗନ୍ନାଥ
ଏ ପଞ୍ଚ ସଖାହିଁ ନୃତ୍ୟ କରିଗଲେ
ଗୌରାଙ୍ଗଚନ୍ଦ୍ର ସହିତ ।

(୧ମ ଅଧ୍ୟାୟ)

ମଧୁର ପ୍ରେମର ଉଚ୍ଛୋଳ କଲ୍ଲୋଳ ପ୍ରବାହିତ କରାଇଥିବା ଶ୍ରୀଚୈତନ୍ୟ ଏହି ପାଞ୍ଚଭକ୍ତଙ୍କ ପ୍ରୀତିର ସୂଚନା ଦେଇ କହିଥିଲେ :—

ତୁମ୍ଭେ ମୋର ପଞ୍ଚଆତ୍ମା ଅଟ ପଞ୍ଚ ପ୍ରାଣ
ଅବତାର ଶ୍ରେଣୀ ଯେତେ ତୁମ୍ଭ ପାଇଁ ଜାଣ ।

(୧୧ ଅଧ୍ୟାୟ)

ଶ୍ରୀଚୈତନ୍ୟଙ୍କ ବର୍ଣ୍ଣିତ ଏହି ପଞ୍ଚଆତ୍ମା ମଧ୍ୟରୁ ଶ୍ରେଷ୍ଠ ଆତ୍ମା ଜଗନ୍ନାଥ ଦାସ ପୁଣ୍ୟ ଶ୍ଳୋକ ଗଜପତି କପିଳେନ୍ଦ୍ରଙ୍କ ସ୍ଥାପିତ କପିଳେଶ୍ୱରପୁର ଶାସନରେ ୧୪୧୨ ଶକାବ୍ଦ (ଖ୍ରୀ: ୧୪୯୦) ଭାଦ୍ର ଶୁକ୍ଳପକ୍ଷ ରାଧାଷ୍ଟମୀ, ବୁଧବାର ମଧ୍ୟାହ୍ନରେ ବୃଷଭାନୁ ରାଜ ଜେମାର "ରଶ୍ମୀ ବୀଜ ଅଧିକା" ରାଧିକାଙ୍କ ଜନ୍ମକ୍ଷଣରେ ହୋଇଥିଲା ବୋଲି ଭକ୍ତଗଣ ତାଙ୍କୁ ଶ୍ରୀରାଧାଙ୍କର ଅଂଶାବତାର ବୋଲି ବିଶ୍ୱାସ କରୁଥିଲେ । ଜନ୍ମ, ଚୂଡ଼ାକରଣ, କର୍ଣ୍ଣବୋଧ, ଆଦି ବୈଦିକ ସଂସ୍କାର ଯଥା ସମୟରେ କରାଯାଇଥିଲା । ଆବାଲ୍ୟରୁ ଅସାଧାରଣ ଧୀଶକ୍ତିର ପରିଚୟ ଦେଇଥିଲେ ଜଗନ୍ନାଥ ଦାସ ।

ଉପନୟନ ପରେ 'ଅମରକୋଷ' କଳାପ ଓ 'ବର୍ଦ୍ଧମାନ' ନାମକ ଦୁଇଗୋଟି ବ୍ୟାକରଣ ଓ ବ୍ରାହ୍ମଣଙ୍କଠାରୁ ବେଦବେଦାନ୍ତ ଦର୍ଶନ ଅଧ୍ୟୟନ କରି ବୈଦିକ ଗୂଢ଼ ତତ୍ତ୍ୱକୁ ଅତି ସରଳଭାବେ ବୁଝାଇ ପଣ୍ଡିତମାନଙ୍କୁ ବିସ୍ମିତ କରାଉଥିଲେ। ସାମ ଓ ଯଜୁର୍ବେଦର ସଂହିତା ମୁଖସ୍ଥ କରି ଶ୍ରୀମଦ୍ ଭାଗବତ ଓ ଅଷ୍ଟାଦଶ ମହାଭାଷ୍ୟରେ ଗଭୀର ଜ୍ଞାନ ଅର୍ଜନ କରିଥିଲେ।

ମୁଖ୍ୟ ଯଶୋବନ୍ତ ହୁଦୁ ଆସେ ଜାତ
ଦକ୍ଷ ଭୁଜ ବଳରାମ

ରାଧାଙ୍କ ହାସରୁ ଜଗନ୍ନାଥ ଜାତ
ହେତୁରେ ବାରଙ୍ଗସେନ।

(ଅପ୍ରକାଶିତ "ରୂପକ ମାଳିକା" ଅନନ୍ତଦାସ ରଚିତ, ୧ମ ଅଧ୍ୟାୟ ଝଙ୍କାର, ଡଃ ରତ୍ନାକର ସାହୁ)

ଏବେ ଯେ ଜଗନ୍ନାଥ ଜନ୍ମ
କହିବା ଶୁଣ ହୋ ଅର୍ଜୁନ।

ପୁରୁଷୋତ୍ତମ ଯେ କ୍ଷେତ୍ରରେ,
ଜନ୍ମିବ ବ୍ରାହ୍ମଣ କୁଳରେ।

ରାଧାଙ୍କ ପ୍ରେମ ଭଜନରେ,
ଚିତ୍ତ ବୁଡ଼ାଇ ନିରନ୍ତରେ।

କରିବ ନାମ ଭାଗବତ,
ଧରିବ ଶ୍ରୀହରିଙ୍କ ମତ।

ଶିଷ୍ୟ ପ୍ରଶିଷ୍ୟ ଯେ କରିବ,
ସମୟେ ପୁଣି ନାଶ ଯିବ।

(ଅଣାକାର ସଂହିତା–ନନ୍ଦଦାସ)

ପିତାଙ୍କ ମୃତ୍ୟୁ ପରେ ଶ୍ରୀମନ୍ଦିର ବେଢ଼ାରେ ପୁରାଣ ପାଠ ଦାୟିତ୍ୱ ଗ୍ରହଣ କରି ପୁରାଣ ପାଠ ବେଳେ ତନ୍ମୟତା ଓ ଜଟିଳ ତତ୍ତ୍ୱର ସରଳ ବ୍ୟାଖ୍ୟାରେ ଶ୍ରୋତା ମଣ୍ଡଳୀଙ୍କୁ ଆକର୍ଷିତ କରାଇ ସେମାନଙ୍କ ହୃଦୟରେ ଅନାବିଳ ବିଭୁ ପ୍ରେମର ଅମୀୟ ବାରି ଧାରା ପ୍ରବାହିତ କରାଇବାର ଦକ୍ଷତା ଥିଲା ଭକ୍ତକବିଙ୍କର। ଶିଷ୍ୟ ଦିବାକର ଦାସଙ୍କ "ଜଗନ୍ନାଥ ଚରିତାମୃତ" ଈଶ୍ୱର ଦାସଙ୍କ "ଚୈତନ୍ୟ ଭାଗବତ" ବଙ୍ଗୀୟ ଗୌଡ଼ୀୟ ବୈଷ୍ଣବ କବି କୃଷ୍ଣଦାସଙ୍କ "ଚୈତନ୍ୟ ଚରିତାମୃତ" ଆଦି ଉପାଦେୟ ଗ୍ରନ୍ଥରୁ ୧୫୦୯ରେ, ଗଜପତି ପ୍ରତାପରୁଦ୍ରଙ୍କ ରାଜତ୍ୱ କାଳରେ, ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ଓ ଜଗନ୍ନାଥ ଦାସଙ୍କ ସନ୍ନ୍ୟାସ ଧର୍ମ ଗ୍ରହଣାଦି ବୃତ୍ତାନ୍ତରୁ କବିଙ୍କ ଧର୍ମପ୍ରତି ଆସକ୍ତି ସ୍ୱତଃ ଅନୁମିତ ହୁଏ। "ଦାର୍ଢ୍ୟତାଭକ୍ତିର ରସାମୃତ"ରେ ଅଛି:–

ଜାତିରେ ଅଟଇ ବ୍ରାହ୍ମଣ,
ସୁଜ୍ଞାନୀ ପଣ୍ଡିତ ସୁଜାଣ।

ଚତୁର ବିବେକତା ମତି,
ଶାନ୍ତ ସ୍ୱଭାବ ଧୀରାମତି।

ଧାର୍ମିକ ବୁଦ୍ଧି ସଦାଶୟ,
ସ୍ୱଭାବେ ସଦାନନ୍ଦ ମୟ।

ସକଳ ଶାସ୍ତ୍ରରେ ସୁଜ୍ଞାତା,
ଜାଣଇ ପାପ ପୁଣ୍ୟ କଥା।

ଜଣେ ଶାସ୍ତ୍ରଜ୍ଞ ପୌରାଣିକ, ବିଦ୍ୱାନ୍‌ ରୂପେ ଜଗନ୍ନାଥ ଦାସଙ୍କ ପାଣ୍ଡିତ୍ୟ ସୌରଭରେ ଚତୁର୍ଦ୍ଦିଗ ସୌରଭାନ୍ୱିତ ହୋଇଥିଲା। ଶ୍ରୀଚୈତନ୍ୟଙ୍କ ସହିତ ପ୍ରଥମ ଦର୍ଶନ ବୃତ୍ତାନ୍ତ "ଜଗନ୍ନାଥ ଚରିତାମୃତ"ରେ କୁହାଯାଇଛି :–

ଅଷ୍ଟାଦଶ ବରଷ ପରେ,
ଶ୍ରୀଚୈତନ୍ୟ ଭେଟ ହେଲେ।

ଆଠବରଷ ନିରନ୍ତରେ,
ସେବିଲେ ଚୈତନ୍ୟ ପୟରେ।

ମନ୍ଦିର ବେଢ଼ା ପରିକ୍ରମା ବେଳେ ଶ୍ରୀଚୈତନ୍ୟ ଜଗନ୍ନାଥ ଦାସଙ୍କ ମୁଖରୁ ଭାଗବତର ବ୍ରହ୍ମସ୍ତୁତି ବ୍ୟାଖ୍ୟା ଶ୍ରବଣରେ ମୁଗ୍ଧ ଓ ଏହାଙ୍କଠାରେ ଅଷ୍ଟସାତ୍ତ୍ୱିକ ଲକ୍ଷଣାଦି ସଂଦର୍ଶନ କରି ତାଙ୍କୁ "ଅତିବଡ଼ୀ" ବୋଲି ଗୌରବ ସୂଚକ ଉପାଧି ପ୍ରଦାନ କରିଥିଲେ।

ଜଣେ "ନିତ୍ୟସିଦ୍ଧ" ତଥା ଯୋଗୀ ଥିଲେ ଜଗନ୍ନାଥ ଦାସ। କିମ୍ବଦନ୍ତୀ କୁହେ ଯୋଗବଳରେ ସେ ସମୁଦ୍ର ଲହରୀକୁ ସାତ ଲହଡ଼ି ମାପରେ ଘୁଞ୍ଚାଇ ପାରିଥିବା ବିଷୟର ମୂକ ସାକ୍ଷୀ ହେଉଛି "ସାତଲହଡ଼ି ମଠ", "ଦାର୍ଢ୍ୟତାଭକ୍ତି"ରେ ଜଗନ୍ନାଥ ଦାସଙ୍କ ପାଣ୍ଡିତ୍ୟ, ନାରୀମହଲରେ ପ୍ରତିପତ୍ତି ଓ ଜଗନ୍ନାଥଙ୍କ ଦ୍ୱାରା ସ୍ୱପ୍ନାଦିଷ୍ଟ ହୋଇ ଭାଗବତ ରଚନାରେ ପ୍ରବୃତ୍ତ ଖଳ ନିନ୍ଦୁକମାନଙ୍କ ପ୍ରରୋଚନାରେ ରାଜାଙ୍କ କ୍ରୋଧ, ଭକ୍ତକବିଙ୍କର ଜଗନ୍ନାଥଙ୍କ କୃପାରୁ ସ୍ତ୍ରୀରୂପ ପ୍ରାପ୍ତି ତାଙ୍କ ଅଲୌକିକ ଶକ୍ତିର ପରିଚୟ ଦିଏ। ଗଜପତି ପ୍ରତାପରୁଦ୍ରଙ୍କୁ ସେ ଅଷ୍ଟଭୁଜ ଦେଖାଇବା ପ୍ରସଙ୍ଗ ଶ୍ରୀଜୀବଗୋସ୍ୱାମୀଙ୍କ "ସୁଧାହ୍ରଦ"ରେ ବର୍ଣ୍ଣନା କରାଯାଇ କୁହାଯାଇଛି।

"ଅଷ୍ଟବାହୁ ଜଗନ୍ନାଥ ଦାସେ ବଂଶୀ ଧନୁଃଶରାନ୍

ଶଙ୍ଖ ଚକ୍ର ଗଦା ପଦ୍ମ
ବିଭ୍ରଚ୍ଛ୍ୟାମୋଽଭବତ୍ତଦା।
(ଓଡ଼ିଆ ସାହିତ୍ୟର ମଧ୍ୟପର୍ବ–ସୁରେନ୍ଦ୍ର ମହାନ୍ତି ପୃ ୨୭୬)

ଏହି ଅଲୌକିକ ସାଧକ ଅତିବଡ଼ୀ ଜଗନ୍ନାଥ ଓଡ଼ିଶାର ତଥା ଓଡ଼ିଆର ପ୍ରାଣେ ପ୍ରାଣେ ନୈସର୍ଗିକ କବିତାର ଆଧ୍ୟାତ୍ମିକ ଚିନ୍ତାଧାରାର ଅଧିକାରୀ ରୂପେ ସୁପ୍ରତିଷ୍ଠିତ ହୋଇ ପାରିଥିଲେ।

ଶ୍ରୀମଦ୍‌ଭାଗବତ ତାଙ୍କର ଶ୍ରେଷ୍ଠକୃତି । "ଓଡ଼ିଆ ଭାଷାଠାରୁ ସମୃଦ୍ଧ ବୋଲି ଦାବୀ କରୁଥିବା ବଙ୍ଗଳା ଭାଷାରେ ମଧ୍ୟ ଏହି ସମୟକୁ କ୍ଲିଷ୍ଟ ସଂସ୍କୃତ ଶ୍ରୀମଦ୍ଭାଗବତ ଗ୍ରନ୍ଥର ଅନୁବାଦ କାର୍ଯ୍ୟ ଆରମ୍ଭ ହୋଇନଥିଲା । ଓଡ଼ିଆ ଭାଗବତ ରଚନାର ୧୪୮ ବର୍ଷ ପରେ ୧୬୪୮ ଖ୍ରୀ: ରେ ବିପ୍ର ସନାତନ ଦାସଙ୍କ ବଙ୍ଗୀୟ ଅନୁବାଦରେ "ଦଶମସ୍କନ୍ଦ" ଅନୁବାଦରେ ଅକ୍ଷମତା ଜନିତ ବିନୟୋକ୍ତି ସହିତ ଓଡ଼ିଆ ଭାଗବତରେ ଭାଷାକୁ ଅବିକଳ ଗ୍ରହଣ କରିଛନ୍ତି । ଏଥିରୁ ଓଡ଼ିଶା ବାହାରେ ଜଗନ୍ନାଥ ଦାସଙ୍କ ପ୍ରଭାବ ସହଜରେ ଅନୁମାନ କରାଯାଇପାରେ । ଯଥା:–

"ଶୁନଶୁନ ଶ୍ରୋତାଗନ କରେ ନିବେଦନ
ପ୍ରଥମ ହଇତେ ଗ୍ରନ୍ଥ ଲେଖିଲୁ ଆପନ

ଦଶମେରେ ଶେଷ ଖଣ୍ଡ ଭାଷାନ ପାଇଲ
ଅନେକତ ପଶି ଗ୍ରାମେ ଗ୍ରାମେ ବେଡ଼ାଇଲ

ଏ ହେତୁ ଉତ୍କଳ ଭାଷା କରିଲ ଲିଖନ
ଜଗନ୍ନାଥ ଦାସ କୃତ ଅପୂର୍ବ ବର୍ଣ୍ଣନ

ଗ୍ରନ୍ଥ ସମାପନ ହେତୁ ଉତ୍କଣ୍ଠ ହଇୟା
ବଙ୍ଗଜ ଭାଷାୟ ଉତ୍କଳ ଭାଷା ମିଶାଇଆ"

ସମ୍ପାଦକୀୟ–"ଅତିବଡ଼ୀ ପରିକ୍ରମା"
ସମ୍ପାଦନା ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ'

ଭକ୍ତକବିଙ୍କ ରଚନାବଳୀ ମଧ୍ୟରେ (୧) ଶ୍ରୀମଦ୍ ଭାଗବତ (୨) ଅର୍ଥକୋଇଲି (୩) ଇନ୍ଦ୍ରଗୋବିନ୍ଦ ଗୀତା (୪) ଇତିହାସ ପୁରାଣ (୫) ଉପାସନା ଶତକ (୬) କୃଷ୍ଣଭକ୍ତି କଳ୍ପଲତା (୭) କୃଷ୍ଣଭକ୍ତି କଳ୍ପଲତା ଫଳ (୮) ଗୁପ୍ତ ଭାଗବତ (୯) ଗଜସ୍ତୁତି (୧୦) ଗୁଣ୍ଡିଚ୍ଚ ବିଜେ (୧୧) ଗୋଲକ ସାରଦ୍ଧାର (୧୨) ଚନ୍ଦ୍ରିକା (୧୩) ଦାଣ୍ଡଧୁଆ ଚଉତିଶା (୧୪) ଦୁତୀବୋଧ (୧୫) ଧ୍ରୁବସ୍ତୁତି (୧୬) ନିତ୍ୟ ଗୁପ୍ତମାଳା (୧୭) ନିତ୍ୟାଶ୍ୱର (୧୮) ନିଳାଦ୍ରି ଶତକ (୧୯) ପାଷାଣ୍ଡ ଦଳନ (୨୦) ଫୁଲତୋଳା (୨୧) ବୋଲେ ହୁଁ (୨୨) ବ୍ରହ୍ମାଣ୍ଡ ଭୂଗୋଳ (ଅପ୍ରକାଶିତ) (୨୩) ଭାଗବତ ସାର (୨୪) ଦୀକ୍ଷା ସମ୍ବାଦ (୨୫) ରାସ (୨୬) ଦାରୁବ୍ରହ୍ମ ଗୀତା (୨୭) ରୁକ୍ମିଣୀ ସ୍ତୁତି (୨୮) ତୁଳାଭିଣା (୨୯) ମହାଭାରତ (୩୦) ମନଶିକ୍ଷା (୩୧) ଶୈବାଗମ ଭାଗବତ (୩୨) ଷୋଳଚଉପଦୀ (୩୩) ପ୍ରେମସୁଧାମ୍ବୁଧି (୩୪) ସଦ୍ଦିତୋପାସନାବିଧି (୩୫) ଶ୍ରୀରାଧା ରସ ମଞ୍ଜରୀ (୩୬) ଜଗନ୍ନାଥ ଚରିତାମୃଧି ସରଣୀ (୩୭) ଜଗନ୍ନାଥ କାରିକା (୩୮) ସତ୍‌ସଙ୍ଗ ବର୍ଣ୍ଣନା (୩୯) ଗୁରିଚଉପଦୀ (୪୦) ଦୀକ୍ଷା ସଂହିତା ସୋପାନ ବିଧି (୪୧) ଦହିଖେଳ (୪୨) ମାଳିକାଦୀକ୍ଷା ସମ୍ବାଦ (୪୩) ରାମାୟଣ (୪୪) ଭକ୍ତିଚନ୍ଦ୍ରିକା (୪୫) ମହିମାଲେଖ୍ଯ ଭବିଷ୍ୟାନ୍ତ (୪୬) ସଦର ଜମା ଚକଡ଼ା ମଦାଣ (୪୭) ନିତ୍ୟଗୁପ୍ତ ଚିନ୍ତାମଣି (୪୮) ଭିକ୍ଷାବୋଲି ଚଉତିଶା (ଅପ୍ରକାଶିତ) (୪୯) ମନଶିକ୍ଷା (୫୦) ଗୁରିଚଉପଦୀ (୫୧) ଆଉ ଏଣିକିରେ ମନ (ଭଜନ) ଭାଗବତ ଭଜନମାଳା' ପ୍ରଭୃତି ।

କେତେକ ବର୍ଷ ତଳେ ଜରାଜୀର୍ଣ୍ଣ ଏକ ତାଳପତ୍ର ପୋଥିରୁ ପ୍ରାପ୍ତ ଜଗନ୍ନାଥ ଦାସଙ୍କ ନାମରେ ଭଣିତା "ଭିକ୍ଷାବୋଲି ଚଉତିଶା" ଓ "ବ୍ରହ୍ମାଣ୍ଡ ଭୂଗୋଳ" ଅତିବଡ଼ୀଙ୍କ ଆଉ ଦୁଇଟି ରଚନା ବୋଲି ମନେହୁଏ । ବିଷୟ ବସ୍ତୁ ଓ ଭାଷା ଦୃଷ୍ଟିରୁ ଏହାକୁ ଭକ୍ତକବିଙ୍କ ରଚନାବଳୀର ଅନ୍ତର୍ଭୁକ୍ତ କରା ଯାଇପାରେ । ଭକ୍ତକବି ବଳରାମ ଦାସଙ୍କ ରଚିତ ୮୪ ଅଧ୍ୟାୟ ବିଶିଷ୍ଟ "ବ୍ରହ୍ମାଣ୍ଡ ଭୂଗୋଳ" ସହିତ ଏହାକୁ ତୁଳନା କରାଯାଇ ପାରେ । ଶ୍ରୀମଦ୍ ଭାଗବତର କେତେକ ପଦର ଅର୍ଥର ସରସ ବ୍ୟାଖ୍ୟା ଏହାର ବିଷୟବସ୍ତୁ । ବଳରାମ ଦାସଙ୍କ ରଚିତ "ବ୍ରହ୍ମାଣ୍ଡ ଭୂଗୋଳ"ର–

"ଅର୍ଜ୍ଜୁନ ବେନି କର ଯୋଡ଼ି
କହେ ଗୋବିନ୍ଦ ପାଦେ ପଡ଼ି ।

ଭୋନାଥ ଆରତ ଭଞ୍ଜନ
କରୁଣା ସିନ୍ଧୁ ଜନାର୍ଦ୍ଦନ ।।

("ବ୍ରହ୍ମାଣ୍ଡ ଭୂଗୋଳ" ୧ମ ଅଧ୍ୟାୟ) ସହିତ ଜଗନ୍ନାଥ ଦାସଙ୍କ "ବ୍ରହ୍ମାଣ୍ଡ ଭୂଗୋଳ" ରେ–

ଅର୍ଜ୍ଜୁନ କୃତ୍ୟ କୃତ୍ୟ ହୋଇ
ଶ୍ରୀକୃଷ୍ଣ ଚରଣେ ପୁଛଇ ।
ଭୋନାଥ କମଳା ରମଣ,
କରୁଣାସିନ୍ଧୁ ଦିବ୍ୟଜ୍ଞାନ ।।

ତୁଳନୀୟ ।

("ବ୍ରହ୍ମାଣ୍ଡ ଭୂଗୋଳ"–୧ମ ଅଧ୍ୟାୟ)

ଅର୍ଜ୍ଜୁନ ଉବାଚଃ –

ନମଇ ନୃସିଂହ ଚରଣ
ଅନାଦି ପରମ କାରଣ ।
ଏହାର ଅର୍ଥ କହ ହରି
ନମସ୍ତେ ମୁକୁନ୍ଦ ମୁରାରୀ ।।

× × × × ×

ଶୁଣି ଅର୍ଜ୍ଜୁନର ବଚନ
କହନ୍ତି ଦେବକୀ ନନ୍ଦନ ।

ଶୁଣ ଅର୍ଜ୍ଜୁନ ମୁଁ କହଇ
ନମଇଁ ନମସ୍କାର କହି ।।

× × × × ×

ନୃସିଂହ ରୂପ ସେ ବୋଲାଇ
ଅରୂପ ରୂପ ସେ ଅଟଇ ।

ପରମ ପୁରୁଷ ସେ ଜାଣ
ସେହିଟି କରନ୍ତି କାରଣ ।। (୧୫ ପଦ)

× × × × ×

ପରମ ଶୂନ୍ୟ ଯେ ବୋଲାଇ
ଅନାଦି ଅର୍ଥ ଦେବା କହି ।

ନୃସିଂହ ଚରଣ ଓଁକାର
ଏମନ୍ତ ଏଥିର ବିଗ୍ରହ ॥

× × × × ×

ଅକ୍ଷର ଭେଦରେ କହିବା
ମନର ସଂଶୟ ଫେଡ଼ିବା ।

'ନ'ଅଟି ନିରଞ୍ଜନ ରୂପ
'ମ'ଅଟି ମୋ ମୁଖ ନିରୋପ ॥
'ଶି' ଅଟି ଓଁକାର ବୋଲାଇ××××

× × × × ×

ସେହିପରି ୪ର୍ଥ ଅଧ୍ୟାୟରେ–

ପ୍ରଥମ ସନ୍ଧ ଯାହା କହି
ସେ ମୋର ଚରଣ ଅଟଇ ।
ଦ୍ୱିତୀୟ ସନ୍ଧ ଆଣ୍ଠୁ ମୋର
ତୃତୀୟ ଜାନୁର ବିସ୍ତର ॥
ଚତୁର୍ଥ କଟି ଭାଗ ହୋଇ
ପଞ୍ଚମ ମୋ ନାଭି ଅଟଇ" ଇତ୍ୟାଦି

ଉପରୋକ୍ତ ଗ୍ରନ୍ଥ ବ୍ୟତୀତ ବହୁ ଅପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ଲୋକଲୋଚନକୁ ଆସି ନଥିବା ବିଷୟକୁ ମଧ୍ୟ ଅସ୍ୱୀକାର କରାଯାଇ ନପାରେ । ଏହି ଗ୍ରନ୍ଥ ସହିତ ଶ୍ରୀଚୈତନ୍ୟଙ୍କ ଜୀବନର ବହୁ ମହତ୍ୱ ପୂର୍ଣ୍ଣ ଘଟଣା ମଧ୍ୟ ସଂଶ୍ଳିଷ୍ଟ ଥିବା ଅସମ୍ଭବ ହୋଇନପାରେ । ଶ୍ରୀଚୈତନ୍ୟଙ୍କ ଜୀବନର ଭକ୍ତିପୂତ ମୁହୂର୍ତ୍ତ ଉତ୍କଳରେ ଅତିବାହିତ ହୋଇ ଥିଲେହେଁ, ଉତ୍କଳକୁ ଆପଣାର ସାଧନାର ଭୂମି ରୂପେ ଅନ୍ତିମ ସମୟ ଯାଏଁ ଗ୍ରହଣ କରି ଥିଲେହେଁ ଚୈତନ୍ୟ ଚରିତ ଗ୍ରନ୍ଥାଦିରେ ତଥା ଗୌଡ଼ୀୟ ସମ୍ପ୍ରଦାୟ ଗ୍ରନ୍ଥାଦିରେ ପଞ୍ଚ ସଖାଙ୍କ ନାମ ଉଲ୍ଲେଖ ନଥିବା ବିଷୟ ରହସ୍ୟାତ୍ମକ ଓ କୌତୂହଳ ପୂର୍ଣ୍ଣ ମନେ ହେବା ସ୍ୱାଭାବିକ । ଅନ୍ୟ ପକ୍ଷରେ, ଉତ୍କଳୀୟ ବୈଷ୍ଣବ ସାଧକମାନେ ଶ୍ରୀଚୈତନ୍ୟଙ୍କ ଘନିଷ୍ଠ ସମ୍ପର୍କରେ ଆସିଥିବା ଓ ତାହାଙ୍କର ନିତ୍ୟଲୀଳା ପରିକର ରୂପେ ଗୃହୀତ ହୋଇଥିବା ବିଷୟକୁ ସେମାନଙ୍କର ରଚନାରେ ପ୍ରସଙ୍ଗ କ୍ରମେ ଉଲ୍ଲେଖ କରିଛନ୍ତି । ଚୈତନ୍ୟଙ୍କ ଶ୍ରୀକ୍ଷେତ୍ର ଅବସ୍ଥାନ କାଳରେ ରାୟରାମାନନ୍ଦ, ମାଧବୀଦାସୀ, ହରି ଦାସ, କାଶୀ ମିଶ୍ର, ଶିଖି ମହାନ୍ତି, କୃଷ୍ଣ ଦାସ, ପ୍ରଦ୍ୟୁମ୍ନ ମିଶ୍ର, ତୁଳସୀ ପଡ଼ିଆ ଜଗନ୍ନାଥ ମହାନ୍ତି ପ୍ରଭୃତିଙ୍କ ସହିତ ଓଡ଼ିଶାର ଗଜପତିଙ୍କ ପ୍ରସଙ୍ଗ ବର୍ଣ୍ଣନା କରାଯାଇଥିଲେହେଁ ପଞ୍ଚସଖାଙ୍କୁ ଉପେକ୍ଷା କରା ଯାଉଥିବା ସଂକୀର୍ଣ୍ଣ ସାମ୍ପ୍ରଦାୟିକତାର ପରିଚୟ ବୋଲି କେତେକ ସମାଲୋଚକ ମତ ଦିଅନ୍ତି । ଓଡ଼ିଆ "ଚୈତନ୍ୟବିଳାସ" ମାଧବ ପଟ୍ଟନାୟକଙ୍କର ରଚନାରେ ପଞ୍ଚ ସଖାଙ୍କ ନାମ ଉଲ୍ଲେଖ ନକରାଯାଇ ଥିଲେହେଁ ପ୍ରାଚୀନତମ ବଙ୍ଗୀୟ ବନ୍ଦନା ଗ୍ରନ୍ଥରେ–

ଜଗନ୍ନାଥ ଦାସ ବନ୍ଦୋ ସଙ୍ଗୀତ ପଣ୍ଡିତ
ଯାର ଗାନ ରସେ ଜଗନ୍ନାଥ ବିମୋହିତ ।

(ଦେବକୀନନ୍ଦନଙ୍କ ବଙ୍ଗଳା
ବୈଷ୍ଣବ ବନ୍ଦନା–ପୃଃ ୧୦୯–)

ବୋଲି କହି ଜଗନ୍ନାଥଙ୍କ ଶ୍ରେଷ୍ଠତ୍ୱ ଉତ୍କଳ ବାହାରେ ପ୍ରକଟିତ କରିଛନ୍ତି । "ପ୍ରାବନ୍ଧିକ ସଚ୍ଚିଦାନନ୍ଦ ମିଶ୍ର, କବି ସଚ୍ଚି ରାଉତରାୟ ଓ ଲବ୍ଧ ପ୍ରତିଷ୍ଠା ସମାଲୋଚକ ଡଃ ନଟବର ସାମନ୍ତରାୟ" ପ୍ରମୁଖ ପଞ୍ଚସଖାଙ୍କ ଅବସ୍ଥିତି ଓ ପରମ୍ପରାକୁ ସ୍ୱୀକାର କରୁନଥିବା ଓ ଡଃ ରତ୍ନାକର ସାହୁ ଉତ୍କଳ ସଙ୍ଗୀତ ସାହିତ୍ୟାନୁରାଗୀ ସୁଧୀବର୍ଗଙ୍କ ସମ୍ମୁଖରେ ଏ ସାହିତ୍ୟିକ ଗଣଙ୍କ କୃତିର ମହତ୍ୱ ଭୂୟସୀ ପ୍ରଶଂସା କରିଛନ୍ତି । ଯଥାର୍ଥରେ କୁହାଯାଇଛି :–

ଜଗନ୍ନାଥ ଦାସଙ୍କ କବିତ୍ୱ ମୃଦୁ–ମଧୁର ପଦ ସମ୍ପତି କର୍ଣ୍ଣ ରସାୟନ ଏବଂ ଯଥୋଚିତ ପ୍ରମିତ ଶବ୍ଦାର୍ଥଲଙ୍କାର–ଭାସ୍ୱର ଓ ଭାବ ବ୍ୟଞ୍ଜକ ଥିବାରୁ ଆପାମର ପଣ୍ଡିତ–ଜନ ମନୋରଞ୍ଜନ ରୂପେ ସମସ୍ତଙ୍କର ହୃଦୟରେ ଆମଳାନନ୍ଦ ସନ୍ଦେହ ଜନ୍ମାଇ ଦେଉଅଛି ।"
("ଶ୍ରୀମଦ୍ ଭାଗବତ ସମାଲୋଚନା"–ପଣ୍ଡିତ ଗୋପୀନାଥ ନନ୍ଦଶର୍ମା)

"ଘଡ଼ିସନ୍ଧି ବେଳେ ଏହି ସାଧକ ତଥା କବିମାନେ ଆବିର୍ଭୂତହୋଇ ଚିରାଚରିତ ପ୍ରଥାର ସ୍ୱାଭାବିକ ବିରୋଧ କରି ଯେଉଁ ବିପ୍ଳବର ସଂକେତ ଦେଇଥିଲେ ଓଡ଼ିଆଜାତି ଓ ସମାଜର ବିକାଶର ସମସ୍ତ ଦିଗ ଯେପରି ପୁଷ୍ପ ଚନ୍ଦନରେ ଅଭିଷିକ୍ତ କରିଦେଇଗଲେ ଓଡ଼ିଆ ଜାତିର ପ୍ରାଣରେ ଅଦ୍ୟାବଧି ତା'ର ଗୁରୁତ୍ୱ ଓ ମହତ୍ୱ ସ୍ୱୀକାର୍ଯ୍ୟ ଓ ସ୍ମରଣୀୟ । ସେହିହେତୁ ଏମାନେ ହେଉଛନ୍ତି ଜାତିର ନେତା ସଂସ୍କାରକ, ଶିକ୍ଷକ, ଧର୍ମୋପଦେଷ୍ଟା, ଜାତିପ୍ରତି ଏମାନଙ୍କ ଦାନ କାଳର ପ୍ରଭାବରେ କେବେ ମଳିନ ହୋଇନପାରେ ।" ଅଦ୍ୟାପି କୀଟଦ୍ରଂଷ୍ଟ ଭାବେ ଉତ୍କଳ ପୁର ପଲ୍ଲିରେ ଅବହେଳିତ ଅବସ୍ଥାରେ ପଡ଼ି କ୍ରମଶ ବିସ୍ମୃତି ଗର୍ଭରେ ଲୋପ ପାଇବାକୁ ଯାଉଥିବା ବହୁ ଉପାଦେୟ ଅମୂଲ୍ୟ ଗ୍ରନ୍ଥ ଲୋକଲୋଚନକୁ ଆସିଲେ ପଞ୍ଚସଖା ଏକ ବିବାଦମାନ ସମସ୍ୟା ହୋଇ ନରହି ଏ ସାହିତ୍ୟ ଉତ୍କଳ ସଂସ୍କୃତିର, ଓଡ଼ିଆର ପ୍ରାଣର ବାଣୀ ହେବ ।

**ସହାୟକ ଗ୍ରନ୍ଥ :**

(୧) ପ୍ରାଚୀନ ଉତ୍କଳ–ଜଗବନ୍ଧୁ ସିଂହ (୨) ଶିବ ସ୍ୱରୋଦୟ–ପ୍ରାଚୀ ପ୍ରକାଶିତ (୩) ପଞ୍ଚସଖା–ସତ୍ୟ ନା ପ୍ରହସନ ଡଃ: ରତ୍ନାକର ସାହୁ, ଝଙ୍କାର, ମେ, ୯୮ (୪) ଆଲୋଚନା ମାଳା, ଡଃ: କାହ୍ନୁଚରଣ ମିଶ୍ର (୫) ପଞ୍ଚସଖା ସାହିତ୍ୟ–ଅଧ୍ୟାପକ ଦେବେନ୍ଦ୍ର ମହାନ୍ତି (୬) ସାହିତ୍ୟ ଆଲୋକ–ଗଙ୍ଗାଧର ବଳ (୭) ଓଡ଼ିଆ ସାହିତ୍ୟର ମଧ୍ୟପର୍ବ–ସୁରେନ୍ଦ୍ର ମହାନ୍ତି (୮) ଜହର ଦାସ

ଜଗନ୍ନାଥ - ଭଗବାନ ଦାଶ, ସମାଜ ୨୩-୭-୧୯୭୦ (୯) ସାହିତ୍ୟ ବୀକ୍ଷା-ଦେବୀ ପ୍ରସନ୍ନ ପଟ୍ଟନାୟକ (୧୦) ଅଦ୍ୱିତୀୟ ଜଗନ୍ନାଥ ଦାସ ଗୋସ୍ୱାମୀ-ପ୍ରକାଶକ ଭୁବନ ଦାସ ଗୋସ୍ୱାମୀ (୧୧) Typical selection from Oriya Literature ବିଜୟ ଚନ୍ଦ୍ର ମଜୁମଦାର (୧୨) ଓଡ଼ିଆ ସାହିତ୍ୟର ଇତିହାସ-ପଣ୍ଡିତ ବିନାୟକ ମିଶ୍ର (୧୩) ଓଡ଼ିଆ ସାହିତ୍ୟର ଇତିହାସ-ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ(୧୪) ଅଣାକାର ସଂହିତା-ପ୍ରାଚୀ-ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତି (୧୫) ବଟ ଅବକାଶ-ପ୍ରାଚୀ-ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତି (୧୬) ଶିବ ସ୍ୱରୋଦୟ-ପ୍ରାଚୀ-ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତି (୧୭) ଅଚ୍ୟୁତାନନ୍ଦ ଓ ପଞ୍ଚସଖା-ଚିତ୍ତରଞ୍ଜନ ଦାସ (୧୮) ଜଗନ୍ନାଥ ପରିକ୍ରମା-ବ୍ରଜମୋହନ ମହାନ୍ତି (୧୯) ଭକ୍ତ କବି ଜଗନ୍ନାଥଙ୍କ ଜୀବନ, ଚରିତର ଉପାଦାନ-ଚିନ୍ତାମଣି ଆଚାର୍ଯ୍ୟ ।

---

ବିଜ୍ଞାନ ମହାବିଦ୍ୟାଳୟ,
ହିଞ୍ଜିଳି କାଟୁ,
ଗଞ୍ଜାମ ।

# କଟା ହାତର ପୁନଃ ସଂଯୋଗ - ଏକ ବିରଳ ଅସ୍ତ୍ରୋପଚାର

ସ୍ରଷ୍ଟାଙ୍କର ଅମୃତମୟ ସୃଷ୍ଟିରେ ଜନନୀର ଜରାୟୁରେ ଭ୍ରୂଣସଞ୍ଚାର ଏବଂ ଏକ ସୁକୁମାର ଶିଶୁର ଜନ୍ମଠାରୁ ଆରମ୍ଭକରି ଏକ ପୂର୍ଣ୍ଣାଙ୍ଗ ମଣିଷର ସମ୍ପୂର୍ଣ୍ଣ ଅବୟବର ଦର୍ଶନ ଅତି ସୁନ୍ଦର । କିନ୍ତୁ ବେଳେ ବେଳେ ମଣିଷର ଶରୀର ଖଣ୍ଡ ବିଖଣ୍ଡିତ ହୋଇଥାଏ । ପ୍ରାକୃତିକ ଉପାୟରେ ହେଉ ବା ଦୁର୍ଘଟଣା ଜନିତ କାରଣ ଯୋଗୁଁ ହେଉ ମଣିଷର ବିକଳାଙ୍ଗ ଅବୟବ ବା ଭିନ୍ନ ଅଙ୍ଗର ଦୃଶ୍ୟ ଅତି କରୁଣ ଓ ହୃଦୟ ବିଦାରକ, କିନ୍ତୁ ଏ ସମସ୍ତ ଦୁଃଖମୟ ପରିସ୍ଥିତିର ଏକ ସୁଖାନ୍ତ ପରିସମାପ୍ତି ଘଟାଇ ପାରିଛି ଆଧୁନିକ ଚିକିତ୍ସା ବିଜ୍ଞାନ ।

ସମ୍ପ୍ରତି କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହାସପାତାଳର ଆଶୁ ଚିକିତ୍ସା ବିଭାଗରେ ଗତ ୨୩ ତାରିଖରେ ଆଳି ଅଞ୍ଚଳର ଜଣେ ୨୩ ବର୍ଷ ବୟସ୍କ ଯୁବକ ଆଡ଼ମିଶନ୍ ନେଇଥିଲେ । ଯୁବକଙ୍କ ଡାହାଣ ହାତ କବଜିରୁ ପାପୁଲିଟି କଟି ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା । ଦୁର୍ଘଟଣା ପରେ ପରେ ଛିନ୍ନ ପାପୁଲିଟିକୁ ଏକ ବ୍ୟାଗରେ ପୁରାଇ ଯୁବକଙ୍କ ସହ ଅଣାଯାଇଥିଲା ହାସପାତାଳକୁ । ହାସପାତାଳର ଚିକିତ୍ସା ବିଶେଷଜ୍ଞମାନେ ପରୀକ୍ଷା କରି ସ୍ଥିର କଲେ ଯେ କଟା ହାତଟି ପୁଣି ଥରେ ଯୋଡ଼ାଗଲେ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଅଣାଯାଇ ପାରିବ । ଛିନ୍ନ ପାପୁଲିଟିକୁ କିଛି ସମୟ ସାଲାଇନ୍ ଓ ବରଫ ଭିତରେ ରଖାଯାଇଥିଲା । ଯୁବକଙ୍କ ହାତରେ ଅତି ସୂକ୍ଷ୍ମ ଅସ୍ତ୍ରୋପଚାରର ଆବଶ୍ୟକତା ଥିବାରୁ ତାଙ୍କୁ ହାସ୍‌ପାତାଳର ହୃଦ୍ ବକ୍ଷ ଶଲ୍ୟ ଅସ୍ତ୍ରୋପଚାର ଗୃହକୁ ନିଆଗଲା । ସେଠାରେ ଏସ୍: ସି: ବି: ମେଡ଼ିକାଲ କଲେଜର ବିଶେଷଜ୍ଞ ଡାକ୍ତର ରମାରମଣ ଷଡ଼ଙ୍ଗୀ, ଡାକ୍ତର ସନ୍ତୋଷ କୁମାର ରଥ, ଡାକ୍ତର ଉଦୟନାଥ ମିଶ୍ର ଓ ଡାକ୍ତର ଦେବାଶୀଷ ମିଶ୍ର ପ୍ରମୁଖ ଦୀର୍ଘ ଆଠ ଘଣ୍ଟା ଧରି ଅସ୍ତ୍ରୋପଚାର କରି ଛିନ୍ନ ପାପୁଲିଟିକୁ ଡାହାଣ ହାତର ମଣିବନ୍ଧରେ ଲଗାଇ ଦେଇଥିଲେ । ସେତେବେଳେ ନିଶ୍ଚେତକ ଦାୟିତ୍ୱରେ ଡାକ୍ତର ହେମନ୍ତ ତ୍ରିପାଠୀ ଓ ଡାକ୍ତର ଲକ୍ଷ୍ମୀଧର ଥିଲେ ।

ମଣିବନ୍ଧ ଓ ପାପୁଲିର ଅସ୍ଥି, ମାଂସପେଶୀ, ରକ୍ତବାହୀ ଧମନୀ, ଶିରା ଓ ସ୍ନାୟୁର ସଂଯୋଗ ଅତି ସୂକ୍ଷ୍ମ ଅସ୍ତ୍ରୋପଚାର ଦ୍ୱାରା କରାଯାଇଥିଲା ଏବଂ ଡାକ୍ତରମାନେ 'ମାଗ୍‌ନିଫାଇଂ' ଗ୍ଲାସ୍ ପିନ୍ଧି ଏହି କାର୍ଯ୍ୟ କରିଥିଲେ । ଅସ୍ତ୍ରୋପଚାର ପରେ ପୁନଃ ସଂଯୋଗ ପାପୁଲି ମଧ୍ୟକୁ ପୁଣି ଶରୀରରୁ ସ୍ୱାଭାବିକ ଭାବେ ରକ୍ତ ସଞ୍ଚାଳିତ ହୋଇଥିଲା । ରକ୍ତ ଅଭାବରୁ ଶେତା ପଡ଼ିଯାଇଥିବା ଜଡ଼ ଶୀତଳ ପାପୁଲିଟି ରକ୍ତ ପ୍ରବାହରେ ପୁଣି ଥରେ ଲାଲ୍ ଓ ଉଷ୍ମ ହୋଇଯାଇଥିଲା । ଯୁବକ ଜଣକ ହେଉଛନ୍ତି ଇଞ୍ଜିନିୟରିଂ କଲେଜର ଶେଷ ବର୍ଷର ଛାତ୍ର ।

ପୁଣି ଗତ ୩-୧୧-୧୯୯୧ ତାରିଖରେ ଢେଙ୍କାନାଳର ଜନୈକା ମହିଳାଙ୍କର ବାମ ହାତ କଟିଯିବାରୁ, ସେ ଡାହାଣ ହାତରେ ବାମ ହାତଟି ଧରି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜକୁ ଆସିଥିଲେ । ଦୀର୍ଘ ୧୦ ଘଣ୍ଟା ଧରି ଛିନ୍ନ ପାପୁଲିଟିର ସଂଯୋଗ ମଣିବନ୍ଧ ସହ କରାଯାଇଥିଲା ।

ଚିକିତ୍ସା ବିଜ୍ଞାନର ଏ ଅଭୂତପୂର୍ବ ସାଫଲ୍ୟ ଯୋଗୁଁ ଛିନ୍ନ ହୋଇଥିବା ଅଙ୍ଗର ପୁନଃ ସଂଯୋଗ, ଆମ୍ଭମାନଙ୍କୁ ଯେ ନିଶ୍ଚିତ ଭାବେ ଏକ ଭିନ୍ନ ଓ ଉଜ୍ଜ୍ୱଳ ପଥ ପ୍ରଦର୍ଶନରେ ସହାୟ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଡାକ୍ତର ରମାରମଣ ଷଡ଼ଙ୍ଗୀ,
ହୃଦ ବକ୍ଷ ଶଲ୍ୟ ବିଶେଷଜ୍ଞ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ ।

# * ବିଶେଷ ସୂଚନା *

ଉତ୍କଳ ପ୍ରସଙ୍ଗର ପାଠକ ପାଠିକାମାନଙ୍କୁ ସେମାନଙ୍କ ସୁଚିନ୍ତିତ ମତାମତ ଉପସ୍ଥାପନ କରିବା ସୁଯୋଗ ଦେବା ନିମନ୍ତେ **ପାଠକଙ୍କ କଲମରୁ** ବିଭାଗ ସୃଷ୍ଟି କରାଯାଇଛି ।

ଆଗ୍ରହୀ ପାଠକ ପାଠିକାମାନେ ନିମ୍ନରେ ଦିଆଯାଉଥିବା କୁପନ ବ୍ୟବହାର କରି ସେମାନଙ୍କ ପ୍ରଶ୍ନ ବା ମତାମତ ପଠାଇବାକୁ ଅନୁରୋଧ ।

ସଚିବ ଓ
ମୁଖ୍ୟ ସମ୍ପାଦକ

- - - - - - - - - - CUT HERE - - - - - - - - - -

**ପ୍ରଶ୍ନ କର୍ତ୍ତାଙ୍କ ପାଇଁ କୁପନ**

**ପ୍ରଶ୍ନ କର୍ତ୍ତାଙ୍କ ଠିକଣା**

ନାମ ..........................

ଗ୍ରାମ ..........................

ପୋଷ୍ଟ ..........................

ଥାନା .................. ଜିଲ୍ଲା ..................

କେବଳ ୩୧/୧୨/୧୯୯୨ ପୂର୍ବରୁ ବ୍ୟବହାର ପାଇଁ

ମତାମତ ବା ପ୍ରଶ୍ନ

..........................................................................

..........................................................................

..........................................................................

..........................................................................

..........................................................................

..........................................................................

..........................................................................

..........................................................................

..........................................................................

..........................................................................

..........................................................................

..........................................................................

ସ୍ୱାକ୍ଷର

OGP—MP—PTS (I&PR) 32—6,000—8-11-1991

# ୧୯୯୧
# ଓଡ଼ିଶା ଉତ୍ସବ
## ନୂଆଦିଲ୍ଲୀ



VOL. XLVIII NO. 4 UTKAL PRASANGA Regd. No. 0-05/91
Licence No. C.R.N.P. 5—Licensed to post without Pre-Payment

PRINTED AT ORISSA GOVERNMENT PRESS, CUTTACK-10



ଉତ୍କଳ
ପ୍ରସ





